

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୪ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 24 September 2026
Vol.No. 36 ■ No.251 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଖବର ପ୍ରକାଶ ପାଇବା ପରେ ଆଗକୁ ଆସିଲେ ବିରୋଧୀ:

# ତୁରନ୍ତ ଇସ୍ତଫା ସହ ଜ୍ଞାନେଶ କୁମାରଙ୍କ ଗିରଫ ଦାବି




ନୂଆଦିଲ୍ଲୀ,୨୩/୯ : ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ଦୁଇ ନିର୍ବାଚନ କମିଶନର ନିଯୁକ୍ତିକୁ ନେଇ ସରକାର ପ୍ରସ୍ତୁତ କରିଥିବା ଆଇନର ସାମ୍ବିଧାନିକ ବୈଧତାକୁ ନେଇ ଅସହମତି । ଆଇନକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନର ଶୁଣାଣି ବେଳେ ଏକମତ ହୋଇ ପାରି ନାହାନ୍ତି ଦୁଇ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ। ଆବେଦନକାରୀ ମାମଲାର ବିଚାର ବୃହତ୍ତର ୫ ଜଣିଆ ବେଞ୍ଚକୁ ପଠାଇବାକୁ ଅନୁରୋଧ କରିଥିଲେ ହେଁ ଦୁଇ ବିଚାରପତି ଏଥିରେ ଏକମତ ହୋଇପାରି ନାହାନ୍ତି। ଏବେ ଏହି ପ୍ରସଙ୍ଗକୁ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ଆଗରେ ଉପସ୍ଥାପନ କରାଯାଇଛି। ସେ ହିଁ ଆବେଦନ ବୃହତ୍ତର ବେଞ୍ଚକୁ ଶୁଣାଣି ପାଇଁ ଯିବ କି ନାହିଁ, ତା'ର ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ନିର୍ବାଚନ କମିଶନର ନିଯୁକ୍ତ ଆଇନ ବିରୋଧରେ ହୋଇଥିବା ଆବେଦନର ଶୁଣାଣି ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କରିଛନ୍ତି। ୨୦୨୩ରେ ଭାରତ ସରକାର ପ୍ରଣୟନ କରିଥିବା ଆଇନରେ ନିଯୁକ୍ତି ପ୍ୟାନେଲରୁ ପ୍ରଧାନ ବିଚାରପତିଙ୍କୁ ହଟାଇ ଦେଇଛନ୍ତି। ତାଙ୍କ ବଦଳରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କ୍ୟାବିନେଟ ମନ୍ତ୍ରୀ ନିଯୁକ୍ତି ପ୍ୟାନେଲରେ ରହିବାର ବ୍ୟବସ୍ଥା କରାଯାଇଛି । ଏହାକୁ ଆବେଦନକାରୀ ବିରୋଧ କରିଛନ୍ତି। ଶୁଣାଣି ବେଳେ ଜଷ୍ଟିସ ଦତ୍ତା ଆବେଦନର ବିଚାର ବୃହତ୍ତର ବେଞ୍ଚରେ କରାଯିବାର ଆବଶ୍ୟକତା ନାହିଁ ବୋଲି କହିଥିଲେ। ହେଲେ ଜଷ୍ଟିସ ଶର୍ମା ଏଥିରେ ଏକମତ ହୋଇ ନାହାନ୍ତି। ଆବେଦନକାରୀ ଉଠାଇଥିବା ସାମ୍ବିଧାନିକ ପ୍ରଶ୍ନର ବିଚାର ନିଶ୍ଚିତ ଭାବେ ୫ ଜଣିଆ ସାମ୍ବିଧାନିକ ବେଞ୍ଚ କରିବା ଦରକାର ବୋଲି ସେ ମତ ରଖିଛନ୍ତି। ଜଷ୍ଟିସ ଶର୍ମାଙ୍କ କହିବା କଥା ଯେ ସମ୍ବିଧାନର ମୌଳିକ ସିଦ୍ଧାନ୍ତ ଅନୁଯାୟୀ ଚୟନ କମିଟିରେ ଜଣେ ନିରପେକ୍ଷ ସଦସ୍ୟଙ୍କୁ ସାମିଲ ନ କରି ସଂସଦ ଠିକ୍ କରିଛି କି ନାହିଁ, ତାହା ନିଶ୍ଚିତ ଭାବେ ବିଚାରର ପ୍ରସଙ୍ଗ। ୨୦୨୩ର ଆଇନ ମୁକ୍ତ, ଅବାଧ, ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନର ମାନଦଣ୍ଡରେ ବିଫଳ ହେଉଛି କି ନାହିଁ, ତା'ର ବୈଧତା ଯାଞ୍ଚ କରିବା ସମୟରେ ୫ ଜଣିଆ ସମ୍ବିଧାନ ବେଞ୍ଚର ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ। ଏପଟେ ଜଷ୍ଟିସ୍ ଦତ୍ତ ନିର୍ବାଚନ କମିଶନର ସ୍ୱାଧୀନତା ଓ ନିରପେକ୍ଷତାକୁ

◆◆ପୃଷ୍ଠା ୭

## ପୌର ନିର୍ବାଚନ ପ୍ରସ୍ତୁତି: ପୁଣି ବଦଳିଲା ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ତାରିଖ, ନଭେମ୍ବର ୩୦ରେ ଚୂଡ଼ାନ୍ତ ତାଲିକା



ଭୁବନେଶ୍ୱର, ୨୩/୯ (ନି.ପ୍ର): ରାଜ୍ୟର ପୌରାଂଚଳ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ପାଇଁ ପୁଣିଥରେ ସଂଶୋଧିତ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି ରାଜ୍ୟ ସରକାର । ପୂର୍ବରୁ ଅକ୍ଟୋବର ୩୧ ସୁଦ୍ଧା ସମଗ୍ର ପ୍ରକ୍ରିୟା ସାରି ଚୂଡ଼ାନ୍ତ ବିଜ୍ଞପ୍ତି ଜାରି କରିବାକୁ ଦିନଧାର୍ଯ୍ୟ କରିଥିବାବେଳେ ଆଜି ଆଉ ଏକ ମାସ ବୃଦ୍ଧି କରି ନଭେମ୍ବର ୩୦ ତାରିଖ କରିଛନ୍ତି । ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୌଦ୍ଧ ଜିଲ୍ଲାକୁ ବାଦ୍ ଦେଇ ରାଜ୍ୟର ୯୯ଟି ପୌରପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦ (ଏନଏସି) ସମେତ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ଭଳି ୪ଟି ମହାନଗର ନିଗମ ପାଇଁ ଲାଗୁ ହୋଇଛି। ପୂର୍ବ ନିର୍ଦ୍ଧାରିତ ସମୟସୀମାରେ ପରିବର୍ତ୍ତନ କରାଯାଇ ପୌରପାଳିକା ଓ ଏନଏସିଗୁଡ଼ିକରେ ଆସନ୍ତା ନଭେମ୍ବର ୩୦ତାରିଖରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସ୍ଥିର ହୋଇଛି। ନୂଆ କାର୍ଯ୍ୟସୂଚୀ ଅନୁସାରେ ୯୯ଟି ପୌରପାଳିକା ଓ ଏନଏସି କ୍ଷେତ୍ରରେ ସମ୍ପୃକ୍ତ ଜିଲ୍ଲାପାଳମାନେ ଆସନ୍ତା ଅକ୍ଟୋବର ୧୨ ତାରିଖରେ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ପର୍କିତ ଚିଠା ବିଜ୍ଞପ୍ତି ପ୍ରକାଶ କରି ଜନସାଧାରଣଙ୍କଠାରୁ ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରିବେ। ଜନସାଧାରଣ ଅକ୍ଟୋବର ୨୧ ତାରିଖ ସୁଦ୍ଧା ନିଜର ଦାବି କିମ୍ବା ଆପତ୍ତି ଦାଖଲ କରିପାରିବେ ଓ ଏହାପରେ ଅକ୍ଟୋବର ୨୮ ତାରିଖରେ ଜିଲ୍ଲାପାଳମାନଙ୍କ ଦ୍ୱାରା ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବ। ଏହି ପ୍ରାଥମିକ ବିଜ୍ଞପ୍ତି ବିରୋଧରେ ଆପତ୍ତି-ଅଭିଯୋଗ ଥିଲେ ଅକ୍ଟୋବର ୨୮ତାରିଖରୁ ନଭେମ୍ବର ୧୧ ତାରିଖ ମଧ୍ୟରେ ନଗର ଉନ୍ନୟନ ବିଭାଗ ନିକଟରେ ଅପିଲ୍ ଦାଏର କରିବାକୁ ସୁଯୋଗ ମିଳିବ। ସମସ୍ତ ଅପିଲ୍ ଆବେଦନ ଓ ତା'ଉପରେ ଜିଲ୍ଲାପାଳମାନଙ୍କ ମତାମତ ନଭେମ୍ବର ୧୨ ତାରିଖ ସୁଦ୍ଧା ଭୁବନେଶ୍ୱରସ୍ଥିତ ପୌର ପ୍ରଶାସନ

◆◆ପୃଷ୍ଠା ୭

## ଶ୍ରୀକାକୁଳମରେ ଟ୍ରେନ୍ ଧକ୍କାରେ ଚାରି ଛାତ୍ରଙ୍କ ମୃତ୍ୟୁ, ଜଣେ ଗୁରୁତର

ହାଇଦ୍ରାବାଦ, ୨୩/୯ (ନି.ପ୍ର): ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଳମ ଜିଲ୍ଲାର ଟେକ୍କଲି ମଣ୍ଡଳରେ ରବିବଲସା ନିକଟରେ ବୁଧବାର ଅପରାହ୍ନରେ ରାଜ୍ୟ ରାଣୀ ଏକ୍ସପ୍ରେସ୍ ଧକ୍କାରେ ଚାରି ଛାତ୍ରଙ୍କ ମୃତ୍ୟୁ ହୋଇଛି ଏବଂ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଛାତ୍ର ପୋଖରୀରୁ ମାଛ ଧରି ଫେରୁଥିବା ବେଳେ ବର୍ମା କଲୋନୀ ନିକଟରେ ରେଳ ଟ୍ରାକ୍ ପାର ହେଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ପୁଲିସ ଅନୁଯାୟୀ, ମୃତକଙ୍କ ପରିଚୟ ବିଶାଖା ରାଓ, ଦିଲୀପ, ଶରଦ ଏବଂ ଶିବ ଭାବେ ହୋଇଛି। ଆହତ ଛାତ୍ର ସଲମାନ ରାଜୁଙ୍କୁ ଟେକ୍କଲିର ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଟେକ୍କଲି ଥାନା ପୁଲିସର ଜଣେ ଅଧିକାରୀ କହିଛନ୍ତି ଯେ ଭୁବନେଶ୍ୱରରୁ ଗୁନୁପୁର ଯାଉଥିବା ରାଜ୍ୟ ରାଣୀ ଏକ୍ସପ୍ରେସ୍ ରେଳ ଟ୍ରାକ୍ ପାର ହେଉଥିବା ଛାତ୍ରମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଚାରି ଛାତ୍ରଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଅଧିକାରୀଙ୍କ ଅନୁଯାୟୀ, ସମସ୍ତ ମୃତକ ଏବଂ ଆହତ ଛାତ୍ର ଇଂଟରମିଡିଏଟ୍ (ଦ୍ୱାଦଶ ଶ୍ରେଣୀ)ରେ ପଢୁଥିଲେ ଏବଂ ଟେକ୍କଲିସ୍ଥିତ ସରକାରୀ ଏସସି/ଏସଟି ଛାତ୍ରାବାସରେ ରହୁଥିଲେ।

## ବିଧାନସଭାରେ ହଙ୍ଗାମା: ପାଠ୍ୟପୁସ୍ତକ ଓ ଏମ୍ଏମ୍ଡିଆର ପ୍ରସଙ୍ଗରେ ଧୋଇଗଲା ଗୃହକାର୍ଯ୍ୟ



ଭୁବନେଶ୍ୱର, ୨୩/୯ (ନି.ପ୍ର): ବିଧାନସଭା ଚାଲିଲା ମାତ୍ର ୧୨ ମିନିଟ୍ । ବିରୋଧୀଙ୍କ ହଙ୍ଗାମାରେ ଧୋଇଗଲା ଗୃହକାର୍ଯ୍ୟ । ରଣକ୍ଷେତ୍ର ପାଲଟିଲା ଗାନ୍ଧୀମାର୍ଗ । ଗୃହରେ ଝଡ଼... ହଙ୍ଗାମା.. ହଟ୍ଟଗୋଳ... ହୁଲସ୍ଥୁଲ । ପାଠ୍ୟ ପୁସ୍ତକ ତ୍ରୁଟି ଓ ଏମ୍ଏମ୍ଡିଆର୍ ପ୍ରସଙ୍ଗରେ ଆଜି ପୁଣି ତାତିଲେ ବିରୋଧୀ । ପ୍ରଶ୍ନକାଳ ଆରମ୍ଭ ହେଉ ହେଉ ପୋଷ୍ଟର, ବ୍ୟାନର ଓ ପ୍ଲାକାର୍ଡ ଧରି ଗୃହକୁ କମ୍ପାଇଲେ ବିଜେଡି ଓ କଂଗ୍ରେସ ବିଧାୟକ । ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ପୋଡିଅମ ତଳେ ଜୋରଦାର ନାରାବାଜି କରିଥିଲେ ବିଜେଡି ସଦସ୍ୟ। ଏହାପରେ ବିଧାନସଭାରୁ ଲୋୟର ପିଏମ୍ଜିକୁ ଯାଇ ଆନ୍ଦୋଳନରେ ସାମିଲ ହୋଇଥିଲେ । ଚାହୁଁଚାହୁଁ ଗାନ୍ଧୀମାର୍ଗ ପାଲଟିଥିଲା ରଣକ୍ଷେତ୍ର । ପୁଲିସ ସହ ବିଜେଡି ନେତା ଓ କର୍ମୀ ମୁହାଁମୁହିଁ । ବ୍ୟାରିକେଡ ଭାଂଗି ବିଧାନସଭା ମାର୍ଗକୁ ଯିବାବାଳେ ସୁରକ୍ଷା କର୍ମୀଙ୍କ ସହିତ ଧସ୍ତାଧସ୍ତି ହୋଇଥିଲା । ଏମ୍ଏମ୍ଡିଆର୍ ସଂଶୋଧନ ବିଲ୍ ପ୍ରତ୍ୟାହାର ଦାବିରେ କଂଗ୍ରେସ ପୁଣି ଆଜି ହଲ୍ଲାବୋଲ କରିଛି । ବିଧାୟକମାନେ ଦେହରେ ପୋଷ୍ଟର ଝୁଲାଇ ଗୃହ ଭିତରେ ଓ ବାହାରେ ଜୋରଦାର ପ୍ରତିବାଦ କରିଥିଲେ । ଅନ୍ୟପକ୍ଷରେ ବିଜେପି କହିଛି, ଦଳକୁ ଚଳଚଞ୍ଚଳ କରିବା ପାଇଁ ବିଧାନସଭାକୁ ବନ୍ଦ କରୁଛନ୍ତି ବିରୋଧୀ । ଆଲୋଚନା ହେଲେ ମୁଖା ଖୋଲିଯିବ । ହୋହଲ୍ଲା ଭିତରେ ବିଧାନସଭାର ଦ୍ୱିତୀୟ ଦିନ ସଂପୂର୍ଣ୍ଣ ଧୋଇଯାଇଛି । ଆଜି ମାତ୍ର ପ୍ରଥମ ଓ ଦ୍ୱିତୀୟାର୍ଦ୍ଧରେ କେବଳ ୧୨ ମିନିଟ ଗୃହ ଚାଲିଥିଲା । ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୁଲତବି କରାଯାଇଛି । ଗତକାଲି ୪୭ ମିନିଟ୍ ଚାଲିଥିଲା ଗୃହକାର୍ଯ୍ୟ ।

## ରାଜ୍ୟରେ ଚାଲିବ ଭାରତ ଟ୍ୟାକ୍ସି

ଭୁବନେଶ୍ୱର, ୨୩/୯ (ନି.ପ୍ର): ସମବାୟ ଭିତିରେ ଆରମ୍ଭ ହୋଇଥିବା ଭାରତ ଟ୍ୟାକ୍ସି ଓଡିଶା ରାସ୍ତାରେ ଗଡିବ । ଏଥିପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ରାଜ୍ୟରେ ଭାରତ ଟ୍ୟାକ୍ସି ଚଳାଚଳ ନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି ଯେ ଚଳିତବର୍ଷ ଫେବୃଆରୀ ମାସରେ ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟ ଦ୍ୱାରା ଭାରତ ଟ୍ୟାକ୍ସି ଯୋଜନା ପ୍ରଣୟନ ହୋଇଥିଲା । ଓଡିଶାରେ ଏହାର କାର୍ଯ୍ୟକାରିତା ନେଇ ପଦକ୍ଷେପ ଗ୍ରହଣ କରାଯାଉଛି । ଏହାର ସଫଳ ରୂପାୟନ ପାଇଁ ସମବାୟ ମନ୍ତ୍ରଣାଳୟ ତରଫରୁ ଚଳିତବର୍ଷ ମାର୍ଚ୍ଚମାସରେ ବୈଠକର ଆୟୋଜନ କରାଯାଇଥିଲା । ଏଥିରେ ସମବାୟ ସମିତିମାନଙ୍କ ଦ୍ୱାରା ଏହାର କାର୍ଯ୍ୟକାରିତା ଏବଂ ଉପଯୋଗିତା ଆଦି ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଓଡ଼ିଶା ଡିଜିପି ନିଯୁକ୍ତି ବିବାଦ

### ସୁପ୍ରିମକୋର୍ଟରେ ଶୁଣାଣି ଅସମାପ୍ତ, ଆଜି ପକ୍ଷ ରଖିବେ ରାଜ୍ୟ ଓ କେନ୍ଦ୍ର



ଭୁବନେଶ୍ୱର, ୨୩/୯ (ନି.ପ୍ର): ରାଜ୍ୟର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ(ଡିଜିପି) ଚୟନ ବିବାଦ ମାମଲାକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ଶୁଣାଣି ଆଜି ଅସମାପ୍ତ ରହିଛି। ଆସନ୍ତାକାଲି ପୁଣିଥରେ ଏହି ମାମଲାର ଶୁଣାଣି ହେବା ପାଇଁ ଦିନ ଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ, ପ୍ରଶାନ୍ତ ଭୂଷଣ, ବରିଷ୍ଠ ଆଇନଜୀବୀ କରୁଣା ନନ୍ଦୀ ଓ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସକ୍ୟୁରି ରାଜୁ ରାମଚନ୍ଦ୍ରନ ଆଜି ନିଜର ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି। ଆସନ୍ତାକାଲି ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ଓ ସଲିସିଟର ଜେନେରାଲ ନିଜର ଜବାବ ରଖିବେ ବୋଲି ଜଣାପଡ଼ିଛି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି.ମୋହନଙ୍କୁ ନେଇ ଗଠିତ ୩ଜଣିଆ ଖଣ୍ଡପୀଠ ଆଜି ପ୍ରାୟ ଦେଢ଼ଘଣ୍ଟାରୁ ଅଧିକ ସମୟ ଧରି ବିଭିନ୍ନ ପକ୍ଷଙ୍କ ଯୁକ୍ତି ଶୁଣିଥିଲେ।

◆◆ପୃଷ୍ଠା ୭

## ଗଭୀର ଅବପାତ ଜନିତ ବର୍ଷା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା:

# ସ୍ଥିତି ଉପରେ ନିରନ୍ତର ନଜର ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୨୩/୯ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଜନିତ ବର୍ଷା ଓ ଏହାର ପ୍ରଭାବ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ସମୀକ୍ଷା କରିଛନ୍ତି। ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲ ମୁଖ୍ୟମନ୍ତ୍ରୀଙ୍କୁ ଅବପାତ, ସମ୍ଭାବ୍ୟ ବର୍ଷା ଓ ଏହାର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ସମସ୍ତ ପ୍ରାକୃତିକ ବିପର୍ଯ୍ୟୟରେ ଆମର ଏକମାତ୍ର ନୀତି ହେଉଛି- 'ଜିରୋ କାଜୁଆଲ୍ଟି'। ତେଣୁ, ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରକ୍ଷାକରି ଏହି ପରିସ୍ଥିତିର ମୁକାବିଲା କରିବା ଆବଶ୍ୟକ। ଲୋକଙ୍କ ଧନଜୀବନ ସୁରକ୍ଷା ଉପରେ ସେ ସର୍ବାଧିକ ଗୁରୁତ୍ୱ ଆରୋପ କରିଥିଲେ। ଜଳବନ୍ଦୀ କ୍ଷେତ୍ରରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଏବଂ ସେମାନଙ୍କୁ ଉପଯୁକ୍ତ ରିଲିଫ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯଦିଓ ବାତ୍ୟାର ସମ୍ଭାବନା ନାହିଁ, ତଥାପି ସମସ୍ତ ପ୍ରକାର ସତର୍କତାମୂଳକ ବ୍ୟବସ୍ଥା ସହ ସର୍ବୋଚ୍ଚ ସ୍ତରର ପ୍ରସ୍ତୁତି ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରୁ ଜଣାଯାଇଛି ଯେ,

◆◆ପୃଷ୍ଠା ୭

## ନିର୍ବାଚନ କମିଶନରେ ଅନ୍ତର୍କନ୍ଦଳ : ସିଇସିଙ୍କୁ ଭାରତର ଶତ୍ରୁ କହିଲେ ଅଭିଜିତ୍ ଦୀପକେ



ନୂଆଦିଲ୍ଲୀ,୨୩/୯ : ସ୍ୱତନ୍ତ୍ର ସଘନ ମତଦାତା ସୂଚୀ ସଂଶୋଧନ (ଏସଆଇଆର) ପ୍ରକ୍ରିୟାକୁ ନେଇ ନିର୍ବାଚନ କମିଶନରେ ଅନ୍ତର୍କନ୍ଦଳ ପଦାରେ ପଡ଼ିବା ପରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ନିର୍ବାଚନ କମିଶନର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ତିନି ଜଣିଆ କମିଶନର ଅନ୍ୟ ଦୁଇ ଜଣ ଆୟୁକ୍ତଙ୍କୁ ଅନ୍ଧାରରେ ରଖାଯାଉଥିବା ନେଇ ଏକ ସାମ୍ବାଦିକୀୟ ରିପୋର୍ଟ ପ୍ରକାଶ ପାଇବା ପରେ ''କୋକ୍ରୋଚ୍ ଜନତା ପାର୍ଟି'' (ସିଜେପି) ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ବୁଧବାର ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କୁ ଭାରତର ଶତ୍ରୁ ବୋଲି କହି ସମାଲୋଚନା କରିଛନ୍ତି। ସୋସିଆଲ ମିଡିଆ ''ଏକ୍ସ''ରେ ଏକ ପୋଷ୍ଟ କରି ଦୀପକେ କହିଛନ୍ତି ଯେ, ମୁଖ୍ୟ ନିର୍ବାଚନ ଆୟୁକ୍ତ ନିର୍ବାଚନ ପରିଚାଳନା ନକରି ଏହାର ''ସ୍କ୍ରିପ୍ଟ'' ପ୍ରସ୍ତୁତ କରୁଛନ୍ତି। ଉକ୍ତ ରିପୋର୍ଟକୁ ଆଧାର କରି ସେ ଦାବି କରିଛନ୍ତି ଯେ, ଭୋଟର ତାଲିକାରୁ ପ୍ରାୟ ୧୨ କୋଟିରୁ ଉର୍ଦ୍ଧ୍ୱ ନାମ ବାଦ୍ ଦିଆଯାଇଛି, ଯାହାକି ୨୦୨୪ ଲୋକସଭା

◆◆ପୃଷ୍ଠା ୭

## ଇଞ୍ଜିନ୍ ଖରାପ ଯୋଗୁଁ ଚେନ୍ନାଇରେ ବିମାନର ଜରୁରୀକାଳୀନ ଅବତରଣ




ନୂଆଦିଲ୍ଲୀ,୨୩/୯ : ଭିଏତନାମର ହୋ ଚି ମିନ୍ ସିଟିରୁ ଶ୍ରୀଲଙ୍କାର କଲମ୍ବୋ ଯାଉଥିବା ଏକ ବିମାନ ମଝି ଆକାଶରେ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଛି। ବିମାନର ଗୋଟିଏ ଇଞ୍ଜିନ୍ କାମ କରିବା ବନ୍ଦ କରିଦେବାରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚେନ୍ନାଇ ବିମାନବନ୍ଦରରେ ଏହାର ଜରୁରୀକାଳୀନ ଅବତରଣ କରାଯାଇଛି। ବିମାନରେ ୧୪୩ ଜଣ ଯାତ୍ରୀ ଓ କ୍ରିୟୁ ସଦସ୍ୟ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ଇଞ୍ଜିନରେ ତ୍ରୁଟି ପରିଲକ୍ଷିତ ହେବା ପରେ ବିମାନବନ୍ଦର କର୍ତ୍ତୃପକ୍ଷ ତୁରନ୍ତ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ ଏବଂ ''ଏୟାରପୋର୍ଟ ଏମର୍ଜେନ୍ସି ପ୍ଲାନ୍'' ଅନୁଯାୟୀ ସମସ୍ତ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଥିଲା। ରାତି ପ୍ରାୟ ୧୧ଟା ସମୟରେ ଏୟାରବସ୍ ଏ୩୨୦ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିଲା। ସମସ୍ତ ଯାତ୍ରୀ ଓ କ୍ରିୟୁ ସଦସ୍ୟ ସୁରକ୍ଷିତ ଭାବେ ଓହ୍ଲାଇବା ପରେ ରାତି ୧୧ଟା ୩୫ ମିନିଟରେ ଜରୁରୀକାଳୀନ ପରିସ୍ଥିତି ପ୍ରତ୍ୟାହାର କରାଯାଇଥିଲା ଏବଂ ବିମାନବନ୍ଦରର ସ୍ୱାଭାବିକ କାର୍ଯ୍ୟଚାଲୁ ରହିଥିଲା। ପରବର୍ତ୍ତୀ ସମୟରେ ବିମାନ ସଂସ୍ଥା ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯାଇ ଯାତ୍ରୀମାନଙ୍କୁ କଲମ୍ବୋ ପଠାଯାଇଛି।

# ଟ୍ରକ୍‌କୁ ପିଟିଲା ଦୁଲ୍‌ଦୁଲି ଡିଜେ ଗାଡ଼ି: ଜଣେ ମୃତ, ୯ ଆହତ

ସମ୍ବଲପୁର,୨୩/୦୯ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅନ୍ତର୍ଗତ ଏନ୍‌ଏଚ୍ ୫୩ ବାଇପାସ୍ ଛକ ନିକଟରେ ମଙ୍ଗଳବାର ଭୋର୍ ୫ଟା ବେଳେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଓଡି ୦୯ ଏମ୍ ୯୦୬୮ ନମ୍ବରର ଟ୍ରକ୍ ପଛପଟୁ ଦ୍ରୁତଗାମୀ ଓଡି ୧୭ ଏଇ ୮୧୫୩ ନମ୍ବରର ଦୁଲ୍‌ଦୁଲି ଡିଜେ ଗାଡ଼ି ଧକ୍କା ଦେଇଥିଲା। ଫଳରେ ଡିଜେ ଗାଡ଼ିର ଜଣେ ବାଦ୍ୟ କଳାକାରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଆହତ ହୋଇ ରାସ୍ତାରେ ଛିଟିକି ପଡ଼ିଥିଲେ । ମୃତ ବାଦ୍ୟ କଳାକାରଙ୍କ ପରିଚୟ ଅନୁସନ୍ଧାନରୁ ଜଣାପଡିଛି ଯେ' ସେ ବରଗଡ଼ ଅଂଚଳର ଓ ତାଙ୍କ ନାମ ଅଭି ସାମନି । ଦୁର୍ଘଟଣା ଖବର ପାଇବା ପରେ ତୁରନ୍ତ ଜମନକିରା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଓ ଘଟଣାର ତଦନ୍ତ କରିଥିଲା ।

ପୋଲିସ ସୂଚନା ମୁତାବକ, ଓଡି ୧୭ ଏଇ ୮୧୫୩ ନମ୍ବର ଦୁଲ୍‌ଦୁଲି ଡିଜେ ଗାଡ଼ିରେ ପ୍ରାୟ ୧୦ ଜଣ ବାଦ୍ୟ କଳାକାର କେନ୍ଦୁଝରରୁ ସମ୍ବଲପୁର ଅଭିମୁଖେ ଫେରୁଥିଲେ । ଜମନକିରା ବାଇପାସ୍ ଛକ ରାସ୍ତା ପାର୍ଶ୍ୱରେ ପାର୍କିଂ କରିଥିବା ଓଡି ୦୯ ଏମ୍ ୯୦୬୮ ନମ୍ବର ଟ୍ରକ୍ ଟି ପାର୍କିଂର କୌଣସି ସଙ୍କେତ ଦେଇନଥିଲା । ଯାହାଫଳରେ ଦ୍ରୁତ ଗତିରେ ସମ୍ବଲପୁର ଅଭିମୁଖେ ଫେରୁଥିବା ଡିଜେ ଗାଡିଟି ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଠିଆ ହୋଇଥିବା ଟ୍ରକ୍ ପଛରେ ଧକ୍କା ଦେଇଥିଲା। ଏହି ଧକ୍କାରେ ଡିଜେ ଗାଡ଼ିର ପଛ ଓ ସମ୍ମୁଖ ଭାଗ ଗୁରୁତର କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ଦୁର୍ଘଟଣା ସମୟରେ ଭୟଙ୍କର ଶବ୍ଦ ସ୍ଥାନୀୟ ଅଂଚଳରେ ଅଜଣା ଆତଙ୍କ ସୃଷ୍ଟି କରିଥିଲା। ଖବର ପାଇ ଜମନକିରା ଥାନା ପୋଲିସ ଓ ସ୍ଥାନୀୟ ଲୋକେ ପହଂଚି ମିଳିତ ଭାବେ ଉଦ୍ଧାର କାର୍ଯ୍ୟ କରିଥିଲେ। ଘଟଣାସ୍ଥଳରେ ପ୍ରାଣ ହରାଇଥିବା ବରଗଡର ଅଭି ସାମନିଙ୍କୁ ପୋଲିସ କୁଚିଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ବେଳେ ଗୁରୁତର ଥିବା ୩ ଜଣଙ୍କୁ ବୁର୍ଲା ଭିମସାର ଓ ଅନ୍ୟ ଆହତ ମାନଙ୍କୁ ଜମନକିରା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ପଠାଯାଇଥିଲା । ଏସମ୍ପର୍କରେ ଜମନକିରା ଥାନାରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ସରଜମିନ ତଦନ୍ତ ଜାରି ରଖିଛି ।

# ଟିବି ମୁକ୍ତ ଭାରତ ପାଇଁ ଏନସିସିର ସଚେତନତା

ଜୟପୁର,୨୩/୦୯ (ନି.ପ୍ର): ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ୧୫ ଓଡ଼ିଶା ବାଟାଲିୟନ୍ ଏନସିସି, ଜୟପୁର ପକ୍ଷରୁ ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ଟିବି ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାଟାଲିୟନ୍ ର କମାଣ୍ଡିଂ ଅଫିସର ଲେଫ୍ଟନାଂଟ କର୍ଣ୍ଣେଲ୍ ପ୍ରୀତିରଞ୍ଜନ ଦାସଙ୍କ ନିର୍ଦ୍ଦେଶନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଅଭିଯାନର ରାଜ୍ୟ ପ୍ରୋଗ୍ରାମ ଅଫିସର ଶିବ ପ୍ରସାଦ ଓଝା, ସିଡିଏମ, ଏନଟିଇପି ଓ ପିଏମଡିଟିର କୋରାପୁଟ ଜିଲ୍ଲା ସଂଯୋଜକ ସୁନିଲ ଘଡ଼େଇ ଓ ଏନଟିଇପିର ପିଏମଡିଟି ସଂଯୋଜକ ତପନ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନି-କ୍ଷୟ ମିତ୍ର ପଦକ୍ଷେପ, ଟିବିର ଲକ୍ଷଣ, ପ୍ରତିରୋଧ, ଚିକିତ୍ସା ଓ ପୁଷ୍ଟିକର ଖାଦ୍ୟର ଗୁରୁତ୍ୱ ସମ୍ପର୍କରେ ଏନସିସି କ୍ୟାଡେଟଙ୍କୁ ସଚେତନ କରାଯାଇଥିଲା। ସମୟୋପଯୋଗୀ ପରୀକ୍ଷା, ନିୟମିତ ଔଷଧ ସେବନ ଓ ସାମାଜିକ ସହଯୋଗ ଦ୍ୱାରା ଟିବି ନିୟନ୍ତ୍ରଣ ସମ୍ଭବ ବୋଲି କୁହାଯାଇଥିଲା। ଟିବି ସମ୍ପର୍କିତ ଭ୍ରାନ୍ତ ଧାରଣା ଦୂର କରିବା ସହ ରୋଗୀଙ୍କ ପ୍ରତି ସହାନୁଭୂତିଶୀଳ ଆଚରଣ ଏବଂ ସମାଜରେ ସଚେତନତା ବୃଦ୍ଧି ପାଇଁ ସେମାନେ କ୍ୟାଡେଟଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ୧୫ ଓଡ଼ିଶା ବାଟାଲିୟନ୍ ର ଏନସିସି କ୍ୟାଡେଟମାନେ ଯୋଗଦେଇ ଟିବି ମୁକ୍ତ ଭାରତ ଗଠନର ସଂକଳ୍ପ ନେଇଥିଲେ। ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଏନସିସି ଅଧିକାରୀ କ୍ୟାପଟେନ୍ ଡ. ଲକ୍ଷ୍ମଣ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବାଟାଲିୟନ୍ ର ସୁବେଦାର ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କୁ ଭେଟି ୫ଦଫା ଦାବିପତ୍ର ପ୍ରଦାନ କଲେ ତିହିଡିର ବନ୍ୟା କ୍ଷତିଗ୍ରସ୍ତ ଚାଷୀ

ଭଦ୍ରକ,୨୩/୦୯ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ବାରସର ଓ ଗୋବିନ୍ଦପୁର ପଂଚାୟତର ବନ୍ୟା କ୍ଷତିଗ୍ରସ୍ତ ଚାଷୀମାନେ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୫ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ପୂରଣ ନହେଲେ ସେମାନେ ଆଇନଗତ ଭାବେ ଚରମ ନିଷ୍ପତି ନେବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି । ବନ୍ୟା ପୂର୍ବରୁ ଖରିପ ଧାନଚାଷ ହୋଇ ନଥିଲା ବୋଲି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଦାଇତ୍ୱହୀନ ମନ୍ତବ୍ୟ ଦେଇଥିବା ଚାଷୀମାନେ ଦର୍ଶାଇଛନ୍ତି । ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବନ୍ୟା ଆସିବା ପୂର୍ବରୁ ଚାଷୀମାନେ ସମ୍ପୂର୍ଣ୍ଣ ଖରିପ ଧାନ ଚାଷ କରିସାରିଥିଲେ । ଗତ ଜୁଲାଇ ମାସ ୨୭ତାରିଖରେ ପ୍ରଥମ ବନ୍ୟା ଜଳ ପ୍ରବେଶ କରିଥିଲା । ପରେ ପରେ ବୈତରଣୀ ଓ ସାଳନ୍ଦୀରେ ଲଗାତାର ବନ୍ୟା ଆସିବା ଯୋଗୁ ଧାନଚାଷ ସମ୍ପୂର୍ଣ୍ଣରୂପେ ନଷ୍ଟ ହୋଇଯାଇଥିଲା । ଏପରିକି ଜମିରେ ଘାସଗଛ ବି ବଂଚିନଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ, ପଂଚାୟତରାଜ ସଚିବ, ଜିଲାପାଳ ପ୍ରମୁଖ ବନ୍ୟାଂଚଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଏପରିସ୍ଥଳେ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ବନ୍ୟା ପୂର୍ବରୁ ଧାନ ଚାଷ ହୋଇନଥିଲା ବୋଲି ଦେଇଥିବା ମନ୍ତବ୍ୟକୁ ସେମାନେ ଖଣ୍ଡନ କରିଛନ୍ତି । ଏପରି ଦାୟିତ୍ୱହୀନ ମନ୍ତବ୍ୟ ସେମାନଙ୍କ ପାଇଁ ବୋଝ ଉପରେ ନଳିତାବିଡ଼ା ସଦୃଶ ବୋଲି ସେମାନେ ଦର୍ଶାଇଛନ୍ତି । ଏହି ପରିପ୍ରେକ୍ଷୀରେ ଖରିଫ ଋଣ ଛାଡ଼, ପୂର୍ବ ପରି କୃଷି ଋଣ ପ୍ରଦାନ, ରବି ଋତୁରେ ସମସ୍ତ ଚାଷୀଙ୍କ ପାଇଁ ପଞ୍ଜିକରଣ ବ୍ୟବସ୍ଥା, ବନ୍ୟାର ସ୍ଥାୟୀ ପ୍ରତିକାର, ରବିଋତୁରେ ଧାନଚାଷର ସୁରକ୍ଷା ନିମନ୍ତେ ବୁଲା ଷଣ୍ଢଙ୍କ ପାଇଁ ପ୍ରତିକାର ବ୍ୟବସ୍ଥା କରିବାକୁ ପୂର୍ବତନ ସରପଂଚ ମାନସ ରଞ୍ଜନ ସାହୁ, ଦୀନବନ୍ଧୁ ମହାକୁଡ଼, ନୃସିଂହ ମହାକୁଡ଼, ବସନ୍ତ କୁମାର ସାହୁ, ଅରୁଣ ନାୟକ, ବଳରାମ ବାରିକ, ସୁମନ୍ତ ବିଶ୍ୱାଳ, ପ୍ରଦୀପ୍ତ କୁମାର ମିଶ୍ର, ପ୍ରଶାନ୍ତ ନାୟକ ପ୍ରମୁଖ ଚାଷୀମାନେ ଦାବି ଜଣାଇଛନ୍ତି ।

# କନ୍ଧମାଳରେ 'ସହାୟ' ପ୍ରକଳ୍ପର ଶୁଭାରମ୍ଭ : ସୁଦୃଢ଼ ହେବ ସିକଲ୍ ସେଲ୍(ରକ୍ତ ଶିଙ୍କୁଳୀ) ଚିକିତ୍ସା ବ୍ୟବସ୍ଥା

କନ୍ଧମାଳ,୨୩/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ସିକଲ୍ ସେଲ୍ (ରକ୍ତ ଶିଙ୍କୁଳୀ ) ରୋଗର ସ୍କ୍ରିନିଂ, ନିରାକରଣ ଓ ଚିକିତ୍ସା ବ୍ୟବସ୍ଥାକୁ ବ୍ୟାପକ ତଥା ସୁଦୃଢ଼ କରିବା ଲକ୍ଷ୍ୟରେ ମଙ୍ଗଳବାର ଏକ ବଡ଼ ପଦକ୍ଷେପ ନିଆଯାଇଛି। ଆଜି ଆଇସିଏମଆର ଅଧୀନସ୍ଥ 'ସହାୟ' ପ୍ରୋଜେକ୍ଟର ଆନୁଷ୍ଠାନିକ ଶୁଭାରମ୍ଭ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ହୋଇଯାଇଛି। କେନ୍ଦ୍ର ସରକାରଙ୍କ 'ଜାତୀୟ ସିକଲ୍ ସେଲ୍ ଆନିମିଆ ନିରାକରଣ ମିଶନ୍' ର ଲକ୍ଷ୍ୟକୁ ସାକାର କରିବା ପାଇଁ ଏହି ବହୁକେନ୍ଦ୍ରିକ ଅନୁସନ୍ଧାନମୂଳକ ପ୍ରକଳ୍ପ ଓଡ଼ିଶା ସମେତ ଦେଶର ୬ଟି ପ୍ରମୁଖ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ଓଡ଼ିଶାରେ ଏହାର ନେତୃତ୍ୱ ନେଉଛନ୍ତି ଭୁବନେଶ୍ୱର ଆଇସିଏମଆର-ଏନଆଇଏଚଆର ର ମୁଖ୍ୟ ଅନୁସନ୍ଧାନକାରୀ ତଥା ବୈଜ୍ଞାନିକ ଡାକ୍ତର ମଧୁସ୍ମିତା ବଳ। କନ୍ଧମାଳ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ବେଦଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ସେ ନିଜ ବକ୍ତବ୍ୟରେ ଜିଲ୍ଲାରେ ସିକଲ୍ ସେଲ୍ ରୋଗର ପ୍ରତିରୋଧ ଓ ଏହାର ଶୀଘ୍ର ଚିହ୍ନଟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ରକଳ୍ପ ମାଧ୍ୟମରେ କନ୍ଧମାଳର ସମସ୍ତ ବ୍ଲକରେ ସିକଲ୍ ସେଲ୍ ଆକ୍ରାନ୍ତଙ୍କ ପାଇଁ ଏକ ସମନ୍ୱିତ ଓ ଦୀର୍ଘମିଆଦୀ ଚିକିତ୍ସା ମଡେଲ୍ ପ୍ରସ୍ତୁତ କରାଯିବ ବୋଲି ଜଣାପଡ଼ିଛି। ଉଦ୍ଘାଟନୀ ସମାରୋହ ପରେ ଆୟୋଜିତ ବୈଷୟିକ ଅଧିବେଶନରେ ଜିଲ୍ଲା ସ୍ୱାସ୍ଥ୍ୟ ବ୍ୟବସ୍ଥାର ବରିଷ୍ଠ ଅଧିକାରୀ ଓ ଜିଏମସିଏଚ୍, ଫୁଲବାଣୀର ବିଶେଷଜ୍ଞ ଡାକ୍ତରମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଚିକିତ୍ସାକୁ କିପରି ତୃଣମୂଳ ସ୍ତରରେ ପହଂଚାଯାଇପାରିବ ସେନେଇ ସମୀକ୍ଷା ହୋଇଥିଲା। ଏହି ଆଲୋଚନାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅଞ୍ଜଳି ଶତପଥୀ, ଡିଏମଓ ଡାକ୍ତର ଅକ୍ଷୟ କୁମାର ସାହୁ, ଡିପିଏଚ୍‌ଓ ଡାକ୍ତର କଲ୍ୟାଣୀ ମିଶ୍ର, ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ପ୍ରଦୀପ କୁମାର ପାଢ଼ୀ, ପାଥୋଲୋଜି ବିଶେଷଜ୍ଞ ଡାକ୍ତର ଜୟଦୀପ ଘୋଷ ଏବଂ କମ୍ୟୁନିଟି ମେଡିସିନ୍ ବିଭାଗର ପ୍ରଫେସର ଡାକ୍ତର ମମତା ରାଣୀ ଗିରି ପ୍ରମୁଖ ଯୋଗଦେଇ ବହୁମୂଲ୍ୟ ମତାମତ ରଖିଥିଲେ।ଏହି ଅବସରରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅତିନିଏଲ ନାଇକା ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ପ୍ରଚାର ପ୍ରସାର ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକଳ୍ପର ସଫଳ ରୂପାୟନ ପାଇଁ ଜିଲ୍ଲାର ସମସ୍ତ ବ୍ଲକ୍ ରୁ ପ୍ରୋଗ୍ରାମ ମ୍ୟାନେଜର, ଜନସ୍ୱାସ୍ଥ୍ୟ ଅଧିକାରୀ ଓ ଚିକିତ୍ସା ଅଧିକାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରକଳ୍ପର ଉଦ୍ଦେଶ୍ୟ ସମ୍ପର୍କରେ ଡାକ୍ତର ଜ୍ୟୋତି ଘୋଷାଲ ସୂଚନା ଦେଇଥିବା ବେଳେ ଶେଷରେ ଡା. ଐଶ୍ୱର୍ଯ୍ୟା ଅଶ୍ୱିନୀ ସାମଲ କୃତଜ୍ଞତା ଜ୍ଞାପନ କରିଥିଲେ।

# ଆଇନ ସଚେତନତା ଶିବିର

ପୁରୀ,୨୩/୦୯ (ନି.ପ୍ର): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧୀକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ ଅନୁଯାୟୀ ସୁରାଜମଲ ସାହା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ପୀଡ଼ିତା କ୍ଷତିପୂରଣ ଯୋଜନା ଅନ୍ତର୍ଭୂକ୍ତ ଏସିଡ ଆକ୍ରମଣରେ ଶିକାର ହୋଇଥିବା ପୀଡ଼ିତାଙ୍କୁ ଆଇନ ସହାୟତା ଓ ସାଇବର ଆଇନ ସମ୍ପର୍କରେ ଆଇନ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧୀକରଣର ସଚିବ ପରିତୋଷ କୁମାର ସେଠୀ ଉଦଘାଟନ କରିବା ସହ ନିଜ ବକ୍ତବ୍ୟରେ ଏସିଡ ଆକ୍ରମଣରେ ଶିକାର ହୋଇଥିବା ପୀଡ଼ିତାଙ୍କୁ କ୍ଷତିପୂରଣ ଦେବା, ଆକ୍ରମଣକାରୀଙ୍କୁ ଆଜୀବନ କାରାଦଣ୍ଡ ଓ ଜୋରିମାନା ହୋଇପାରେ ଏବଂ ପୀଡ଼ିତାଙ୍କୁ ମାଗଣା ଆଇନ ଓ ସ୍ୱାସ୍ଥ୍ୟ ସେବା ମିଳିବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବ ବୋଲି ପ୍ରକାଶ କରିବା ସହିତ ପୀଡ଼ିତା କ୍ଷତିପୂରଣ ଯୋଜନା ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲେ ଏବଂ ସାଇବର ଆଇନ ସମ୍ପର୍କିତ ବିଭିନ୍ନ ଆଇନ ବିଷୟରେ ସଚେତନ କରାଇବା ସହ ଆଇନ ସେବା ପ୍ରାଧୀକରଣ ଅଧିନିୟମ ୧୯୮୭ ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କ'ଣ ଏବଂ ଆଇନ ସେବା ପାଇବା ପାଇଁ କେଉଁ କେଉଁମାନେ ଯୋଗ୍ୟ, ସେହି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଡ଼ିଏସପି କଳ୍ପନା କାଉଁରୀ ସାଇବର ଆଇନ ବିଷୟରେ ଛାତ୍ର, ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଧରଣୀଧର ମୁଦୁଲି ଏବଂ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ର, ଛାତ୍ରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ମାନଙ୍କୁ ଆଇନ ସେବା ପ୍ରାଧିକରଣ ତରଫରୁ ଧନ୍ୟବାଦ ଅର୍ପଣ ସହ ଆଇନ ସେବାର ଉପଯୋଗୀତା ଓ ଉପଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ସହ ଏହା କିପରି ଜନସାଧାରଣଙ୍କ ଉପଯୋଗୀ ହୋଇପାରିବ ଏଥିପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପ୍ରାଧୀକରଣର କର୍ମଚାରୀମାନେ ସହଯୋଗ କରିଥିଲେ ।

# କାର୍ ଭିତରୁ ୬୩ କେଜି ଗଞ୍ଜେଇ ଜବତ, ଚାଳକ ଫେରାର୍

ମାଲକାନଗିରି,୨୩/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ପୁଲିସ ଗତକାଲି ବେଜଙ୍ଗିୱାଡା ପଂଚାୟତର କେନାଲ ରାସ୍ତାରେ ଏକ କାର ଭିତରୁ ୬୩ କେଜି ଗଞ୍ଜେଇ ଜବତ କରିଛି ।

ସୂଚନା ଅନୁଯାୟୀ, କେନାଲ ରାସ୍ତା ଦେଇ କାରଟି କାଲିମେଲା ଅଭିମୁଖେ ଆସୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ କାଲିମେଲା ପୁଲିସ ଚଢ଼ଉ କରିଥିଲା । ପୁଲିସକୁ ଦେଖି କାର ଚାଳକ ଘଟଣାସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଥିଲା । ଘଟଣାସ୍ଥଳରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯିବା ପରେ ଥାନାକୁ ଅଣାଯାଇଥିଲା । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ପୁଲିସ ସୂଚନା ଦେଇଛି । ଏ ସମ୍ପର୍କରେ କାଲିମେଲା ଥାନାରେ ଏନଡିପିଏସ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଭୁଦତ ବିଶ୍ୱାଳ ସୂଚନା ଦେଇଛନ୍ତି ।

# ବଳରାମପୁର ଉଚ୍ଚ ବିଦ୍ୟାଳୟରେ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ

ଭୁବନ,୨୩/୦୯ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ୍ ଅନ୍ତର୍ଗତ ବଳରାମପୁର ଉଚ୍ଚ ବିଦ୍ୟାଳୟ ଠାରେ ବିଶ୍ୱ ଯୁବ କେନ୍ଦ୍ର, ଜଷ୍ଟ ରାଇଟ ଫର୍ ଚିଲ୍ଡରେନ୍ ପ୍ରକଳ୍ପ ତରଫରୁ ଏକ ଦିବସୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ବିଶ୍ୱ ଯୁବ କେନ୍ଦ୍ରର କାଉନସେଲର ମନସ୍ମିତା ନାୟକ ସ୍ୱାଗତ ଭାଷଣ ଦେଇ ବାଲ୍ୟ ବିବାହ ନିଷେଧ ଆଇନ ବିଷୟରେ ଆଲୋଚନା କରି ବାଲ୍ୟ ବିବାହ ପାଇଁ ଝିଅ ଉପରେ ପଡୁଥିବା ଶାରୀରିକ, ମାନସିକ ତଥା ଆର୍ଥିକ ଚାପ ଶିକ୍ଷା ତଥା ଆତ୍ମ ନିର୍ଭରଶୀଳତା ଅଭାବ ସାମାଜିକ କୁପରିଣାମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ବିଶ୍ୱ ଯୁବ କେନ୍ଦ୍ରର ଏହି ସଚେତନତା କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ ।ବାଲ୍ୟ ବିବାହ ରୋକିବା ସହ ଶିଶୁ ମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ନାମ ଲେଖାଇବା ଓ ସଚେତନତା ଅଭିଯାନ ଆୟୋଜନ କରାଯାଇଛି। ବିଦ୍ୟାଳୟରୁ ବାହାରେ ଥିବା ଶିଶୁ ମାନଙ୍କୁ ଚିହ୍ନଟ କରି ସେମାନଙ୍କ ନାମଲେଖା ଓ ନିୟମିତ ଉପସ୍ଥାନ ନିଶ୍ଚିତ କରିବା ପାଇଁ ବିଶ୍ୱ ଯୁବ କେନ୍ଦ୍ର, ଶିକ୍ଷକ ଓ ଅଭିଭାବକଙ୍କ ସହିଯୋଗ ନିଆଯାଉଛି।

# ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟରେ ଏଡସ୍ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ,୨୩/୦୯ (ନି.ପ୍ର): ଜାତୀୟ ଏଡସ୍ ନିୟନ୍ତ୍ରଣ ଅନୁଷ୍ଠାନଙ୍କ ଆକଳନ ଅନୁଯାୟୀ ଏଚ୍.ଆଇ.ଭି. ସଂକ୍ରମଣକୁ କମାଇବାକୁ ହେଲେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢାଇବାର ଆବଶ୍ୟକତା ରହିଛି । ଏଥିପାଇଁ ଅଗଷ୍ଟ ୧୨ ତାରିଖ ଠାରୁ ଅକ୍ଟୋବର ମାସ ୧୨ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଇନଟ୍ନେସିଫାଏଡ ଆଇ.ସି./ବିସି.ସି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି, ଯାହାକି ଅଧିକ ଜନସାଧାରଣଙ୍କୁ ସଂକ୍ରମଣର ମାଧ୍ୟମ ଜଣାଇ ସେଥିରୁ ସତର୍କ ରହି ସଂକ୍ରମଣକୁ ରୋକିବାରେ ସହାୟକ ହେବା ସହିତ ସଂକ୍ରମିତ ବ୍ୟକ୍ତିଙ୍କ ଚିକିତ୍ସାର ଉପାୟ ବିଷୟରେ ସୂଚନା ପହଂଚାଇବ । ଏହି ପରିପ୍ରେକ୍ଷୀରେ ଓଡିଶା ରାଜ୍ୟ ଏ.ଡ଼୍.ସ୍. ନିୟନ୍ତ୍ରଣ ସମିତି, ଭୁବନେଶ୍ୱର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ', କନ୍ଧମାଳଙ୍କ ମିଳିତ ସହଯୋଗରେ ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟ ଠାରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଯେପରି ଅଧିକରୁ ଅଧିକ ଲୋକଙ୍କ ପାଖରେ ସଚେତନତା ବାର୍ତା ପହଂଚାଯାଇ ପାରିବ ଏବଂ ଏଚ୍.ଆଇ.ଭି. ସଂକ୍ରମଣକୁ ରୋକାଯାଇ ପାରିବ । କାର୍ଯ୍ୟକ୍ରମରେ ବାଲିଗୁଡା ଉପଜିଲ୍ଲାପାଳ ପ୍ରଣିତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସଙ୍କ୍ରମଣକୁ ରୋକିବାକୁ ହେଲେ ଜନ ସଚେତନତା ସହିତ ସଂଯମୀ ଜୀବନଯାପନ ଆବଶ୍ୟକ ବୋଲି କହିଥିଲେ । ତତ୍‌ସହିତ କିଶୋରି ଗର୍ଭଧାରଣର କୁପରିଣତିକୁ ଉପସ୍ଥାପନା କରି ଏଥିରୁ ନିବୃତ ରହିବା ପାଇଁ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିଥିଲେ । ଅନ୍ୟତମ ଅତିଥିଭାବେ ଉପ-ଜିଲ୍ଲା ପୋଲିସ ଅଧିକାରି ଶୁଭମ୍ ଭୋସଲେ କାର୍ଯ୍ୟକ୍ରମରେ ଯୋଗଦେଇ ପସ୍କୋ ଆଇନ ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନତା ବାର୍ତା ଦେଇଥିଲେ । ସଂପାଦକ ହରି ଶଙ୍କର ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ବାଲ୍ୟବିବାହର କୁପରିଣତି ଓ ସେଥିରେ ଥିବା ଦଣ୍ଡବିଧାନ ଉପରେ ଆଲୋଚନା କରିଥିଲେ। ଆଦିବାସୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡାକ୍ତର ବିଭୁତିଭୂଷଣ ଆଚାର୍ଯ୍ୟ ଉପସ୍ଥିତ ରହି ପୋସ୍ ଆଇନ୍ ବିଷୟରେ ଉପସ୍ଥାପନା କରିବା ସହିତ ନିଜ ବିଦ୍ୟାଳୟରେ ମଧ୍ୟ ଆଭ୍ୟନ୍ତରିଣ ଅଭିଯୋଗ କମିଟି ଗଠନ ହୋଇଥିବା କଥା ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ବାରଖମା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁସ ମେଡିକାଲ ଅଧିକାରି ଡାକ୍ତର କୁନାଲ ଚନ୍ଦ୍ର ରଣସଣ୍ଠ, ସମନ୍ୱିତ ରକ୍ତ ପରିକ୍ଷା କେନ୍ଦ୍ରର ପରାମର୍ଶ ଦାତା ଗିତାଞ୍ଜଳୀ ପଣ୍ଡା ଓ ବାଲିଗୁଡା ବ୍ଲକ୍ ର ଅତିରିକ୍ତ ଗୋଷ୍ଠିଉନ୍ନୟନ ଅଧିକାରି ଉପସ୍ଥିତ ରହି ସଂକ୍ରମଣର ବିଭିନ୍ନ ମାଧ୍ୟମ ଏବଂ ତା'ର ସତର୍କତା ବିଷୟରେ ଜଣାଇବା ସହ ଯୌନ ସଂକ୍ରମଣ, ରୋଗର କାରଣ ଓ ନିରାକରଣର ଉପାୟ ଗୁଡିକୁ ବୁଝାଇଥିଲେ ।

ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ପ୍ରକଳ୍ପ ତରଫରୁ ବିଶ୍ୱରଞ୍ଜନ କର ଅତିଥି ସ୍ୱାଗତ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ତରଫରୁ ସ୍ନେହଲତା ନାୟକ, ସୀତା ରଣା ଓ ଜଳିତା ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ରେଡରିବନ୍ କ୍ଲବ୍ ଓ ଯୁବ ରେଡକ୍ରସରେ କାର୍ଯ୍ୟରତ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଦେବା ସହିତ ବାଲ୍ୟବିବାହ, ନିଶା ନିବାରଣ ଓ ଏଚ୍.ଆଇ.ଭି. ସଂକ୍ରମଣ ରୋକିବା ନେଇ ଏକ ଶପଥ ପାଠ କରାଯାଇଥିଲା ।

# ଯୁବତୀଙ୍କୁ ଅସଦାଚାରଣ ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା,୨୩/୦୯ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅଂଚଳରେ ଅଘଟଣ । ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କଲା ପୁଲିସ । ଗିରଫ ଯୁବକ ଜଣ ହେଲେ ଏହି ଥାନା ଅନ୍ତର୍ଗତ ଅର୍ଥଙ୍ଗା ଗ୍ରାମର ଦାମ ରାଉତଙ୍କ ପୁଅ ସୁନାକର ରାଉତ(୩୩) ବୋଲି ଜଣାପଡିଛି । ଅଭିଯୋଗ ମୁତାବକ, ଅର୍ଥଙ୍ଗା ଛକରେ ମିନତୀ ରାଉତଙ୍କର ଏକ ଜଳଖିଆ ଦୋକାନ ରହିଛି । ମିନତୀ ତାଙ୍କ ଝିଆରୀଙ୍କୁ ଦୋକାନରେ ବସାଇ ଘରକୁ ଯାଇଥିଲେ । ଯୁବତୀ ଜଣକ ଦୋକାନରେ ଏକଟିଆ ଥିବା ସୁଯୋଗ ନେଇ ଏହି ଗ୍ରାମର ଦାମ ରାଉତଙ୍କ ପୁଅ ସୁନାକର ତାଙ୍କୁ ଅସଦାଚରଣ କରିଥିଲା । ଏହି ଘଟଣାକୁ ନେଇ ଯୁବତୀ ଜଣକ ଘରେ ଜଣାଇବା ଥିଲା । ଏହି ଘଟଣାରେ ଖୁଡି ମିନତୀ ବ୍ରହ୍ମବରଦା ଥାନାରେ ସୁନାକରଙ୍କ ନାମରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୁଲିସ ଅର୍ଥଙ୍ଗା ଗ୍ରାମରେ ପଂହଚି ଘଟଣାର ତଦନ୍ତ କରିବା ସହ ସୁନାକରକୁ ଗିରଫ କରିଥିଲା । କେସ୍ ନଂ ୧୭୬/୨୬ରେ ଏକ ମାମଲା ରୁଜୁ କରି ସୁନାକରକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ସଂଜୟ କୁମାର ପରିଡା ସୂଚନା ଦେଇଛନ୍ତି ।

# ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଶ୍ରୀକ୍ଷେତ୍ରରୁ ଏକାମ୍ର କ୍ଷେତ୍ର ଭବ୍ୟ ପଦଯାତ୍ରା ଶୁଭାରମ୍ଭ

ପୁରୀ,୨୩/୦୯ (ନି.ପ୍ର): ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ୨୦୦୮ ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ପାଇଁ ମଙ୍ଗଳବାର ଶ୍ରୀଜଗନ୍ନାଥଙ୍କ ପରମ ପାବନ ଶ୍ରୀକ୍ଷେତ୍ର ପୁରୀରୁ ଏକାମ୍ର କ୍ଷେତ୍ର ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ଐତିହାସିକ ଭବ୍ୟ ପଦଯାତ୍ରା ଆରମ୍ଭ କରାଯାଇଛି । ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ପ୍ରଭୁଙ୍କର ଆଜ୍ଞାମାଳ ନେଇ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଏହି ବିଶାଳ ପଦଯାତ୍ରା ପ୍ରାରମ୍ଭ କରାଯାଇଛି। ସୂଚନାଯୋଗ୍ୟ ଯେ, ୨୦୦୮ ରୁ ୨୦୧୮ ସରକାରୀ ଅନୁଦାନ ନୀତି ପାଇଁ ସଂଘ ଦୀର୍ଘ ଦିନରୁ ଦାବି କରିଆସୁଛି । ବହୁବାର ସରକାରଙ୍କ ସହ ଆଲୋଚନା କରାଯାଇଛି । ଗତ ମୌସୁମୀ ଅଧିବେଶନରେ ସଂଘର ଆମରଣ ଅନଶନ ସମୟରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟକ୍ଷ ହସ୍ତକ୍ଷେପ କରି ଖୁବଶୀଘ୍ର ଦାବି ପୂରଣ ପାଇଁ ପ୍ରତିଶୃତି ପ୍ରଦାନ କରିଥିଲେ । ପରବର୍ତୀ ପର୍ଯ୍ୟାୟରେ ଶିକ୍ଷକ ଅଧ୍ୟାପକ ମାନଙ୍କର ଦାବିକୁ ଅନୁଶୀଳନ କରିବା ପାଇଁ ସରକାରଙ୍କ ଦ୍ୱାରା ଏକ ଉଚ୍ଚସ୍ତରୀୟ କମିଟି ଗଢ଼ା ଯାଇଥିଲା । ମାତ୍ର ଦୁଃଖ ଏବଂ ପରିତାପର ବିଷୟ ସରକାର କମିଟିର ଦ୍ୱାହି ଦେଇ ଅଧ୍ୟାପକ କର୍ମଚାରୀ ମାନଙ୍କର ଦାବିକୁ ଅଣଦେଖା କଲେ । ଉଚ୍ଚସ୍ତରୀୟ କମିଟି ତା'ର ରିପୋର୍ଟ ପ୍ରଦାନ କରିସାରିଥିଲେ ମଧ୍ୟ ସରକାର ଏ ପର୍ଯ୍ୟନ୍ତ ଦାବି ପୂରଣ କଲେ ନାହିଁ । ତେଣୁ ସଂଘ ପରିଶେଷରେ କୋଟି ଓଡିଆର ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରି ତାଙ୍କର ପାବନ ଶରଧାବାଲିରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ବିଶାଳ ଐତିହାସିକ ପଦଯାତ୍ରା କରୁଛି । ଯଦି ମୁଖ୍ୟମନ୍ତ୍ରୀ ଦାବି ପୂରଣ ପାଇଁ କାଳକ୍ଷେପଣ ନୀତି ଅବଲମ୍ବନ କରନ୍ତି ତେବେ ସଂଘ ଆମରଣ ଅନଶନକୁ ଓଲ୍‌ହାଇବା ପାଇଁ ଚରମ ନିଷ୍ପତି ନେବ ବୋଲି ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସ କହିଛନ୍ତି । ନିବେଦନ ମହାଆନ୍ଦୋଳନ ଦ୍ୱାରା ସୃଷ୍ଟି ହେବାକୁ ଯାଉଥିବା ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ଯଥାଶୀଘ୍ର ମୁଖ୍ୟମନ୍ତ୍ରୀ ଅନୁଦାନ ନୀତି ୨୦୦୮ ରୁ ୨୦୧୮ ଘୋଷଣା କରିବା ପାଇଁ ଦାବି କରିଛନ୍ତି ।

# ହାଡିଆରେ ବେଆଇନ ମଦ ବିକ୍ରି ବନ୍ଦ ପାଇଁ ଜୟପୁର ସଦର ଥାନା ଓ ଅବକାରୀ ଥାନା ଘେରାଉ

ଜୟପୁର,୨୩/୦୯ (ନି.ପ୍ର): କୋରାପୁଟ ଜିଲାରେ ବିଷାକ୍ତ ବେଆଇନ ମଦ କାରବାର ଜୋରସୋରରେ ଚାଲିଛି । ଗତ ଦିନରେ ବୋରିଗୁମ୍ମା, କୋଟପାଡ, କୁନ୍ଦୁରାରେ ମହିଳାମାନେ ମଦ ବନ୍ଦ କରିବା ପାଇଁ ପୋଲିସ ଓ ଅବକାରି ବିଭାଗ କାର୍ଯ୍ୟାଳୟ ଘେରାଉ କରି ଦାବି ପତ୍ର ପ୍ରଦାନ କରିଥିବା ବେଳେ ଆଜି ଜୟପୁରରେ ମଦ ବନ୍ଦ କରିବା ପାଇଁ ମହିଳା ମାନେ ଆଗକୁ ଆସିଛନ୍ତି । ଜୟପୁର ସଦର ଥାନା ଅନ୍ତର୍ଗତ ହାଡିଆ ପଂଚାୟତରେ ବେଆଇନ ମଦ ବିକ୍ରି ସହ ମଦ ବନ୍ଦ କରିବାକୁ ଶତାଧିକ ମହିଳା ବାହାରିଛନ୍ତି । ଏନେଇ ଆଜି ଜୟପୁର ସଦର ଥାନା ଓ ଅବକାରି ଥାନାକୁ ଘେରାଉ କରାଯାଇଛି । ଏନେଇ ଜୟପୁର ସଦର ଥାନା ଅଧିକାରୀ ଓ ଅବକାରି ଥାନା ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି ।

ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ହାଡିଆରେ ବହୁତ ଦିନ ହେବ ବେଆଇନ ଭାବେ ଚୋରା ମଦ କାରବାର ବହୁଳ ମାତ୍ରାରେ ବଢି ଚାଲିଛି । ଏହି ବେଆଇନ ମଦ ବିକ୍ରି ଯୋଗୁଁ ଅଂଚଳରେ ସବୁବେଳେ ମଦ୍ୟପ ମାନଙ୍କ ଆଡ୍ଡା ଜମୁଛି । ପ୍ରତ୍ୟେକ ଦିନ ମଦ୍ୟପାନ କରି ରାସ୍ତା ଘାଟରେ ଗାଳି ଗୁଲଜ କରିବା ସହ ଝଗଡା ସୃଷ୍ଟି କରୁଛନ୍ତି । ଏହାଦ୍ୱାରା ମହିଳା, ସ୍କୁଲ ଓ କଲେଜ ପଢୁଥିବା ଛାତ୍ର ଛାତ୍ରୀ ଏବଂ ସାଧାରଣ ଲୋକ ଯାତାୟାତ କରିବା ସମୟରେ ଅସୁରକ୍ଷିତ ମଣୁଛନ୍ତି । ଶାନ୍ତିପୂର୍ଣ୍ଣ ସାମାଜିକ ପରିବେଶ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହେଉଛି ଏବଂ ଅପରାଧିକ ମାମଲା ବଢିବା ଆଶଙ୍କା ଦେଖା ଦେଇଛି । ଏମିତିକି ମଦ ପାଇଁ ଭତା କାର୍ଡ, ଚାଉଳ କାର୍ଡ ହାଣ୍ଡିକୁଣ୍ଡି ବନ୍ଧ ପକାଇ ଘରର ପୁରୁଷ ମାନେ ମଦ ପିଉଥିବା ବେଳେ ମହିଳା ମାନେ ହଇରାଣ ହେଉଛନ୍ତି । ମଦ୍ୟପାନ କରି ପୁରୁଷ ମାନେ ମହିଳା ମାନଙ୍କୁ ଆକ୍ରମଣ କରୁଛନ୍ତି । ବିଷାକ୍ତ ମଦ ପିଇ ଗ୍ରାମରେ ୨ ଜଣ ମୃତ୍ୟୁବରଣ କରିଥିବା ଗ୍ରାମର ମହିଳା ମାନେ ଅଭିଯୋଗ କରିଛନ୍ତି । ତେଣୁ ପୋଲିସ ଓ ଅବକାରି ବିଭାଗ ତରଫରୁ ଚଢଉ କରି ବେଆଇନ ମଦ କାରବାର ବନ୍ଦ କରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନରହରି ଭତ୍ରା, କିଶୋର ଚନ୍ଦ୍ର ମାଳି, ପତି ଭୁମିଆ ପ୍ରମୁଖ ଦାବି କରିଛନ୍ତି । ଯଦି ପୋଲିସ ଓ ଅବକାରି ପ୍ରଶାସନ କିଛି ପଦକ୍ଷେପ ନନେଲେ ତେବେ ଏସପିଙ୍କ ଦ୍ୱାରସ୍ଥ ହେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

ବିଚିତ୍ରା

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ୨୪ ସେପ୍ଟେମ୍ବର ୨୦୨୬ ଗୁରୁବାର


**ଧାରାବାହିକ:** ଭାଗ-୫୮

# ସଂକ୍ଷିପ୍ତ ଭାଗବତ କଥାମୃତ

## ଏକାଦଶ ସ୍କନ୍ଧ



**ଡ. ଶ୍ରୀହରି ପଣ୍ଡା**



କାରଣ କାମନା ପ୍ରଣୋଦିତ କର୍ମ ଫଳରେ ଭୋଗବାସନା ପରେ ତାକୁ ପୁନର୍ବାର ଜନ୍ମମରଣ-ଚକ୍ରରେ ଘୁରିବାକୁ ହେବ । ମୂଢ ମନୁଷ୍ୟ ଅଜ୍ଞତା କାରଣରୁ ବିଷୟାସକ୍ତ ହୋଇ ସଂସାର ଚକ୍ରରେ ଭ୍ରମଣ କରୁଥାଏ । ସେପରି ନର୍କଗାମୀ ଦେହ ଧାରଣରେ କି ପ୍ରୟୋଜନ ? ତେଣୁ ମନୁଷ୍ୟ ପରମ ପୁରୁଷାର୍ଥ ଲାଭ ନିମିତ୍ତ ମୃତ୍ୟୁର ପୂର୍ବରୁ ଚେଷ୍ଟିତ ହେବା ଦରକାର । ଦେହକୁ ସାତ୍ତ୍ୱିକ କର୍ମରେ ନିୟୋଜିତ କରି ଦେହ ମଧ୍ୟରେ ଜ୍ଞାନ ବୈରାଗ୍ୟ ଓ ଭକ୍ତି ଯୋଗମାର୍ଗର ସାଧନ ସମ୍ଭବ । ଏହି ଦେହ-ବୃକ୍ଷରେ ବାସ କରୁଛି ଜୀବରୂପୀ ହଂସ । କାଳରୂପୀ ଯମଦୂତଗଣ ଏହି ବୃକ୍ଷର ମୂଳକୁ ଅହର୍ନିଶ କୁଠାରରେ କାଟୁଛନ୍ତି ବୋଲି ବିଚାର କରି ଦେହ ଭୋଗଲିପ୍ସା ତ୍ୟାଗ କରିବେ । ଏହି ଦୁର୍ଲଭ ଦେହରୂପୀ ନୌକାରେ ଗୁରୁଙ୍କୁ କର୍ଣ୍ଣଧାର କଲେ ତାହା ସକଳ ସିଦ୍ଧିର ମାଧ୍ୟମ ହୋଇଥାଏ । ମୁଁ ନିଜେ ଅନୁକୂଳ ବାୟୁ ରୂପରେ ସେହି ନୌକାକୁ ଚାଳନା କରେ । ସେହି ନୌକାରେ ସଂସାର ସମୁଦ୍ର ପାର ହୋଇପାରିବେ । ଯେ ଏହା କରିନପାରେ ସେ ଅତ୍ୟନ୍ତ ହୀନ ଆତ୍ମଘାତୀ । ତା'ପାଖରେ ସଂସାର ଏକ ଅବରୁଦ୍ଧ କୂପ ସଦୃଶ, ତା ଶରୀର ଧାରଣ ବ୍ୟର୍ଥ । ମନୁଷ୍ୟ ମନ ସ୍ୱଭାବତଃ ଚଞ୍ଚଳ । ଏହାକୁ ଯୋଗାଭ୍ୟାସ ଦ୍ୱାରା ବଶୀଭୂତ କରି ଆତ୍ମସ୍ଥ କରିବାକୁ ହେବ । ଅନୁଲୋମ ଓ ପ୍ରତିଲୋମ ବିଚାର ଦ୍ୱାରା କ୍ରମେ ମନ ସ୍ଥିର ହେଲେ ବିଷୟ ବାସନା ମୁକ୍ତ ହୁଏ ପରେ ମନ କେବଳ ଅନୁଲୋମ ଓ ପ୍ରତିଲୋମ ପ୍ରକ୍ରିୟାର ସ୍ୱରୂପ ହୋଇ ବିଷୟରେ ଲିପ୍ତ ବା ଆସକ୍ତ ନହୋଇ ସବୁ ଦେଖେ । ତା ମନରେ ତତ୍ତ୍ୱ ଜ୍ଞାନର ଉଦ୍ରେକ ହୁଏ ଏବଂ ସେ ମୋର ଅର୍ଚ୍ଚନ, ବନ୍ଦନ, ଉପାସନା, ଶ୍ରବଣ, କୀର୍ତ୍ତନ ଆଦି କରି ପରମାନନ୍ଦରେ ସଂସାରରେ ଭ୍ରମଣକରେ । ଦୁଷ୍ଟ ସଙ୍ଗ ବା ଅନ୍ୟ କୌଣସି ପରିସ୍ଥିତିରେ ନିନ୍ଦିତ କର୍ମ କରିପକାଏ, ସେହି ପାପ ମଧ୍ୟ ମୋର ଭକ୍ତି ଯୋଗୁଁ କ୍ଷାଳିତ ହୋଇଯାଏ । ଉଦ୍ଧବ ମୋର ଚରଣରେ ଦୃଢଭକ୍ତି ଓ ଅନୁରାଗ ଜାତହେଲେ ହୃଦୟର ସକଳ କାମନା ବାସନା, ଅହଂକାର ସ୍ୱତଃ ନଷ୍ଟ ହୁଏ । ଭକ୍ତି ଯୋଗ ହିଁ ଶ୍ରେଷ୍ଠ ଯୋଗ । ଏଥିରେ ଅମୋଘ ଅକଳନୀୟ ଶକ୍ତି, ଅନ୍ୟ ଦୁଇ ଯୋଗ ଭକ୍ତିଯୋଗ ଅପେକ୍ଷା କରୁଥିବା ବେଳେ ଭକ୍ତିଯୋଗ କାହାରି ଅପେକ୍ଷା କରେନାହିଁ । ଭକ୍ତିବିନା କୌଣସି ଯୋଗର କଳନା କରିବା ସମ୍ଭବ ନୁହେଁ । ମୋର ଭକ୍ତ ସ୍ୱଭାବତଃ ଯୋଗୀ ଓ ବିଷୟ ବୈରାଗୀ । ତାକୁ ମୋକ୍ଷ ଯାଚିଲେ ମଧ୍ୟ ସେ ପରିହାର କରେ । ତାର ସଂସାରରେ ଶୁଭ ଅଶୁଭ ନାହିଁକି କାହାର ଗୁଣ ଦୋଷ ବିଚାର କରେନାହିଁ । ସେ ସର୍ବ ବନ୍ଧନମୁକ୍ତ ଓ ଚିର ଆନନ୍ଦମୟ ।

### ୨୧ଶ ଅଧ୍ୟାୟ, ଦୋଷ ଗୁଣ ବ୍ୟବସ୍ଥାର ସ୍ୱରୂପ ଓ ରହସ୍ୟ

ଶ୍ରୀ ଭଗବାନ କହିଲେ, ଯେଉଁ ବ୍ୟକ୍ତି ଭକ୍ତିଜାତ ଜ୍ଞାନ ବୈରାଗ୍ୟ ଓ ତତ୍ତ୍ୱ ଜ୍ଞାନ ପ୍ରାପ୍ତିର ସାଧନା ସମୂହ ତ୍ୟାଗକରି କାମ ଚଞ୍ଚଳ ଚିତ୍ତରେ ତୁଚ୍ଛ ବିଷୟ ବାସନାର ତୃପ୍ତି ପଛରେ ଧାଇଁଥାଏ ତାହାର ଜନ୍ମ ମରଣ ଚକ୍ରରୁ ମୁକ୍ତିଲାଭ କସ୍ମିନ କାଳେ ସମ୍ଭବ ନୁହେଁ । ବରଂ ତାର ଅତୃପ୍ତ କାମନା ବାସନା ତାକୁ ହୀନରୁ ହୀନତର ଯୋନିରେ ପ୍ରବେଶ କରାଏ । ସ୍ୱକର୍ତ୍ତବ୍ୟ କର୍ମ ନିଷ୍ଠାର ସହିତ ସମ୍ପାଦନକୁ ଗୁଣ ଓ ତାହାର ବିପରୀତ ଅନୁଷ୍ଠାନକୁ ଦୋଷ କୁହାଯାଏ । ଏହିପରି ଭାବେ ଗୁଣ ଓ ଦୋଷର ସ୍ୱରୂପ ନିର୍ଣ୍ଣୟ ହୁଏ । ସକଳ ବସ୍ତୁ ପଞ୍ଚଭୂତରୁ ଜାତ ହେତୁ ତାହା ମୂଳତଃ ଅଭିନ୍ନ ହେଲେ ମଧ୍ୟ ତନ୍ମଧ୍ୟରୁ କେଉଁଟି ଗ୍ରହଣୀୟ କେଉଁଟି ବର୍ଜନୀୟ, କେଉଁଟି ଶୁଦ୍ଧ ଓ ଅଶୁଦ୍ଧ, କେଉଁଟି ଶୁଭପ୍ରଦ ବା ଅଶୁଭ ଏହି ପ୍ରକାର ବିଧାନ ବେଦରେ ବର୍ଣ୍ଣିତ ହୋଇଛି । ଦେଶ କାଳପାତ୍ର, ବର୍ଣ୍ଣ, ଆଶ୍ରମ, ବୟସ ଓ ଦୈହିକ ଅବସ୍ଥା ଭେଦରେ ଗୋଟିଏ ଗ୍ରହଣୀୟ ଅନ୍ୟଟି ତେଜ୍ୟ ବୋଲି ବିବେଚିତ ହୁଏ । ତେବେ ଅସାଧାରଣ ପରିସ୍ଥିତିରେ ବା ଆପଦ କାଳରେ ନିଷିଦ୍ଧ କର୍ମ ବା ବସ୍ତୁ ପାପନୁହେଁ । ପ୍ରାଣୀ ସମୂହର କଲ୍ୟାଣ ଉଦ୍ଦେଶ୍ୟରେ ଜାତି, ବର୍ଣ୍ଣ ଓ ଆଶ୍ରମ ପ୍ରଭୃତିର ଗୁଣ ଦୋଷ ଭେଦ ବିଚାର ମୋହର ଦ୍ୱାରା ହିଁ ବେଦ ମୁଖରେ ପ୍ରଦତ୍ତ ହୋଇଛି । ଏହି ସକଳ ବିଧି ବିଧାନ ଜଡ ବ୍ୟକ୍ତି କିମ୍ବା ପ୍ରବୃତ୍ତି ପରବଶ ହୋଇ ଯେଉଁ ବ୍ୟକ୍ତି କର୍ମ କରିବାକୁ ବାଧ୍ୟ ତାହାରି ପାଇଁ କେବଳ ଅଭିପ୍ରେତ । ମାତ୍ର ମୋର ଭକ୍ତ ପାଇଁ ଏ ଭେଦ ବିଚାର ନିରର୍ଥକ । କାରଣ ସେ ବିକାର ଶୂନ୍ୟ ଓ ସମଦର୍ଶୀ । ଯେଉଁ ବ୍ୟକ୍ତି ଶୂନ୍ୟ ମାର୍ଗରେ ଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିଯାଇଛି ତା ପାଇଁ ଯେପରି ପଥ ଓ ଅପଥର ବିଚାର ଅନାବଶ୍ୟକ ସେହିପରି ମୋର ଭକ୍ତ ପାଇଁ ବେଦ ବିଚାର ଅନାବଶ୍ୟକ । ହେ ଉଦ୍ଧବ, ତଥାପି ସାଧାରଣ ବ୍ୟକ୍ତିର ଆଚରଣ ନିମିତ୍ତ ମୁଁ ବେଦ ବିହିତ ନୀତିନିୟମ ସଂକ୍ଷେପରେ ତୁମକୁ କହୁଛି । ମୁଁ ପୂର୍ବରୁ କହିଛି ସ୍ୱାଭାବିକ ପ୍ରବୃତ୍ତି ମୂଳକ କର୍ମ ସମୂହରେ ହିଁ ଦୋଷ ଗୁଣ ଶୁଦ୍ଧ ଅଶୁଦ୍ଧ ବିଚାର କରାଯାଏ । ଯଡେଁ ଦେଶରେ କୃଷ୍ଣସାର ମୃଗ ବିଚରଣ କରେନାହିଁ ସେ ଦେଶ ଅଶୁଦ୍ଧ । କୃଷ୍ଣସାର ମୃଗ ଥିଲେ ମଧ୍ୟ ଯେଉଁ ଦେଶରେ ଦେବତା ଓ ବ୍ରାହ୍ମଣର ଭକ୍ତି ନାହିଁ ସେ ଦେଶ ମଧ୍ୟ ଅଶୁଦ୍ଧ । ତ୍ରିକଟକ(ଅଙ୍ଗ, ବଙ୍ଗ,କଳିଙ୍ଗ) ଦେଶରେ କୃଷ୍ଣସାର ଥିଲେ ମଧ୍ୟ ତାହାର ଯେଉଁ ଅଂଶରେ ସତପୁରୁଷ ବାସ କରନ୍ତି ନାହିଁ ତାହା ଅଶୁଦ୍ଧ । ପୁଣି ଅଶୁଚି, ମ୍ଲେଚ୍ଛ ବହୁଳ ଦେଶ ଓ ଉସର ଭୂମି ମଧ୍ୟ ଅପବିତ୍ର, ଅଶୁଦ୍ଧ କାରଣରୁ ବାସ ଯୋଗ୍ୟ ନୁହେଁ । ସେହିପରି ଶୁଦ୍ଧ କାଳରେ ମଧ୍ୟ ବିଚାର କରାଯାଇ ସାଧାରଣତଃ ପ୍ରତ୍ୟୁଷ ବା ପୂର୍ବାହ୍ଣ କର୍ମ ଆରମ୍ଭର ପ୍ରକୃଷ୍ଟ କାଳ । ରାଷ୍ଟ୍ର ବିପ୍ଲବ, ଅଶୌଚ ଆଦି ଅନୂପ ଯୋଗୀ କାଳକୁ ଅପବିତ୍ର ମନେ କରାଯାଏ । ବିଶୁଦ୍ଧ ଦେଶକାଳ ବିଚାର କରି କର୍ମ କଲେ ତାହା ଫଳପ୍ରସୁ ହୁଏ । ଅନ୍ୟଥା କର୍ମ ନିଷ୍ଫଳ ହୁଏ । ତେବେ କାଳ ଶୁଦ୍ଧିର କୌଣସି ସାର୍ବଜନୀନ ବା ସର୍ବକାଳୀନ ମାନଦଣ୍ଡ ନାହିଁ । ସୂତରାଂ ପଣ୍ଡିତ ବ୍ୟକ୍ତି ଜ୍ଞାନଗୁଣର ଦେଶକାଳର ଶୁଦ୍ଧ ବିଚାର କରି କର୍ମାନୁଷ୍ଠାନ କରିବେ । ଦ୍ରବ୍ୟର ଶୁଦ୍ଧି ବା ଅଶୁଦ୍ଧି ଅନ୍ୟ ଦ୍ରବ୍ୟ, ବଚନ, ସଂସ୍କାର କାଳ, ସଂସର୍ଗ ପ୍ରାଚୁର୍ଯ୍ୟ, ଅଳ୍ପତା, ଶକ୍ତି ବା ଶକ୍ତି ହୀନତା ଏହି ସବୁ ବିଷୟରେ ବିଚାର ଜ୍ଞାନ ବା ଅଜ୍ଞତା କିମ୍ବା ସମୃଦ୍ଧିର ପ୍ରଭାବ ଦ୍ୱାରା ହିଁ ନିର୍ଣ୍ଣିତ ହୁଏ । ତେବେ ବସ୍ତୁ ସଂସର୍ଗ ଜାତ ଅଶୁଦ୍ଧି ସର୍ବତ୍ର ସର୍ବ ଅବସ୍ଥାରେ ସମାନ ନୁହେଁ । ଉଦ୍ଧବ ତୁମର ଅବବୋଧ ନିମିତ୍ତ କିଛି ଉଦାହରଣ ଦେଉଛି । ଦ୍ରବ୍ୟ-ପରିମିତ ବସ୍ତ୍ରରେ ପ୍ରସ୍ରାବ କଲେ ତାହା ଅଶୁଦ୍ଧ ହୁଏ, ଜଳ ଦ୍ୱାରା ଧୌତ କଲେ ଶୁଦ୍ଧ ହୁଏ । ବଚନ- କୌଣସି ବସ୍ତୁ ଶୁଦ୍ଧ ବା ଅଶୁଦ୍ଧ ସଂନ୍ଦେହ ଜାତ ହେଲେ କୌଣସି ବ୍ରାହ୍ମଣ ବା ଜ୍ଞାନୀ ବ୍ୟକ୍ତିଙ୍କୁ ପଚାରି ତାଙ୍କରି ବଚନ ଦ୍ୱାରା ଶୁଦ୍ଧାଶୁଦ୍ଧ ନିର୍ଣ୍ଣୟ କରାଯାଏ । ସଂସ୍କାର- ପୂଜାନିମିତ୍ତ ପୁଷ୍ପରେ ଜଳ ସିଞ୍ଚନ କଲେ ତାହା ଶୁଦ୍ଧ ହୁଏ ମାତ୍ର ଶୁଷ୍କହେଲେ ଅଶୁଦ୍ଧ । କାଳ- ସଦ୍ୟ ପ୍ରସ୍ତୁତ ଅନ୍ନାଦି ଶୁଦ୍ଧ ମାତ୍ର ବାସୀ ହେଲେ ଅଶୁଦ୍ଧ । ସଂସର୍ଗ- ଅଶୁଦ୍ଧଦ୍ରବ୍ୟ ସଙ୍ଗେ ମିଶିଲେ ବା ପତିତ ଜନ ଛୁଇଁଲେ ଶୁଦ୍ଧ ଦ୍ରବ୍ୟ ମଧ୍ୟ ଅଶୁଦ୍ଧ ହୋଇଯାଏ । ପ୍ରାଚୁର୍ଯ୍ୟ ଓ ଅଳ୍ପତା - ଯେଉଁ କୁକର୍ମ ଦ୍ୱାରା କଳସୀରେ ଥିବା ଜଳ ଅଶୁଦ୍ଧ ହୁଏ ସେହି କାରଣରୁ ବିଶାଳ ଜଳାଶୟର ଜଳ ଅଶୁଦ୍ଧ ହୁଏନାହିଁ । ଶକ୍ତି ଓ ଶକ୍ତି ହୀନତା- ସୁସ୍ଥ ବ୍ୟକ୍ତି ସ୍ନାନ ଦ୍ୱାରା ଶୁଦ୍ଧ ହୁଏ ମାତ୍ର ରୁଗ୍ଣ ବ୍ୟକ୍ତି ବିନା ସ୍ନାନରେ ବି ଶୁଦ୍ଧ ହୁଏ । ଜ୍ଞାନ- ବିଦେଶସ୍ଥ ବ୍ୟକ୍ତି ସ୍ୱଗୃହରେ ଅଶୌଚ ଅବସ୍ଥା ବିଷୟରେ ଅଜ୍ଞଥିବା ପର୍ଯ୍ୟନ୍ତ ଶୁଦ୍ଧ । ସମୃଦ୍ଧି- ଜୀର୍ଣ୍ଣ ମଳିନ ବସ୍ତ୍ର ସମୃଦ୍ଧ ବ୍ୟକ୍ତି ପାଖରେ ଅଶୁଦ୍ଧ ମାତ୍ର ଦରିଦ୍ର ପାଖରେ ଶୁଦ୍ଧ । ଅନେକ ଦ୍ରବ୍ୟ ବୃଷ୍ଟି ଜଳଦ୍ୱାରା ଦୂଷିତ ବା ଅଶୁଦ୍ଧ ହୁଏ । ପରେ ପବିତ୍ର କାଳରେ ସ୍ୱଭାବଗତ ଗୁଣରେ ଶୁଦ୍ଧ ହୁଏ । ରବି ଓ ଚନ୍ଦ୍ର ଗ୍ରହଣାଦି ଅଶୌଚ କାଳରେ ଅଶୁଦ୍ଧ ଦ୍ରବ୍ୟ ଜଳଦ୍ୱାରା ଶୁଦ୍ଧ ହୁଏ । ବୃକ୍ଷ କାମିନୀ ଓ ଧାନ୍ୟ ଫଳ ଯଥାକାଳରେ ହିଁ ଶୁଦ୍ଧ ହୁଅନ୍ତି । ଅସ୍ଥି, ଚର୍ମ ଓ ଭୂମି ସୂର୍ଯ୍ୟ କିରଣ ଦ୍ୱାରା ଶୁଦ୍ଧ ହୁଅନ୍ତି । ଦୁଗ୍ଧ, ଘୃତ ଓ ମଧୁ ଆଦି ରସ ଦ୍ରବ୍ୟ ସ୍ୱର୍ଣ୍ଣ ରୌପ୍ୟ ଆଦି ଉଜ୍ଜଳ ଧାତୁ ଅଗ୍ନି ଦ୍ୱାରା ପବିତ୍ର ବା ଶୁଦ୍ଧ ହୁଅନ୍ତି । ଭୂମିପଥ ଜଳ ସେଚନ ଦ୍ୱାରା, ତତ୍ୱର ଓ ଅଙ୍ଗନ ଗୋମୟ ଜଳ ସମାର୍ଜନ ଦ୍ୱାରା, ସମସ୍ତ ମନୁଷ୍ୟ ସ୍ନାନ, ଶୌଚ, ତପ, ଦାନାଦି ଦ୍ୱାରା ବାହ୍ୟତଃ ଶୁଦ୍ଧ ଓ ପବିତ୍ର ହୁଅନ୍ତି । ମାତ୍ର ମୋର ଆରାଧନା, ଭଜନ, କୀର୍ତ୍ତନ, ଅନ୍ତର ଓ ବାହାର ଉଭୟକୁ ଶୁଦ୍ଧ ଓ ପବିତ୍ର କରିଥାଏ । ଯେ ମୋର ନାମ ସ୍ମରଣ ଓ ପ୍ରତ୍ୟେକ କର୍ମ ମୋତେ ସମର୍ପଣ କରିଥାଏ ତାହାର ସମସ୍ତ କର୍ମ ଶୁଦ୍ଧ । ଗୁରୁ ବଚନ ଦ୍ୱାରା ମନ୍ତ୍ର ସିଦ୍ଧି, ଗାତ୍ର ଓ ଅନ୍ତଃଶୁଦ୍ଧି ହୁଏ । ମୋର ନାମ ଉଚ୍ଚାରଣ କଲେ ସକଳ ଶୁଦ୍ଧି ହୁଏ । ଦେଶ, କାଳ, ଦ୍ରବ୍ୟ, କର୍ତ୍ତା, ମନ୍ତ୍ର ଓ କର୍ମ ଏହି ଛଅଗୋଟି ଶୁଦ୍ଧ ହେଲେ ଧର୍ମ ସମ୍ପନ୍ନ ହୁଏ । ଏହାର ବିପରୀତ ଅଧର୍ମ । ପାତ୍ର ବା କୁଳାଚାର ଭେଦରେ ମଧ୍ୟ ଦୋଷ ଗୁଣ ନିୟନ୍ତିତ ହୁଏ । ଉଦାହରଣ ସ୍ୱରୂପ ଗୃହୀର ଯାହା ଗୁଣ, ତ୍ୟାଗୀ ବା ସନ୍ୟାସୀ ପାଖରେ ତାହା ଦୋଷ ହୋଇପାରେ । ଗୁଣ ଦୋଷ ବିଚାର ବ୍ୟବହାରିକ ବାସ୍ତବ ନୁହେଁ । ଦେଶ କାଳ ପାତ୍ର ନିର୍ଣ୍ଣିତ ଅଶୁଦ୍ଧ ବା ନିନ୍ଦିତ କର୍ମ ଫଳରେ ମନୁଷ୍ୟ ପାପଗ୍ରସ୍ତ ହୋଇ ଚଣ୍ଡାଳ ରୂପେ ଜନ୍ମଲାଭ କରେ ଓ ପାପ ପଙ୍କରେ ଘାଣ୍ଟି ହେଉଥାଏ । ଭୂମିରେ ଶୟନ କରୁଥିବା ବ୍ୟକ୍ତି ପକ୍ଷରେ ପତନ ନିରର୍ଥକ ହେବାପରି ପତିତ ବ୍ୟକ୍ତି ପାଖରେ କୌଣସି ଦୁରାଚାର ଆଉ ନିନ୍ଦିତ ବୋଲି ଗଣ୍ୟ ହୁଏନାହିଁ ବା ସେ ନିଜେ ଉପଲବ୍ଧି କରେନାହିଁ । ତାହାର ହିତାହିତ ଜ୍ଞାନ ଲୋପପାଇଥାଏ । ଏଣୁ ଶୁଦ୍ଧ କର୍ମ ଦ୍ୱାରା ସର୍ବଦା ନିଜକୁ ନିର୍ମଳ ଓ ନିର୍ଦ୍ଦୋଶ ରଖିବା ଉଚିତ । ଉଦ୍ଧବ, ବିଷୟ ସମୂହରେ ଗୁଣ ଆରୋପ ହେଲେ ମନୁଷ୍ୟଠାରେ ବିଷୟାସକ୍ତ ଜାତ ହୁଏ । ଆସକ୍ତିରୁ ଭୋଗକାମନା ଓ ସେଥିରେ ବାଧା ଉପୁଜିଲେ କଳହ ସୃଷ୍ଟିହୁଏ । କଳହରୁ କ୍ରୋଧ, କ୍ରୋଧରୁ ମୋହ ଏବଂ ମୋହ ହେତୁ ବୁଦ୍ଧି ବିବେକ ଜ୍ଞାନ ଲୋପ ହୁଏ । ଏହି ପ୍ରକାର ପ୍ରାଣୀର ଜୀବନ ଧାରଣ ବୃଥା । ଉଦ୍ଧବ କହିଲେ, ପ୍ରଭୁ ବିଷୟାଚିତ୍ତନିବେଶ ଯଦି ଏତେ ଅନର୍ଥର କାରଣ ତାହାଲେ ବେଦରେ କାହିଁକି ସ୍ୱର୍ଗ ପ୍ରାପ୍ତିର ଆଶା ଦର୍ଶାଇ ନାନା ଯଜ୍ଞାନୁଷ୍ଠାନର ବିଧାନ ଦିଆଯାଇଛି ? ଭଗବାନ କହିଲେ, ବେଦରେ ଯେଉଁ ଫଳଶ୍ରୁତି ତାହା ମାତା ନିଜର ପିଲାକୁ ମିଷ୍ଟାନ୍ନ ଦେଖାଇ କଟୁ ଔଷଧ ପିଆଇବା ସହ ସମାନ । ଏଥିରେ ରୋଗର ଆରୋଗ୍ୟ ହିଁ ଲକ୍ଷ୍ୟ ମିଷ୍ଟାନ୍ନ ଖୁଆଇବା ନୁହେଁ । ସେହିପରି ବେଦରେ ଯେଉଁ କର୍ମାନୁଷ୍ଠାନ ଦ୍ୱାରା ଫଳ ଲାଭର ସୂଚନା ଦିଆଯାଇଛି ତାହା କେବଳ ବହିର୍ମୁଖ ଜୀବକୁ ବୈଦିକ କର୍ମ ମାଧ୍ୟମରେ ମୋକ୍ଷମାର୍ଗରେ ଅଭିମୁଖୀ କରିବା । ମନୁଷ୍ୟ ସ୍ୱଭାବ ବଶବର୍ତ୍ତୀ ହୋଇ ଧନ, ଦାରା, ସୁତାଦି ବନ୍ଧନରେ ଆବଦ୍ଧ ହୋଇଯାଏ ଓ ଜନ୍ମ ଜନ୍ମାନ୍ତର ଧରି ଅଶେଷ ଦୁଃଖପାଏ । ଏହିପରି ମୂର୍ଖଙ୍କୁ ତହିଁରୁ ନିବୃତ୍ତ କରିବାକୁ ସ୍ୱର୍ଗସୁଖ ପ୍ରାପ୍ତି ରୂପକ ଆପାତ ମଧୁର ଫଳ କଥା ହିଁ ବେଦରେ କୁହାଯାଇଛି କିନ୍ତୁ ପ୍ରକୃତ ବେଦଜ୍ଞ ବେଦର ଏପରି ଅର୍ଥ ଜରେନାହିଁ । ମନୁଷ୍ୟକୁ ଯଥା ସମ୍ଭବ ଗୁଣଯୁକ୍ତ ଓ ଆସକ୍ତି ରହିତ କରି ମୋକ୍ଷାଭିମୁଖୀ କରାଇବା ହିଁ ବେଦର ମୌଳିକ ଲକ୍ଷ । ବେଦର ଏହି ଅର୍ଥକୁ ନବୁଝି ସେ ଜନ୍ମ ମରଣ ଚକ୍ରରେ ଘୁରି ଦୁଃଖପାଏ । ସ୍ୱର୍ଗପ୍ରାପ୍ତ କାମନା ରୂପକ ପୁଷ୍ପର ମୋକ୍ଷରୂପକ ଫଳ ବୋଲି ଜ୍ଞାନକରି ସେହି ଜ୍ଞାନହୀନ ବ୍ୟକ୍ତି ଫଳଲାଭ ଆଶାରେ କେବଳ ପୁଷ୍ପର ସୌରଭରେ ଉଦଭ୍ରାନ୍ତ ହୋଇ ଧାଇଁଥାଏ । ବେଦ ମୁଖରେ ମୋର ପରୋକ୍ଷ ଅଭିପ୍ରାୟକୁ ବୁଝିନପାରି ମାଂସ ଭକ୍ଷଣକାରୀ ବ୍ୟକ୍ତିଗଣ ଯଜ୍ଞାର୍ଥେ ପଶୁବଧ କରଣୀୟ ଏହି ବେଦୋକ୍ତି ବାକ୍ୟ ଆଳରେ ପଶୁବଳି ଦେଇ ମାଂସ ଭକ୍ଷଣ ଲାଳସା ଚରିତାର୍ଥ କରନ୍ତି ।

( କ୍ରମଶଃ )


+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮


**ସମ୍ପର୍କର ରିଙ୍ଗ**

# ଆକଟ, ଶୃଙ୍ଖଳାର ଅନ୍ୟ ନାମ



**ଶ୍ୱେତା ରାଉତ୍**

ଆଜିକାଲି ପିଲାମାନଙ୍କୁ ଆକଟ କରିବା ବାପା-ମାଆଙ୍କ ପାଇଁ ଯେମିତି ଏକ କଷ୍ଟକର କାମ ହୋଇଯାଇଛି। ପିଲାଙ୍କୁ କିଛି କହିଲେ ସେମାନେ ଚିଡ଼ିଯାଉଛନ୍ତି, ରାଗିଯାଉଛନ୍ତି, ମନ ଖରାପ କରି ବାପା ମାଆଙ୍କୁ ଭୁଲ୍ ବୁଝୁଛନ୍ତି। ସେମାନେ ବୁଝିବାକୁ ଚାହୁଁ ଯେ, ଆକଟ ମାନେ ସବୁବେଳେ ରାଗ ନୁହେଁ, କଠୋରତା ନୁହେଁ, ଭଲପାଇବାର ଅଭାବ ମଧ୍ୟ ନୁହେଁ। ବେଳେବେଳେ ଆକଟ ହିଁ ଭଲପାଇବାର ସବୁଠାରୁ ଦୃଢ଼ ରୂପ। ଯେଉଁ ବାପା-ମାଆ ପିଲାର ପ୍ରତ୍ୟେକ ଇଚ୍ଛାରେ 'ହଁ'କହିପାରନ୍ତି, ସେମାନେ ହୁଏତ ତାକୁ ସେହି ମୁହୂର୍ତ୍ତରେ ଖୁସି କରିପାରନ୍ତି, କିନ୍ତୁ ଯେଉଁମାନେ ଆବଶ୍ୟକ ସମୟରେ 'ନା'କହିବାର ସାହସ ରଖନ୍ତି, ସେମାନେ ତା'କୁ ଜୀବନର ଅନେକ ଭୁଲରୁ ରକ୍ଷା କରନ୍ତି। ପିଲା ଯେତେ ଜିଦ୍ କଲେ, ଅଭିମାନ କଲେ ମଧ୍ୟ ମାଆ ତା ହାତରୁ ମୋବାଇଲ୍ ଛଡ଼ାଇ ନେଇ ପଢିବାକୁ କୁହନ୍ତି। ପିଲାକୁ କିଛି କହିଲେ ସେ ରାଗିବ ଜାଣି ମଧ୍ୟ ବାପା ତାକୁ ଭୁଲ୍ ପଥରେ ଯିବାକୁ ଦିଅନ୍ତି ନାହିଁ। କାରଣ ସେମାନଙ୍କ ପାଇଁ ପିଲାର ଆଜିର ଖୁସିଠାରୁ ତା'ର ଆସନ୍ତାକାଲିର ଭଲ ଜୀବନ ଅଧିକ ମୂଲ୍ୟବାନ।

ଶୃଙ୍ଖଳା କେବଳ ବହିରୁ ଶିଖାଯାଏ ନାହିଁ। ଏହା ଘରୁ ଆରମ୍ଭ ହୁଏ। ସମୟର ମୂଲ୍ୟ ବୁଝିବା, ବଡ଼ମାନଙ୍କୁ ସମ୍ମାନ କରିବା, ନିଜ ଦାୟିତ୍ୱ ନିଜେ ନେବା, ଭୁଲ୍ କଲେ ତାହା ସ୍ୱୀକାର କରିବା, ଅନ୍ୟର ଅଧିକାରକୁ ସମ୍ମାନ କରିବା,ଏସବୁ ଶୃଙ୍ଖଳାର ଅଂଶ। ଆଉ ଏହି ଶୃଙ୍ଖଳାର ମୂଳଦୁଆରେ ଅନେକ ସମୟରେ ଥାଏ ବାପା-ମାଆଙ୍କର ଛୋଟ ଛୋଟ ଆକଟ। ଆକଟ ମଧ୍ୟ ସୀମା ଭିତରେ ହେବା ଦରକାର। ଆକଟ ନାମରେ ଅପମାନ, ଭୟ ସୃଷ୍ଟି କରିବା କିମ୍ବା ଶାରୀରିକ ଦଣ୍ଡ ଦେବା ଶୃଙ୍ଖଳା ନୁହେଁ। ପିଲାକୁ ବୁଝାଇବା, ତା'ର କଥା ଶୁଣିବା, କାହିଁକି କିଛି କରିବାକୁ ମନା କରାଯାଉଛି ସେକଥା ବୁଝାଇବା ଏବଂ ଆବଶ୍ୟକ ସୀମା ନିର୍ଦ୍ଧାରଣ କରିବା,ଏହି ହେଉଛି ବାସ୍ତବିକ ଶୃଙ୍ଖଳା। ପିଲାମାନେ ମଧ୍ୟ ଏକଥା ବୁଝିବା ଆବଶ୍ୟକ ଯେ, ବାପା-ମାଆଙ୍କର ପ୍ରତ୍ୟେକ ଆକଟ ତାଙ୍କ ସ୍ୱାଧୀନତାର ଶତ୍ରୁ ନୁହେଁ। କିଛି ସୀମା ମଣିଷକୁ ବନ୍ଦୀ କରେ ନାହିଁ,ବରଂ ତାକୁ ନିଜକୁ ନିଜେ ନିୟନ୍ତ୍ରଣ କରିବା ଶିଖାଏ।

ଗଛଟିଏ ବଢ଼ିବା ପାଇଁ ଯେପରି ବାଡ଼ର ଆବଶ୍ୟକତା ହୁଏ, ପିଲାର ସୁନ୍ଦର ଭବିଷ୍ୟତ ପାଇଁ ମଧ୍ୟ କିଛି ନିୟମ ଓ ସୀମାର ଆବଶ୍ୟକତା ରହିଛି। ବାଡ଼ ଗଛକୁ ବନ୍ଦୀ କରେ ନାହିଁ, ତାକୁ ସୁରକ୍ଷା ଦିଏ। ସେହିପରି ବାପା-ମାଆଙ୍କର ଆକଟ ପିଲାର ସ୍ୱାଧୀନତାକୁ ଛଡ଼ାଇ ନେବା ପାଇଁ ନୁହେଁ, ତା'ର ସ୍ୱାଧୀନତାକୁ ସଠିକ୍ ଦିଗ ଦେବା ପାଇଁ। ଆଜି ପିଲାଟିଏ ହୁଏତ ବାପା- ମାଆଙ୍କ ଆକଟରେ ରାଗୁଛି। ତାଙ୍କୁ ଭୁଲ୍ ବୁଝୁଛି। କିନ୍ତୁ ସମୟ ଆସିବ, ଜୀବନ ତାକୁ ଅନେକ ଶିକ୍ଷା ଦେବ। ସେତେବେଳେ ହୁଏତ ସେ ବୁଝିବ ବାପା ମାଆଙ୍କ ଆକଟ ତାକୁ କେତେ ଶୃଙ୍ଖଳିତ ରଖିଛି।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦





ପ୍ରାୟତଃ ଲୋକ ଖାଇବା ସମୟରେ ପାଟି ସୁଆଦ ଖୋଜିଥା'ନ୍ତି । ସ୍ୱାସ୍ଥ୍ୟ ପ୍ରତି ଅହିତକର ହେଲେ ଚଳିବ କିନ୍ତୁ ପାଟିକୁ ନ ରୁଚିଲେ ଖାଇବା ଯେମିତି ତଣ୍ଟିରୁ ତଳକୁ ଯିବନି । ଆପଣ ଖାଇବା ସମୟରେ ଅନେକ ଲୋକଙ୍କୁ କହିଥିବାର ଶୁଣିଥିବେ ଯେ ଆମେ ଏ ପରିବା ଖାଉନୁ ସେ ପରିବା ଖାଉନୁ । କିନ୍ତୁ ତଟକା ପରିବା ସମସ୍ତଙ୍କୁ ଖାଇବାର ଆବଶ୍ୟକତା ରହିଛି । ଏହା ଶରୀରରେ ଶକ୍ତି ଯୋଗାଇବାର କାମ କରେ । ଖାଲି ଶକ୍ତି ଯୋଗାଏ ନାହିଁ ଶରୀରରେ ଲୁକ୍କାୟିତ ଅନେକ ରୋଗକୁ ଧୀରେ ଧୀରେ ମାରିବାର କାମ ମଧ୍ୟ କରେ ଏହି ପରିବା । ତେବେ ଆପଣ ଜାଣିଛନ୍ତି କି ଗୁଆଁରଛୁଇଁ ମଧ୍ୟ ଦେହ ପାଇଁ ଭାରି ଭଲ । ଏହା ୮ ପ୍ରକାରର ସମସ୍ୟାକୁ ସମୂଳେ ନାଶ କରିବାର କ୍ଷମତା ରଖେ । ତେବେ ଆସନ୍ତୁ ଗୁଆଁରଛୁଇଁ ଖାଇଲେ କ'ଣ କ'ଣ ଲାଭ ମିଳେ ଜାଣିବା । ଗୁଆଁରଛୁଇଁରେ ଗ୍ଲାଇକୋନ୍ୟୁଟ୍ରିଏଣ୍ଟସ୍ ଥାଏ, ଯାହା ଶରୀରରେ ବ୍ଲଡ୍ ସୁଗାର୍ ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଏହାକୁ ସେବନ କରିବା ଦ୍ୱାରା ବ୍ଲଡ୍ ସୁଗାର୍ ସ୍ତରରେ ଦ୍ରୁତ ପରିବର୍ତ୍ତନ ହୁଏ ନାହିଁ । ଏଥିରେ ପର୍ଯ୍ୟାପ୍ତ ପରିମାଣରେ କ୍ୟାଲସିୟମ୍ ଥାଏ, ଯାହା ହାଡ଼କୁ ମଜବୁତ କରିବାରେ ସାହାଯ୍ୟ କରେ । ଏହା ହାଡ଼କୁ କ୍ଷତିରୁ ମଧ୍ୟ ରକ୍ଷା କରେ । ଏଥିରେ ଥିବା ଫସଫରସ୍ ହାଡ଼କୁ ମଜବୁତ କରିବାରେ ସାହାଯ୍ୟ କରେ । ଗୁଆଁର ଶରୀରରେ ଖରାପ କୋଲେଷ୍ଟ୍ରଲ୍ ସ୍ତରକୁ କମ୍ କରି ହୃଦୟକୁ ସୁସ୍ଥ ରଖେ । ଏହି ପରିବାରେ ଫାଇବର, ପଟାସିୟମ୍ ଏବଂ ଫୋଲେଟର ଭରପୂର ମାତ୍ରା ଅନେକ ପ୍ରକାରର ହୃଦ୍ ରୋଗରୁ ରକ୍ଷା କରେ । ଖାଲି ଏତିକି ନୁହେଁ ଗୁଆଁରଛୁଇଁର ହାଇପୋଗ୍ଲାଇସେମିକ୍ ଏବଂ ହାଇପୋଲିପିଡେମିକ୍ ଗୁଣ ଉଚ୍ଚ ରକ୍ତଚାପରେ ପୀଡ଼ିତ ଲୋକଙ୍କ ପାଇଁ ଏକ ପ୍ରାକୃତିକ ଉପଚାର ହୋଇଥାଏ । ମଧୁମେହ ଏବଂ ହୃଦରୋଗରେ ପୀଡ଼ିତ ଥିବା ଲୋକଙ୍କୁ ଉଚ୍ଚ ରକ୍ତଚାପର ବିପଦ ଅଧିକ ଥାଏ, ଏପରି ପରିସ୍ଥିତିରେ ଗୁଆଁରଛୁଇଁ ସେବନ ଲାଭଦାୟକ ହୋଇପାରେ । ଏଥିରେ ଥିବା ଆଇରନ୍ ଏବଂ କ୍ୟାଲସିୟମ୍ ଗର୍ଭବତୀ ମହିଳାମାନଙ୍କ ଶରୀରରେ ଖଣିଜ ପଦାର୍ଥର ଅଭାବ ପୂରଣ କରେ । ଏହି ପରିବା ଫୋଲିକ୍ ଏସିଡରେ ଭରପୂର, ଯାହା ଭ୍ରୁଣକୁ ଅନେକ ଜଟିଳତାରୁ ରକ୍ଷା କରିପାରେ ଏବଂ ଏଥିରେ ଥିବା ଭିଟାମିନ୍ କ ହାଡ଼ ପାଇଁ ଲାଭଦାୟକ । ଜନ୍ମ ହେବାକୁ ଥିବା ଶିଶୁର ଉତ୍ତମ ବିକାଶରେ ସାହାଯ୍ୟ କରେ ଗୁଆଁରଛୁଇଁ । ଏହି ପରିବାରେ ଥିବା ଆଇରନ୍ ହିମୋଗ୍ଲୋବିନ୍ ଉତ୍ପାଦନକୁ ବଢ଼ାଏ, ଯାହା ଶରୀରରେ ରକ୍ତର ଅଭାବ ପୂରଣ କରେ । ଏଥିରେ ଫାଇଟୋକେମିକାଲ୍ସ ଥାଏ ଯାହା ରକ୍ତରେ ଅମ୍ଳଜାନର କ୍ଷମତାକୁ ବଢ଼ାଏ ଏବଂ ରକ୍ତ ସଞ୍ଚାଳନ ଭଲ ହୁଏ । ଗୁଆଁରଛୁଇଁ ହଜମ ଶକ୍ତି ପାଇଁ ମଧ୍ୟ ଲାଭଦାୟକ । ଏହା ପେଟରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ମଧ୍ୟ ସାହାଯ୍ୟ କରେ ଏବଂ ହଜମ ସମ୍ବନ୍ଧୀୟ ସମସ୍ୟାକୁ ରୋକିଥାଏ । ଏଥିରେ ଥିବା ହାଇପୋଗ୍ଲାଇସେମିକ୍ ଗୁଣ ସ୍ନାୟୁକୁ ଆରାମ ଦେବାରେ ସାହାଯ୍ୟ କରେ ଏବଂ ଚିନ୍ତା,ମାନସିକ ଚାପକୁ କମ୍ କରି ବ୍ୟକ୍ତିକୁ ମାନସିକ ସ୍ତରରେ ଶାନ୍ତ କରିବାରେ ସାହାଯ୍ୟ କରିପାରେ ।

# କାହିଁକି ଲିଭର ରୋଗକୁ କୁହାଯାଏ 'ସାଇଲେଣ୍ଟ କିଲର' ?

## ଲକ୍ଷଣ ନଦେଇ ବି ଭିତରୁ ଧୀରେ ଧୀରେ କରେ ନଷ୍ଟ

ଲିଭର ଆମ ଶରୀରର ଏକ ଅତ୍ୟନ୍ତ ଜରୁରୀ ଅଙ୍ଗ। କିନ୍ତୁ ଲିଭର ସମ୍ବନ୍ଧୀୟ ଅନେକ ରୋଗରେ ଆରମ୍ଭରୁ ସ୍ପଷ୍ଟ ଲକ୍ଷଣ ଦେଖାଯାଏ ନାହିଁ । ଫଳରେ ରୋଗୀ ନିଜକୁ ସୁସ୍ଥ ଭାବୁଥିବା ବେଳେ ଭିତରେ ଭିତରେ ଲିଭରରେ ଚର୍ବି ଜମିବା, ପ୍ରଦାହ କିମ୍ବା ଫାଇବ୍ରୋସିସ୍ ଭଳି ସମସ୍ୟା ବଢ଼ିପାରେ । ଏହି କାରଣରୁ ଲିଭର ରୋଗକୁ ଅନେକ ସମୟରେ 'ସାଇଲେଣ୍ଟ କିଲର' ବୋଲି କୁହାଯାଏ। ଫ୍ୟାଟି ଲିଭର ଏହାର ଏକ ଉଦାହରଣ । ଏଥିରେ ଲିଭରରେ ଅଧିକ ଚର୍ବି ଜମିଥାଏ ଏବଂ ଅନେକ ଲୋକଙ୍କଠାରେ କୌଣସି ବିଶେଷ ଲକ୍ଷଣ ନଥାଏ । ମୋଟାପଣ, ଟାଇପ୍-୨ ଡାଇବେଟିସ୍, ଇନ୍ସୁଲିନ୍ ରେଜିଷ୍ଟାନ୍ସ ଓ ଅଧିକ ଟ୍ରାଇଗ୍ଲିସେରାଇଡ୍ ଭଳି ସମସ୍ୟା ଏହାର ଝୁମ୍ପ ବଢ଼ାଇପାରେ । ହେପାଟାଇଟିସ୍ ମଧ୍ୟ ଲିଭର ପାଇଁ ଗମ୍ଭୀର ସମସ୍ୟା। ହେପାଟାଇଟିସ୍ ବି ଓ ସି ଦୀର୍ଘ ସମୟ ରହିଲେ କ୍ରୋନିକ୍ ଲିଭର ରୋଗ, ସିରୋସିସ୍ ଏବଂ ଲିଭର କ୍ୟାନ୍ସରର ଝୁମ୍ପ ବଢ଼ିପାରେ । ସେହିପରି ଦୀର୍ଘ ସମୟ ଧରି ଅଧିକ ମଦ୍ୟପାନ କଲେ ଆଲକୋହଲ୍-ରିଲେଟେଡ୍ ଲିଭର ଡିଜିଜ୍ ହୋଇପାରେ । ଏହା ଫ୍ୟାଟି ଲିଭରରୁ ଆରମ୍ଭ ହୋଇ ଲିଭରରେ ପ୍ରଦାହ ଓ ପରେ ସିରୋସିସ୍‌ରେ ପରିଣତ ହୋଇପାରେ । ସିରୋସିସ୍ ଲିଭରର ଦୀର୍ଘକାଳୀନ କ୍ଷତିର ଏକ ଗମ୍ଭୀର ଅବସ୍ଥା । ଏଥିରେ ସୁସ୍ଥ ଲିଭର ଟିସ୍ୟୁର ସ୍ଥାନରେ ଦାଗ ଟିସ୍ୟୁ ତିଆରି ହୁଏ । ରୋଗ ବଢ଼ିଲେ ଲଗାତାର ଥକାଣ, ଭୋକ କମିବା, ଓଜନ ହ୍ରାସ, ଖୁଜୁଲି, ପେଟ କିମ୍ବା ଗୋଡ଼ ଫୁଲିବା, ପେଟରେ ପାଣି ଜମିବା, ସହଜରେ ରକ୍ତସ୍ରାବ ଏବଂ ଭ୍ରମ ଭଳି ଲକ୍ଷଣ ଦେଖାଯାଇପାରେ ।

# କ୍ଷମତା, ସମ୍ପତ୍ତି ଏବଂ ସ୍ୱଚ୍ଛତା

ଗଣତନ୍ତ୍ରରେ ରାଜନୈତିକ କ୍ଷମତା ଏବଂ ବ୍ୟକ୍ତିଗତ ସମ୍ପତ୍ତି ମଧ୍ୟରେ ଥିବା ସୀମାରେଖା ସର୍ବଦା ଏକ ବିତର୍କର ବିଷୟ ହୋଇଆସିଛି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟରେ ପ୍ରକାଶ ପାଇଥିବା ଆର୍ଥିକ କାରବାରର ରିପୋର୍ଟ ଏହି ବିତର୍କକୁ ପୁଣି ଥରେ ଉଜ୍ଜୀବିତ କରିଛି । ସେପ୍ଟେମ୍ବର ୨୦୨୬ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, କେବଳ ଜୁଲାଇ ମାସରେ ଟ୍ରମ୍ପଙ୍କ ଆକାଉଣ୍ଟରୁ ଏକ ହଜାରରୁ ଅଧିକ ଥର ସେୟାର ବଜାରରେ କିଣାବିକା କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୭୯ ନିୟୁତ ଡଲାରରୁ ୨୭୦ ନିୟୁତ ଡଲାର ମଧ୍ୟରେ ରହିବ । ଏହି ତଥ୍ୟ ସାମ୍ନାକୁ ଆସିବା ପରେ ରାଷ୍ଟ୍ରପତିଙ୍କ ନୈତିକତା, ସ୍ୱଚ୍ଛତା ଏବଂ ସମ୍ଭାବ୍ୟ ସ୍ୱାର୍ଥର ସଂଘାତକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏତେ ବଡ଼ ଧରଣର ଆର୍ଥିକ କାରବାର କୌଣସି ସାଧାରଣ ନିବେଶକଙ୍କ ପକ୍ଷରେ ସମ୍ଭବ ନୁହେଁ ଏବଂ ଜଣେ କ୍ଷମତାସୀନ ରାଷ୍ଟ୍ରପତିଙ୍କ କ୍ଷେତ୍ରରେ ଏହା ଅତ୍ୟନ୍ତ ଅସ୍ୱାଭାବିକ ଅଟେ । ବିଶେଷ କରି ଯେତେବେଳେ ଦେଶର ସର୍ବୋଚ୍ଚ ପଦବୀରେ ଥିବା ବ୍ୟକ୍ତିଙ୍କ ନିଷ୍ପତ୍ତି ସିଧାସଳଖ ଭାବରେ ବଜାରକୁ ପ୍ରଭାବିତ କରିବାର କ୍ଷମତା ରଖିଥାଏ, ସେତେବେଳେ ଏପରି କାରବାର କେବଳ ସନ୍ଦେହ ଘେରରେ ରହେ ନାହିଁ ବରଂ ଏହା ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଏକ ଆହ୍ୱାନ ସୃଷ୍ଟି କରେ । ଆମେରିକୀୟ ନିର୍ବାଚନ ଆଇନ ଏବଂ ସରକାରୀ ନୈତିକତା ନିୟମ ଅନୁଯାୟୀ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କୁ ସେମାନଙ୍କର ଆର୍ଥିକ କାରବାରର ବିବରଣୀ ପ୍ରଦାନ କରିବାକୁ ପଡ଼ିଥାଏ, କିନ୍ତୁ ଏହି ଆଇନ ସେମାନଙ୍କୁ ସେୟାର ବଜାରରେ କାରବାର କରିବାରୁ ବାରଣ କରେ ନାହିଁ । ତେବେ ନୈତିକ ଦୃଷ୍ଟିକୋଣରୁ ଏହା କେତେ ଗ୍ରହଣୀୟ, ତାହା ଏବେ ଏକ ବଡ଼ ପ୍ରଶ୍ନ ପାଲଟିଛି ।

ଯଦି ଆମେ ତଥ୍ୟ ଉପରେ ନଜର ପକାଇବା, ତେବେ ଜୁଲାଇ ମାସର କାରବାରଗୁଡ଼ିକର ପରିସଂଖ୍ୟାନ ଆଶ୍ଚର୍ଯ୍ୟଜନକ ଅଟେ । ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ୪୪୦ରୁ ଅଧିକ ଥର ସେୟାର କିଣିଛନ୍ତି ଏବଂ ୭୦୦ରୁ ଅଧିକ ଥର ସେୟାର ବିକ୍ରି କରିଛନ୍ତି । ଏହି କାରବାର ମଧ୍ୟରେ ବିଶ୍ୱର କିଛି ବୃହତ୍ତମ ଟେକ୍ନୋଲୋଜି କମ୍ପାନୀ ସାମିଲ ଅଛନ୍ତି । ଜୁଲାଇ ୨୦ ତାରିଖରେ ଟ୍ରମ୍ପଙ୍କ ଆକାଉଣ୍ଟରୁ ଆମାଜନ ଏବଂ ମାଇକ୍ରୋସଫ୍ଟର ୫ ନିୟୁତରୁ ୨୫ ନିୟୁତ ଡଲାର ପର୍ଯ୍ୟନ୍ତ ସେୟାର ବିକ୍ରି କରାଯାଇଥିଲା । ସେହି ଗୋଟିଏ ଦିନରେ ଓରାକଲ୍ ଏବଂ କଷ୍ଟକୋ କମ୍ପାନୀର ପ୍ରାୟ ୫ ନିୟୁତ ଡଲାରର ସେୟାର, ଏବଂ ଏନଭିଡିଆର ୫ ଲକ୍ଷରୁ ୧ ନିୟୁତ ଡଲାରର ସେୟାର ମଧ୍ୟ ବିକ୍ରି କରାଯାଇଥିଲା । ଏହା ସହିତ ଇନଟୁଇଟ୍ ଏବଂ ସେଲ୍ସଫୋର୍ସ ଭଳି କମ୍ପାନୀରେ ୫ ନିୟୁତ ଡଲାର ପର୍ଯ୍ୟନ୍ତ ନୂତନ ନିବେଶ କରାଯାଇଥିଲା । ଏହି ବିଶାଳ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ଆମେରିକା ସରକାରଙ୍କ ବିଭିନ୍ନ ନିୟମ, କୃତ୍ରିମ ବୁଦ୍ଧିମତ୍ତା ନୀତି ଏବଂ ଆଣ୍ଟିଟ୍ରଷ୍ଟ ଆଇନ ଦ୍ୱାରା ସିଧାସଳଖ ପ୍ରଭାବିତ ହୋଇଥାନ୍ତି । ତେଣୁ ଜଣେ ରାଷ୍ଟ୍ରପତି ଏହି କମ୍ପାନୀଗୁଡ଼ିକରେ ଏତେ ବଡ଼ ଧରଣର ନିବେଶ କରିବା ନିଶ୍ଚିତ ଭାବରେ ସରକାରୀ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ ।

ଏହି ତାଲିକାରେ ସ୍ପେସ୍-ଏକ୍ସ ଭଳି କମ୍ପାନୀ ମଧ୍ୟ ରହିଛି, ଯାହାକି ଆମେରିକା ସରକାରଙ୍କ ଏକ ପ୍ରମୁଖ ପ୍ରତିରକ୍ଷା ଠିକାଦାର ଅଟେ । ଜୁନ୍ ମାସରେ ସ୍ପେସ୍-ଏକ୍ସ ଆମେରିକା ଇତିହାସର ସବୁଠାରୁ ବଡ଼ ଆଇପିଓ ଜାରି କରି ୧.୭୭ ଟ୍ରିଲିୟନ ଡଲାରର ମୂଲ୍ୟାୟନ ହାସଲ କରିଥିଲା । ଜୁଲାଇ ୧୦ ତାରିଖରେ ଟ୍ରମ୍ପ ସ୍ପେସ୍-ଏକ୍ସର ୧୫,୦୦୦ ରୁ ୫୦,୦୦୦ ଡଲାର ମୂଲ୍ୟର ସେୟାର କିଣିଥିଲେ ଏବଂ ଜୁଲାଇ ୧୭ ତାରିଖରେ କିଛି ସେୟାର ବିକ୍ରି ମଧ୍ୟ କରିଥିଲେ । ଏଲନ୍ ମସ୍କଙ୍କ ସହିତ ଟ୍ରମ୍ପଙ୍କ ରାଜନୈତିକ ସମ୍ପର୍କ ଏବଂ ସ୍ପେସ୍-ଏକ୍ସର ସରକାରୀ ଚୁକ୍ତିନାମାଗୁଡ଼ିକୁ ଦୃଷ୍ଟିରେ ରଖିଲେ ଏହି କାରବାରଗୁଡ଼ିକ ଅତ୍ୟନ୍ତ ସମ୍ବେଦନଶୀଳ ମନେହୁଏ । ଏହି ସମସ୍ତ ତଥ୍ୟକୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ ଦୈନିକ ହାରାହାରି ୫୦ଟି କାରବାର କରାଯାଇଛି, ଯାହାକି ଏକ ସାଧାରଣ ନିବେଶକଙ୍କ ତୁଳନାରେ ବହୁତ ଅଧିକ ଏବଂ ଏହା ଏକ ଆଲଗୋରିଦମିକ୍ ବା ହେଜ୍ ଫଣ୍ଡ ଟ୍ରେଡିଂ ଭଳି ପ୍ରତୀୟମାନ ହେଉଛି । ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଜାନୁଆରୀ ୨୦୨୫ରେ ନିଜର ଦ୍ୱିତୀୟ ପାଳି ଆରମ୍ଭ କରିବା ଦିନଠାରୁ ଟ୍ରମ୍ପଙ୍କ ପୋର୍ଟଫୋଲିଓରେ ୨୮,୦୦୦ ରୁ ଅଧିକ ସେୟାର କାରବାର ହୋଇସାରିଲାଣି । ଯଦି ଆମେ ପୂର୍ବତନ ରାଷ୍ଟ୍ରପତିମାନଙ୍କ ସହ ଏହାର ତୁଳନା କରିବା, ତେବେ ଜୋ ବାଇଡେନ ନିଜ କାର୍ଯ୍ୟକାଳ ମଧ୍ୟରେ ମାତ୍ର ୧୩ଟି ସେୟାର କାରବାର କରିଥିଲେ ଏବଂ ବାରାକ୍ ଓବାମା ଗୋଟିଏ ବି ବ୍ୟକ୍ତିଗତ ସେୟାର କାରବାର କରିନଥିଲେ, ବରଂ ସେମାନେ ମ୍ୟୁଚୁଆଲ୍ ଫଣ୍ଡ ଏବଂ ଟ୍ରେଜେରୀ ବଣ୍ଡ ଉପରେ ନିର୍ଭର କରୁଥିଲେ । ଏହି ତୁଳନାତ୍ମକ ଚିତ୍ର ସ୍ପଷ୍ଟ କରୁଛି ଯେ ଟ୍ରମ୍ପଙ୍କ ଆର୍ଥିକ ଗତିବିଧି କେତେ ବ୍ୟାପକ ଅଟେ ।

ଏହି ବିବାଦ ଉପରେ ହ୍ୱାଇଟ୍ ହାଉସ୍ ପକ୍ଷରୁ ସଫେଇ ଦିଆଯାଇଛି ଯେ ରାଷ୍ଟ୍ରପତିଙ୍କ ସେୟାର ଏବଂ ବଣ୍ଡ ପୋର୍ଟଫୋଲିଓ ସମ୍ପୂର୍ଣ୍ଣ ଭାବରେ ତୃତୀୟ ପକ୍ଷ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା ପରିଚାଳିତ ହେଉଛି । ହ୍ୱାଇଟ୍ ହାଉସ୍ ମୁଖପାତ୍ର ଡେଭିସ୍ ଇଙ୍ଗଲ୍ କହିଛନ୍ତି ଯେ ଏହି ସମସ୍ତ ନିବେଶ କମ୍ପ୍ୟୁଟର ଆଧାରିତ ମଡେଲ୍ ପୋର୍ଟଫୋଲିଓ ମାଧ୍ୟମରେ କରାଯାଉଛି, ଯାହା ସ୍ୱୟଂଚାଳିତ ଭାବରେ ଶ୍ୱାବ୍ ୧୦୦୦ ଭଳି ଇଣ୍ଡେକ୍ସକୁ ଅନୁସରଣ କରିଥାଏ । ତାଙ୍କ ମତରେ ରାଷ୍ଟ୍ରପତି ଟ୍ରମ୍ପ କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟଙ୍କର ଏହି ନିବେଶ ପ୍ରକ୍ରିୟାରେ କୌଣସି ସିଧାସଳଖ ନିୟନ୍ତ୍ରଣ କିମ୍ବା ପ୍ରଭାବ ନାହିଁ ଏବଂ ସମସ୍ତ ନିଷ୍ପତ୍ତି ସ୍ୱାଧୀନ ପରିଚାଳକମାନଙ୍କ ଦ୍ୱାରା ନିଆଯାଉଛି । ଟିକସ ରିହାତି ପାଇବା ପାଇଁ ବା ଟ୍ୟାକ୍ସ ଲସ୍ ହାର୍ଭେଷ୍ଟିଂ ପ୍ରକ୍ରିୟାରେ ଏତେ ମାତ୍ରାରେ କାରବାର କରାଯାଉଥିବା ଯୁକ୍ତି ମଧ୍ୟ ଉପସ୍ଥାପନ କରାଯାଇଛି । ଏହି ଯୁକ୍ତିର ଅର୍ଥ ହେଉଛି ଯେ କ୍ଷତି ସହୁଥିବା ସେୟାରଗୁଡ଼ିକୁ ବିକ୍ରି କରି ଟିକସ ଭାର କମାଇବା ପାଇଁ ଆର୍ଥିକ ପରିଚାଳକମାନେ ଦୈନନ୍ଦିନ ଭିତ୍ତିରେ ଏପରି କାରବାର କରୁଛନ୍ତି ।

ତଥାପି ଏହି ଯୁକ୍ତିଗୁଡ଼ିକ ସମାଲୋଚକମାନଙ୍କୁ ସନ୍ତୁଷ୍ଟ କରିପାରି ନାହିଁ । କାରଣ ଟ୍ରମ୍ପ ଆଧୁନିକ ଇତିହାସର ଏକମାତ୍ର ରାଷ୍ଟ୍ରପତି ଯିଏକି ନିଜର ସମ୍ପତ୍ତିକୁ ଏକ ବ୍ଲାଇଣ୍ଡ ଟ୍ରଷ୍ଟରେ ରଖିବାକୁ ମନା କରିଦେଇଛନ୍ତି । ଏକ ବ୍ଲାଇଣ୍ଡ ଟ୍ରଷ୍ଟରେ ସମ୍ପତ୍ତି ରଖିବା ଦ୍ୱାରା ନିବେଶକ ଜାଣିପାରନ୍ତି ନାହିଁ ଯେ ତାଙ୍କ ଟଙ୍କା କେଉଁ କମ୍ପାନୀରେ ଲଗାଯାଇଛି, ଯାହାଦ୍ୱାରା ସ୍ୱାର୍ଥର ସଂଘାତ ଏଡ଼ାଇ ଦିଆଯାଇପାରେ । କିନ୍ତୁ ଟ୍ରମ୍ପ ନିଜର ଆର୍ଥିକ ବିବରଣୀ ଫର୍ମରେ ନିଜେ ସ୍ୱାକ୍ଷର କରୁଛନ୍ତି, ଯାହାର ଅର୍ଥ ହେଉଛି ସେ ଜାଣନ୍ତି ଯେ ତାଙ୍କ ପୋର୍ଟଫୋଲିଓରେ କେଉଁ କମ୍ପାନୀର ସେୟାର କିଣାଯାଉଛି କିମ୍ବା ବିକ୍ରି କରାଯାଉଛି । ଏହା ଏକ ଗୁରୁତର ନୈତିକ ସମସ୍ୟା ସୃଷ୍ଟି କରୁଛି, କାରଣ ରାଷ୍ଟ୍ରପତି ଭାବରେ ତାଙ୍କର ନୀତିଗତ ନିଷ୍ପତ୍ତିଗୁଡ଼ିକ ସେହି କମ୍ପାନୀଗୁଡ଼ିକୁ ସିଧାସଳଖ ଲାଭବାନ କରିପାରେ ଯେଉଁଥିରେ ତାଙ୍କର ଆର୍ଥିକ ସ୍ୱାର୍ଥ ଜଡ଼ିତ ଅଛି । ଉଦାହରଣ ସ୍ୱରୂପ, ଇରାନ ସହିତ ଆମେରିକାର ଯୁଦ୍ଧ ପରିସ୍ଥିତି କାରଣରୁ ତୈଳ ଦର ବୃଦ୍ଧି ପାଇଥିଲା ଏବଂ ସିନେଟର ଅର୍ଥନୈତିକ କମିଟିର ରିପୋର୍ଟ ଅନୁଯାୟୀ ଟ୍ରମ୍ପ ନିଜର ତୈଳ ଏବଂ ଗ୍ୟାସ୍ କମ୍ପାନୀ ନିବେଶରୁ ପ୍ରାୟ ୧୫.୫ ନିୟୁତ ଡଲାର ଲାଭ କରିଥିଲେ । ଏହା ପ୍ରମାଣିତ କରେ ଯେ ସରକାରୀ ନୀତି ଏବଂ ବ୍ୟକ୍ତିଗତ ଲାଭ ମଧ୍ୟରେ ଥିବା ସମ୍ପର୍କ କେତେ ଗଭୀର ଏବଂ ବିପଜ୍ଜନକ ହୋଇପାରେ । ଯେତେବେଳେ ଦେଶର ବୈଦେଶିକ ନୀତି ଏବଂ ଯୁଦ୍ଧ ପରିସ୍ଥିତି ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ସମୃଦ୍ଧ କରେ, ସେତେବେଳେ ଜାତୀୟ ସୁରକ୍ଷା ନିଷ୍ପତ୍ତିଗୁଡ଼ିକର ନିରପେକ୍ଷତା ଉପରେ ସନ୍ଦେହ ଉପୁଜିବା ସ୍ୱାଭାବିକ ଅଟେ ।

ଏହି ଘଟଣାକ୍ରମରେ ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ରାଜନୈତିକ କପଟତା । ବର୍ତ୍ତମାନ ଟ୍ରମ୍ପ ଏବଂ ରିପବ୍ଲିକାନ୍ ଦଳ ଆମେରିକୀୟ କଂଗ୍ରେସର ସଦସ୍ୟମାନଙ୍କ ପାଇଁ ସେୟାର ବଜାରରେ କାରବାର ଉପରେ ପ୍ରତିବନ୍ଧକ ଲଗାଇବାକୁ ଜୋରଦାର ଦାବି କରୁଛନ୍ତି । ଜୁଲାଇ ମାସରେ ହିଁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ଟ୍ରମ୍ପଙ୍କ ସମର୍ଥିତ ଷ୍ଟପ୍ ଇନସାଇଡର୍ ଟ୍ରେଡିଂ ଆକ୍ଟ ପାରିତ ହୋଇଛି, ଯାହା ଆଇନପ୍ରଣେତା ଏବଂ ସେମାନଙ୍କ ପରିବାରକୁ ପବ୍ଲିକ୍ ଟ୍ରେଡେଡ୍ ସେୟାର କିଣିବାରୁ ବାରଣ କରିବ । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପ୍ରସ୍ତାବିତ ନିୟମରୁ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ବାଦ୍ ଦିଆଯାଇଛି । ଅର୍ଥାତ୍ ଯେଉଁ ନିୟମ ସାଂସଦମାନଙ୍କ ପାଇଁ ଲାଗୁ ହେବ, ତାହା ଦେଶର ସର୍ବୋଚ୍ଚ କାର୍ଯ୍ୟନିର୍ବାହୀଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ । ଏହା ଏକ ଦ୍ୱୈତ ମାନଦଣ୍ଡର ସ୍ପଷ୍ଟ ଉଦାହରଣ ଅଟେ । ବ୍ଲୁମବର୍ଗର ବିଶ୍ଳେଷଣ ଦର୍ଶାଉଛି ଯେ ନିଜର ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭରୁ ଜୁନ୍ ମାସ ସୁଦ୍ଧା ଟ୍ରମ୍ପ ଏକାକୀ ସମଗ୍ର କଂଗ୍ରେସର ସମସ୍ତ ସଦସ୍ୟଙ୍କ ମିଳିତ କାରବାରଠାରୁ ଅଧିକ ସେୟାର କାରବାର କରିଛନ୍ତି । ଯେଉଁ ବ୍ୟକ୍ତି ନିଜେ ଏତେ ବ୍ୟାପକ ପରିମାଣରେ ସେୟାର କାରବାର କରୁଛନ୍ତି, ସେ ଅନ୍ୟମାନଙ୍କ ପାଇଁ ନୈତିକତାର ପାଠ ପଢ଼ାଇବା କେବଳ ହାସ୍ୟାସ୍ପଦ ନୁହେଁ ବରଂ ଏହା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଥିବା ଜନସାଧାରଣଙ୍କ ବିଶ୍ୱାସକୁ ଭାଙ୍ଗିଦେଉଛି । ଜନସାଧାରଣ ମଧ୍ୟ ଏହି ଦ୍ୱୈତ ନୀତିକୁ ଗ୍ରହଣ କରୁନାହାଁନ୍ତି । ଇକୋନୋମିଷ୍ଟ ଏବଂ ୟୁଗୋଭ୍ ଦ୍ୱାରା କରାଯାଇଥିବା ଏକ ସାମ୍ପ୍ରତିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ପ୍ରାୟ ୭୫ ପ୍ରତିଶତ ଭୋଟର ବିଶ୍ୱାସ କରନ୍ତି ଯେ ନିର୍ବାଚିତ ପ୍ରତିନିଧିମାନଙ୍କୁ ସେୟାର ବଜାରରେ ବ୍ୟକ୍ତିଗତ ଭାବରେ କାରବାର କରିବାକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ । ଏହି ୭୫ ପ୍ରତିଶତ ଭୋଟରଙ୍କ ମଧ୍ୟରେ ଉଭୟ ଡେମୋକ୍ରାଟିକ୍ ଏବଂ ରିପବ୍ଲିକାନ୍ ଦଳର ସମର୍ଥକ ସାମିଲ ଅଛନ୍ତି, ଯାହା ପ୍ରମାଣିତ କରେ ଯେ ଏହା ଏକ ଦଳୀୟ ପ୍ରସଙ୍ଗ ନୁହେଁ ବରଂ ଏକ ବୃହତ୍ତର ନୈତିକ ପ୍ରସଙ୍ଗ ଅଟେ ।

ଏହା ବ୍ୟତୀତ ଟ୍ରମ୍ପଙ୍କ ବ୍ୟାପକ ଆର୍ଥିକ ସାମ୍ରାଜ୍ୟ କେବଳ ସେୟାର ବଜାର ମଧ୍ୟରେ ସୀମିତ ନାହିଁ । ତାଙ୍କର ବାର୍ଷିକ ଆର୍ଥିକ ବିବରଣୀରୁ ଜଣାପଡ଼ିଛି ଯେ ୨୦୨୫ ମସିହାରେ ସେ ନିଜର ବିଭିନ୍ନ ବ୍ୟବସାୟ ଏବଂ ନିବେଶରୁ ୨.୨୪ ବିଲିୟନ ଡଲାରରୁ ଅଧିକ ଆୟ କରିଛନ୍ତି । ଏଥିମଧ୍ୟରୁ କେବଳ କ୍ରିପ୍ଟୋକରେନ୍ସି ବ୍ୟବସାୟରୁ ୧ ବିଲିୟନ ଡଲାରର ଆୟ ହୋଇଛି, ଯେଉଁଥିରେ ୱାର୍ଲ୍ଡ ଲିବର୍ଟି ଫାଇନାନ୍ସିଆଲ୍ ଏବଂ ସେଲିବ୍ରେସନ୍ କଏନ୍ ଭଳି ପ୍ରକଳ୍ପ ସାମିଲ ଅଛି । ଏହା ସହିତ ନିଜର ଗଲ୍ଫ କୋର୍ସ ଏବଂ ରିଏଲ୍ ଇଷ୍ଟେଟ୍ ବ୍ୟବସାୟରୁ ମଧ୍ୟ ସେ କୋଟି କୋଟି ଡଲାର ଲାଭ କରିଛନ୍ତି । ଆହୁରି ମଧ୍ୟ ତାଙ୍କ କର୍ମଚାରୀମାନଙ୍କ ଆର୍ଥିକ ବିବରଣୀରୁ ଜଣାପଡ଼ିଛି ଯେ ଟ୍ରମ୍ପ ହ୍ୱାଇଟ୍ ହାଉସର ତିନିଜଣ ଅଧିକାରୀଙ୍କୁ ୪୫,୦୦୦ ଡଲାର ଲେଖାଏଁ ନଗଦ ଉପହାର ଦେଇଛନ୍ତି, ଯେଉଁଥିରେ ତାଙ୍କର ଘନିଷ୍ଠ ସହଯୋଗୀ ନାଟାଲି ହାର୍ପ ମଧ୍ୟ ସାମିଲ ଅଛନ୍ତି । ଏହିଭଳି ନଗଦ ଉପହାର ପ୍ରଦାନ ପ୍ରକ୍ରିୟା ଅନେକ ନୀତିଗତ ପ୍ରଶ୍ନ ଉଠାଇଛି ଏବଂ ବିଭିନ୍ନ ନିରୀକ୍ଷଣକାରୀ ସଂସ୍ଥା ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ଜଣେ ରାଷ୍ଟ୍ରପତି ନିଜ କାର୍ଯ୍ୟକାଳ ମଧ୍ୟରେ ଏତେ ବିପୁଳ ପରିମାଣର ବ୍ୟକ୍ତିଗତ ସମ୍ପତ୍ତି ଠୁଳ କରିବା ଏବଂ ସରକାରୀ କର୍ମଚାରୀଙ୍କୁ ନଗଦ ଅର୍ଥ ପ୍ରଦାନ କରିବା ଏକ ଗଣତନ୍ତ୍ରର ଲକ୍ଷଣ ନୁହେଁ । ଏହା ସରକାରୀ ବ୍ୟବସ୍ଥାର ବ୍ୟବସାୟୀକରଣକୁ ସୂଚାଉଛି, ଯେଉଁଠାରେ ଜନକଲ୍ୟାଣ ପରିବର୍ତ୍ତେ ବ୍ୟକ୍ତିଗତ ଲାଭକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ଭଳି ମନେହେଉଛି । ଏହି ସମସ୍ତ ତଥ୍ୟ ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରୁଛି ଯେ ବର୍ତ୍ତମାନର ଆମେରିକୀୟ ପ୍ରଶାସନରେ ଆର୍ଥିକ ସ୍ୱଚ୍ଛତାର ଘୋର ଅଭାବ ରହିଛି । ଯେତେବେଳେ ଜଣେ ଶାସକ ନିଜର ଆର୍ଥିକ ସାମ୍ରାଜ୍ୟକୁ ବିସ୍ତାର କରିବା ପାଇଁ ନିଜର ପଦବୀର ପରୋକ୍ଷ ବା ପ୍ରତ୍ୟକ୍ଷ ଲାଭ ଉଠାନ୍ତି, ସେତେବେଳେ ତାହା କେବଳ ଦେଶର ଅର୍ଥନୀତି ପାଇଁ ନୁହେଁ ବରଂ ସାମଗ୍ରିକ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଏକ ବିପଦ ସୃଷ୍ଟି କରେ । ଟ୍ରମ୍ପଙ୍କ କ୍ଷେତ୍ରରେ ଏହି ବିପଦ ଆହୁରି ଅଧିକ କାରଣ ସେ ଏପରି କମ୍ପାନୀଗୁଡ଼ିକରେ ନିବେଶ କରୁଛନ୍ତି ଯେଉଁମାନେ ସରକାରୀ ନିୟନ୍ତ୍ରଣ ଏବଂ ସରକାରୀ ଚୁକ୍ତି ଉପରେ ନିର୍ଭରଶୀଳ । ଆମାଜନ, ମାଇକ୍ରୋସଫ୍ଟ ଏବଂ ଓରାକଲ୍ ଭଳି କମ୍ପାନୀଗୁଡ଼ିକ ଆମେରିକା ସରକାରଙ୍କ କ୍ଲାଉଡ୍ କମ୍ପ୍ୟୁଟିଂ ଚୁକ୍ତି ହାସଲ କରିବା ପାଇଁ ସର୍ବଦା ପ୍ରତିଯୋଗିତା କରିଥାନ୍ତି । ଯଦି ରାଷ୍ଟ୍ରପତି ନିଜେ ଏହି କମ୍ପାନୀଗୁଡ଼ିକର ସେୟାର କିଣାବିକା କରୁଛନ୍ତି, ତେବେ ସେହି ଚୁକ୍ତିଗୁଡ଼ିକର ଆବଣ୍ଟନରେ କେତେଦୂର ସ୍ୱଚ୍ଛତା ରହିବ ତାହା ସହଜରେ ଅନୁମେୟ । ସେହିପରି ଫାର୍ମାସ୍ୟୁଟିକାଲ୍ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି । ଏହି କାରଣରୁ କେବଳ ରାଜନୈତିକ ସମାଲୋଚକ ନୁହଁନ୍ତି, ବରଂ ସାଧାରଣ ନାଗରିକମାନେ ମଧ୍ୟ ଏହି ଆର୍ଥିକ କାରବାରକୁ ନେଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି ।

ପରିଶେଷରେ ଏହା କୁହାଯାଇପାରେ ଯେ ଟ୍ରମ୍ପଙ୍କ ଜୁଲାଇ ମାସର ସେୟାର କାରବାର ରିପୋର୍ଟ କେବଳ କିଛି ଆର୍ଥିକ ସଂଖ୍ୟାର ତାଲିକା ନୁହେଁ, ବରଂ ଏହା ଆମେରିକୀୟ ରାଜନୈତିକ ବ୍ୟବସ୍ଥାରେ ଥିବା ଢାଞ୍ଚାଗତ ତ୍ରୁଟିକୁ ପଦାରେ ପକାଇଛି । ଯେତେବେଳେ ଦେଶର ନୀତି ନିର୍ଦ୍ଧାରକମାନେ ନିଜେ ସେହି ନୀତିରୁ ଆର୍ଥିକ ଲାଭ ଉଠାଇବାର ସୁଯୋଗ ପାଆନ୍ତି, ସେତେବେଳେ ସାଧାରଣ ନାଗରିକଙ୍କ ସ୍ୱାର୍ଥ କ୍ଷୁର୍ଣ୍ଣ ହେବା ସ୍ୱାଭାବିକ ଅଟେ । ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଗଣତନ୍ତ୍ରର ଦୁଇଟି ମୂଳସ୍ତମ୍ଭ ଅଟେ । କେବଳ ଆର୍ଥିକ କାରବାରର ବିବରଣୀ ସାର୍ବଜନୀନ କରିଦେଲେ ସ୍ୱଚ୍ଛତା ଆସିଯାଏ ନାହିଁ, ବରଂ ସେହି କାରବାରଗୁଡ଼ିକ ଯେପରି ସରକାରୀ ନିଷ୍ପତ୍ତିକୁ ପ୍ରଭାବିତ ନ କରେ, ତାହା ନିଶ୍ଚିତ କରିବା ହେଉଛି ପ୍ରକୃତ ଉତ୍ତରଦାୟିତ୍ୱ । ତେଣୁ ଆମେରିକୀୟ ପ୍ରଶାସନ ପାଇଁ ଏବେ ଏକ କଠୋର ନୈତିକ ଆଇନର ଆବଶ୍ୟକତା ରହିଛି, ଯାହା କେବଳ କଂଗ୍ରେସ ସଦସ୍ୟଙ୍କ ପାଇଁ ନୁହେଁ ବରଂ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ସମେତ ସମସ୍ତ ଉଚ୍ଚପଦସ୍ଥ ଅଧିକାରୀଙ୍କ ପାଇଁ ସମାନ ଭାବରେ ଲାଗୁ ହେବ । ରାଷ୍ଟ୍ରପତିଙ୍କ ସମ୍ପତ୍ତିକୁ ବାଧ୍ୟତାମୂଳକ ଭାବରେ ବ୍ଲାଇଣ୍ଡ ଟ୍ରଷ୍ଟରେ ରଖିବାର ବ୍ୟବସ୍ଥା କରାଯିବା ଉଚିତ୍, ଯାହାଦ୍ୱାରା ସ୍ୱାର୍ଥର ସଂଘାତକୁ ସମ୍ପୂର୍ଣ୍ଣ ରୂପେ ଏଡ଼ାଇ ଦିଆଯାଇପାରିବ । ଯେପର୍ଯ୍ୟନ୍ତ ଏହିପରି ପଦକ୍ଷେପ ନିଆଯାଇନାହିଁ, ସେପର୍ଯ୍ୟନ୍ତ ରାଜନୈତିକ କ୍ଷମତାର ଅପବ୍ୟବହାର ଏବଂ ବ୍ୟକ୍ତିଗତ ସମ୍ପତ୍ତି ବୃଦ୍ଧିର ଏହି ଖେଳ ଅବ୍ୟାହତ ରହିବ ଏବଂ ଗଣତନ୍ତ୍ର ପ୍ରତି ଜନସାଧାରଣଙ୍କ ବିଶ୍ୱାସ କ୍ରମାଗତ ଭାବରେ ହ୍ରାସ ପାଉଥିବ ।

# ଓଡ଼ିଶାରେ ଅଫିମ ଚାଷ

ଇଂ ସତ୍ୟନାରାୟଣ ମାଝୀ



ଓଡ଼ିଶାରେ ଅଫିମ ଏକ ବେଆଇନ ମାଦକ ଦ୍ରବ୍ୟ ହୋଇଥିଲେ ସୁଦ୍ଧା ଏହାର ଚାଷ ସହ କାରବାର ରାଜ୍ୟର ଅନେକ ଜିଲ୍ଲାରେ ଏକ ପ୍ରମୁଖ ସମାଜିକ ଓ ଆଇନଗତ ସମସ୍ୟା ଭାବରେ ଉଭା ହୋଇଛି । ଓଡ଼ିଶାର ଘଞ୍ଚ ଜଙ୍ଗଲ ଏବଂ ପାହାଡ଼ିଆ ଅଞ୍ଚଳଗୁଡ଼ିକ ଆଜି ବାହାର ରାଜ୍ୟର ନିଶାଦ୍ରବ୍ୟ ମାଫିଆମାନଙ୍କ ପାଇଁ ଏକ ସୁରକ୍ଷିତ ଆଡାସ୍ଥଳୀ ପାଲଟିଛି । ଏଭଳି ମାଦକ ଦ୍ରବ୍ୟର ଚାଷ ସମେତ ଚୋରା କାରବାର ଆଜିର ନୁହଁ ଲମ୍ବା ସମୟ ଧରିକି ଚାଲିଆସୁଛି । ରାଜ୍ୟର ବିଭିନ୍ନ ଜିଲ୍ଲାମାନଙ୍କରେ ଏହି ବେଆଇନ କାରବାରର ଆନୁମାନିକ ମୂଲ୍ୟ କୋଟି କୋଟି ଟଙ୍କାର ଆକଳନ କରାଯାଉଛି । ବେଆଇନ ମାଦକ ଦ୍ରବ୍ୟ ଜବତ ଏବଂ ଅବକାରୀ ବିଭାଗ ରିପୋର୍ଟ ଆଧାରରେ ଆନୁମାନିକ ମୂଲ୍ୟକୁ କୋଟି କୋଟି ଟଙ୍କାର ରହିଛି । ମୟୂରଭଞ୍ଜର ଶିମିଳିପାଳ ଜୈବମଣ୍ଡଳ ଏବଂ ଏହାର ସଂରକ୍ଷିତ ଜଙ୍ଗଲଗୁଡିକରେ ବହୁ କୋଟି ଟଙ୍କାର ଅଫିମ ଚାଷକୁ ଧ୍ୱଂସ କରିଛି ପ୍ରଶାସନ ।

ସେହିପରି କେନ୍ଦୁଝରର ବଡବିଲ ଅଂଚଳ ସମେତ ପଡୋଶୀ ରାଜ୍ୟ ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ଅପହଂଚ ଜଙ୍ଗଲରୁ କୋଟି କୋଟି ଟଙ୍କା ମୂଲ୍ୟର ଅଫିମ ଚାଷକୁ ନଷ୍ଟ କରିଛି ବିଭାଗ ।

ସକ୍ରିୟ ଭାବେ ଅପହଂଚ ପାହାଡିଆ ଇଲାକାର ଗଜପତି, ନବରଙ୍ଗପୁର, ସମ୍ବଲପୁର, ଅନୁଗୋଳ, ରାୟଗଡ଼ା, କୋରାପୁଟ, କନ୍ଧମାଳ , ବଲାଙ୍ଗୀର, ସୁନ୍ଦରଗଡ଼ ଓ ବୌଦ୍ଧ ଆଦି ଜିଲ୍ଲାର ଜଙ୍ଗଲ ସମେତ ଆହୁରି ବହୁଜିଲ୍ଲାରେ ଶହଶହ କୋଟି ଟଙ୍କା ମୂଲ୍ୟର ଅଫିମ ଚାଷ କରାଯାଉଥିବାର ନଜରକୁ ଆସିଛି ।

ଅନ୍ୟ ରାଜ୍ୟ ଝାଡ଼ଖଣ୍ଡ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗ ସୀମାରେ ମାଫିଆମାନଙ୍କ ଚରାଭୂଇଁ ଓଡ଼ିଶାର ଅପହଂଚ ଭୌଗୋଳିକ ସ୍ଥିତି ପାଇଁ ବହୁତ ସୁବିଧାଜନକ ସାଜିଛି । ବାହାର ରାଜ୍ୟରୁ ପୁଞ୍ଜି ଓ ମାଷ୍ଟରମାଇଣ୍ଡ ଝାଡ଼ଖଣ୍ଡ ଓ ବିହାର ସହ ଆହୁରି ତିନି ଚାରୋଟି ରାଜ୍ୟରୁ ଆସୁଥିବା ବେଆଇନ ମାଦକ ଦ୍ରବ୍ୟ ମାଫିଆମାନେ ଓଡ଼ିଶାର ଏହି ଦୁର୍ଗମ ଜଙ୍ଗଲଗୁଡ଼ିକୁ ବାଛିଛନ୍ତି । ପାହାଡ଼ ଘେରା ଜଙ୍ଗଲରେ ପୋଲିସ୍ ଓ ଅବକାରୀ ବିଭାଗ ସହଜରେ ପହଞ୍ଚିପାରେ ନାହିଁ, ଯାହାଫଳରେ ମାଫିଆମାନେ ସେଠାକାର ନିରୀହ ବାସିନ୍ଦାଙ୍କୁ ବେଆଇନ ଚାଷ କରାଇଥାନ୍ତି । ଅଧିକାଂଶ ଦୁର୍ଗମ ଅଞ୍ଚଳରେ ରହୁଥିବା ଗରିବ ଆଦିବାସୀମାନେ ଦାରିଦ୍ର୍ୟ ଏବଂ ଆର୍ଥିକ ଅନଟନ ଯୋଗୁଁ ଏହି ମାଫିଆଙ୍କ ଜାଲରେ ପଡ଼ିଯାଆନ୍ତି ।

ବାହାର ରାଜ୍ୟର ମାଫିଆମାନେ ଆଦିବାସୀମାନଙ୍କୁ କମ୍ ପରିଶ୍ରମରେ ଅଧିକ ଟଙ୍କା ଲୋଭ ଦେଖାଇ ଜଙ୍ଗଲ ଭିତରେ ବେଆଇନ ଅଫିମ ଚାଷ କରିବାକୁ ବାଧ କରନ୍ତି । ଗତ କିଛି ମାସ ହେବ ଜଙ୍ଗଲ ଓ ଅବକାରୀ ବିଭାଗର ମିଳିତ ଚଢାଉ ବିଭିନ୍ନ ଜିଲ୍ଲାରେ ଜଙ୍ଗଲ ଭିତରେ ହେଉଥିବା ଏହି ବେଆଇନ ଅଫିମ ଚାଷକୁ ଅତର୍କିତ ଭାବରେ ନଷ୍ଟ କରିବା ପାଇଁ 'ଡ୍ରେଷ୍ଟିଂ ଅପରେସନ୍' କରି ଆସୁଛନ୍ତି । ଯେଉଁଥିରେ ହେକ୍ଟର ହେକ୍ଟର ଜମିର କୋଟି କୋଟି ଟଙ୍କାର ଫସଲ ନଷ୍ଟ କରାଯାଇଛି । ଆଗାମୀ ଦିନରେ ସାଟେଲାଇଟ୍ ଇମେଜେରୀ ଏବଂ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ଦୁର୍ଗମ ଜଙ୍ଗଲରେ କେଉଁଠି ଲୁଚାଛପା ଅଫିମ ଚାଷ ହେଉଛି ତାକୁ ଠାବ କରିବା ସହ ନୂତନ ପ୍ରଯୁକ୍ତିବିଦ୍ୟାକୁ ଅବଲମ୍ବନ କରାଯିବାର ଆବଶ୍ୟକତା ରହିଛି । ସାମ୍ପ୍ରତିକ ପରିସ୍ଥିତିରେ ବି ଆହୁରି ଏଭଳି ଅନେକ ଅପହଂଚ ଇଲାକା ରହିଛି, ଯେଉଁଠି ଏବେ ବି ହେକ୍ଟର ହେକ୍ଟର ଜମିରେ ଅଫିମ ଚାଷ ଭଳି ବେଆଇନ କାର୍ଯ୍ୟକଳାପ ଚାଲିଛି । ଏହା ଦ୍ୱାରା ମାଦକ ଦ୍ରବ୍ୟର କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ପରିବେଶଗତ ସମସ୍ୟା ବହୁମାତ୍ରାରେ ବୃଦ୍ଧି ପାଉଛି । ଚାଷ ପାଇଁ ଜଙ୍ଗଲ କଟା ଓ ପଶୁପକ୍ଷୀଙ୍କୁ ଶିକାର କରାଯାଉଛି । ପାହାଡରେ ଥିବା ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ ମଧ୍ୟ କରାଯାଉଛି । ସେ ଅଂଚଳ ଜନବସତିରେ ଯୁବଗୋଷ୍ଠୀଙ୍କର ସମେତ ସାଧାରଣରେ ସାମାଜିକ କ୍ଷତି ପହଂଚୁଛି ।ଅନେକ ରକମର ବେଆଇନ ଅସାମାଜିକ



କାର୍ଯ୍ୟକଳାପ ବୃଦ୍ଧିପାଉଛି । ଯାହାଫଳରେ ପରିବେଶରେ ପ୍ରତ୍ୟକ୍ଷ ଭାବେ କୁପ୍ରଭାବ ପଡିବା ସୁନିଶ୍ଚିତ । ଏହାକୁ ନେଇ ସରକାର ତଥା ପ୍ରଶାସନ ଉଚ୍ଚସ୍ତରୀୟ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ । ମାଫିଆମାନଙ୍କ ଦ୍ୱାରା ବେଆଇନ ଅଫିମ ଚାଷ ଉପରେ ସତନ୍ତ୍ର ଭାବେ ଟାସ୍କଫୋର୍ସ ଗଠନ କରି ପ୍ରଶାସନ ତରଫରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

କାରଣ ମାଫିଆ ସକ୍ରିୟ ହେଲେ ଅରାଜକତା ବଢିବା ସୁନିଶ୍ଚିତ ଏବଂ ଜନସାଧାରଣଙ୍କ ପାଇଁ କଣ୍ଟକମୟ ।

+ସ୍ଥାୟୀ କମିଟି ସଦସ୍ୟ, ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ୍,
ଏକତାଳି, ଯଶିପୁର, ମୟୂରଭଞ୍ଜ
ମୋ: ୯୪୩୮୫୩୭୦୧୩

# 'ଭାବରୁ ଯାହାଟ ସମ୍ଭୂତ / ଏଣୁଟି ନାମ ଭାଗବତ'

ଡକ୍ଟର ତପନ କୁମାର ପାଳ



ଜୀବନ ଯେଉଁଠି ତୀର୍ଥ, ସେଇଠି ଅଛି ଭାଗବତ । ଯେଉଁଠି ନାହିଁ ଭାଗବତ, ସେଇଠି ଜୀବନ ବ୍ୟର୍ଥ । ଭାଗବତ ବେଦ ରୂପକ କଳ୍ପବୃକ୍ଷ, ଭଗବାନଙ୍କ ଶ୍ରୀମୁଖ ବଚନ, ଶ୍ରୀହରିଙ୍କ ସାକ୍ଷାତ ବାଙ୍ମୟ ମୂର୍ତ୍ତି, ଅତ୍ୟନ୍ତ ରହସ୍ୟମୟ ପୁରାଣରତ୍ନ । ଭାବରୁ ଭାଗବତର ସୃଷ୍ଟି, ଭାବରୁ ଏହାର ବ୍ୟାପ୍ତି । 'ଭାବରୁ ଯାହାଟି ସମ୍ଭୂତ / ଏଣୁଟି ନାମ ଭାଗବତ' (ବ୍ରହ୍ମାଣ୍ଡ ଭୂଗୋଳ, ବଳରାମ ଦାସ) । ଭଗବାନଙ୍କର ହୋଇ ରହିବା ହିଁ ଭାଗବତ । ଯିଏ ଜାଣେ ଭଗବାନ ମୋର, ମୁଁ ତାଙ୍କର - ସେ ହିଁ ଭାଗବତ । ଏହା ଅଷ୍ଟାଦଶ ପୁରାଣ ଶ୍ରେଷ୍ଠ ଜୀବତ୍ରାଣ ମାର୍ଗଦର୍ଶିକା ଧର୍ମଗ୍ରନ୍ଥ । ସକଳ ରସର ମଧୁର ଆସ୍ୱାଦନରେ ମନୋଜ୍ଞ ପରିପ୍ରକାଶ - ଭାଗବତ । ଭକ୍ତମାନଙ୍କର ପାଇଁ ଭଗବାନଙ୍କ କଣ୍ଠରୁ ଓମ୍କାର ରୂପକ ତିନି ଅକ୍ଷର ସୃଷ୍ଟି ହେଲା ଓ ଏହା ଅନନ୍ତଙ୍କୁ ଅର୍ପିତ ହେଲା । ଅନନ୍ତ ଚବିଶ ଅକ୍ଷର ବିଶିଷ୍ଟ ଗାୟତ୍ରୀ ମନ୍ତ୍ର ସୃଷ୍ଟି କରି ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ସମର୍ପଣ କଲେ । ବ୍ରହ୍ମା ଚାରିଗୋଟି ଶ୍ଳୋକରେ ନାରାୟଣ ଋଷିଙ୍କୁ ପ୍ରଦାନ କଲେ । ଋଷି ବ୍ୟାସଦେବଙ୍କୁ, ବ୍ୟାସ ଅଠର ହଜାର ଶ୍ଳୋକରେ ଶୁକମୁନିଙ୍କୁ ଅର୍ପଣ କରିଥିଲେ । ଶୁକମୁନି ପରୀକ୍ଷିତ ମହାରାଜଙ୍କୁ ସପ୍ତାହବ୍ୟାପୀ ବୁଝାଇ ବ୍ରହ୍ମଲୀନ କରାଇଥିଲେ । ତା'ପରେ ଜନସାଧାରଣ ତାହାକୁ ଭାଗବତ ବୋଲି ଜାଣି ପୂଜାଅର୍ଚ୍ଚନା ଓ ଆଲୋଚନା କରିବାରେ ଲାଗିଲେ । ବ୍ୟାସଦେବ ସଂସ୍କୃତ ଭାଷାରେ ରଚନା କରିଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ପକ୍ଷରେ ତାହା ଆବୃତ୍ତ ହୋଇ ପାରିନଥିଲା । ପଞ୍ଚସଖା ଯୁଗର ପଣ୍ଡିତ କବି ମହାପୁରୁଷ ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ନବାକ୍ଷରୀ ଛନ୍ଦରେ ଅନୁବାଦ କରି ଅମର ହୋଇ ରହିଯାଇଛନ୍ତି ।

ଶ୍ରୀ ଶ୍ରୀ ବ୍ୟାସଦେବଙ୍କ ସଂସ୍କୃତ ଭାଗବତର ଓଡ଼ିଆ ଅନୁସୃଜନ ହିଁ ସନ୍ଥ ସେବକ ଜଗନ୍ନାଥ ଦାସଙ୍କ ଭାଗବତ । ଏହା ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଅନବଦ୍ୟ କୃତି । ଏଥିରେ ଜଗନ୍ନାଥ ଦାସଙ୍କ ସ୍ୱକୀୟତା ଓ ବିଦ୍‌ବତ୍ତାର ପରିଚୟ ମିଳେ । ଭାଗବତ - ଦ୍ୱାଦଶ ଖଣ୍ଡ, ୩୩୫ଟି ପରିଚ୍ଛେଦ, ନବାକ୍ଷରୀ ଗୁଜ୍ଜରୀ ବୃତ୍ତରେ ରଚିତ, ଦୁଇଟି ଚରଣରେ ଗୋଟିଏ ପାଦ । ସୁଲଳିତ ପଦ ରଚନା ପାଇଁ ୩ୟ, ୬ଷ୍ଠ ଓ ୯ମ ଅକ୍ଷର ଉପରେ ଯତିପାତ ଏବଂ ପାଦରେ ଣ, ପ, ବ, ମ, ର, ଳ, ଲ, ଶ, ସ ଆଦିକୁ ଶେଷ ଅକ୍ଷର ରୂପେ ବ୍ୟବହାର କରିଛନ୍ତି ଜଗନ୍ନାଥ ଦାସ ।

ଭାଗବତ ଧର୍ମ କହିଲେ ମୁଖ୍ୟତଃ ମନୁଷ୍ୟର ଈଶ୍ୱରଙ୍କ ସମ୍ପର୍କ ସଂକ୍ରାନ୍ତ ଦର୍ଶନ ଓ ସୁସଂହତ ଆଚରଣ ବିଧିକୁ ବୁଝାଏ । ଏହା ଜଗନ୍ନାଥ ତତ୍ତ୍ୱ ଓ ବିଶ୍ୱ ଭ୍ରାତୃତ୍ୱ ଆଦର୍ଶର ବୀଜମନ୍ତ୍ର ଏବଂ ନାମ ସଂକୀର୍ତ୍ତନ ହେଉଛି ଏକମାତ୍ର ଆଧାତ୍ମ ମାର୍ଗ । ଭାଗବତ ତତ୍କାଳୀନ ସମାଜରେ ବ୍ୟକ୍ତି ଓ ସମାଜ ଜୀବନ ପାଇଁ ନିର୍ଦ୍ଦିଷ୍ଟ ଶୃଙ୍ଖଳା, ଦର୍ଶନ, ବଞ୍ଚିବାର ଶୈଳୀ, ଆଦର୍ଶ ଆଚରଣ ଓ ନିର୍ଦ୍ଦିଷ୍ଟ ଧର୍ମ କିମ୍ବା ସଂସ୍କୃତିର ଆବଶ୍ୟକତା ମେଣ୍ଟାଉଥିଲା । ତାହା ଭାଗବତରେ ଅଛି । ବିଦେହ ରାଜ୍ୟର ରାଜା ନିଶିଙ୍କ ଯଜ୍ଞରେ ସ୍ୱେଚ୍ଛାପ୍ରଣୋଦିତ ୯ଜଣ ଋଷିଙ୍କ ଉପଦେଶ, ସୂତ ଓ ଶୌନକ, ବ୍ରହ୍ମା ଓ ନାରଦ, ଶୁକ ଓ ପରିକ୍ଷିତ, ଉଦ୍ଧବ ଓ ଶ୍ରୀକୃଷ୍ଣ ପ୍ରମୁଖ ଉବାଚରେ ଜୀବଜଗତର ବିଭିନ୍ନ ସମସ୍ୟା ସମାଧାନର ସୂତ୍ର ଏଥିରେ ବର୍ଣ୍ଣିତ । ମହାଭାରତର ସ୍ୱର୍ଗାରୋହଣ ପର୍ବରେ କୁହାଯାଇଛି, ଅଠର ପୁରାଣ ପାଠ କଲେ ଯେଉଁ ଫଳ ମିଳେ, କେବଳ ଭାଗବତ ଶୁଣିଲେ ତାହା ମିଳେ । ସଂସ୍କୃତ ଭାଗବତ କ୍ଲିଷ୍ଟ ହୋଇଥିବାରୁ ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଆଙ୍କ ଜୀବନ ବେଦ । ଏହା କେବଳ ଓଡ଼ିଶାବାସୀଙ୍କ ପ୍ରାଣରେ ଧାର୍ମିକ - ନୈତିକ - ସାମାଜିକ ଚେତନା ଆଣିନାହିଁ, ଏହା ଆନ୍ଧ୍ର, ପଶ୍ଚିମବଙ୍ଗ ଓ ଆସାମର ଜନଜୀବନକୁ ମଧ୍ୟ ପ୍ରଭାବିତ କରିଛି । ଋଷିଙ୍କ ସାମ୍ୟବାଦ ସମାଜର ସ୍ୱପ୍ନ ଓ ସମାଜବାଦୀ ବିଚାରଧାରା ଭାଗବତରେ ପ୍ରତିଫଳିତ । ଭାଗବତ ଭକ୍ତିଭାବରେ ଏତେ ଜନପ୍ରିୟ ଥିଲା ଯେ, ପୋଥି ବସିବା ଗୀତ ବସିବା, ଭାଗବତ ବସିବା ବୋଲି କୁହାଯାଉଥିଲା ଏବଂ କାର୍ଯ୍ୟକ୍ରମ ସମ୍ପନ୍ନବେଳେ କେହି ପଢ଼ା ସରିଲା ବା ଶେଷ ହେଲା କହୁ ନଥିଲେ, ବରଂ ଗୀତ ବଢ଼ିବା, ପୋଥି ଉଠିବା, ଭାଗବତ ବଢ଼ିବା ଇତ୍ୟାଦି କହୁଥିଲେ । ସନ୍ଧ୍ୟା ହେଲେ ରୁଖା ଉପରେ ଦୀପଟିଏ ତେଜି ଲୋକ ରୁଣ୍ଡ ହେଉଥିଲେ ଭାଗବତ ଟୁଙ୍ଗୀରେ । ସେ ସମୟରେ ଏହା ଥିଲା ପୁରାଣ ପାଠଘର, ପାଠଶାଳା, ନୈଶ ବିଦ୍ୟାଳୟ ଓ ଗ୍ରାମ୍ୟ ବିଚାରାଳୟ । ଆଜିର ଲୋକ ଅଦାଲତ ହିଁ ସେ ସମୟର ଭାଗବତ ଟୁଙ୍ଗୀ । ଓଡ଼ିଆଙ୍କ ଭାଗବତ ଜୀବନ ଥିଲା ଭିନ୍ନ । ଦିନର କାମ ସାରି ସଞ୍ଜରେ ଭାଗବତ ଟୁଙ୍ଗୀରେ ଏକାଠି ଭାଗବତ ଶୁଣୁଥିଲେ, ବାସୁଦେବ ଗୋସେଇଁଙ୍କୁ ମୁଣ୍ଡିଆ ମାରି ଭଗବତ୍ ଚେତନା ନେଇ ଘରକୁ ଫେରୁଥିଲେ । ସେଠି ହରି ସ୍ତୁତି ସହଜଲଭ୍ୟ ଥିଲା । ହରି ହରି ହୁରି ଓ ହରିବୋଲ ହୁଳହୁଳିରେ ଭାଗବତ ଟୁଙ୍ଗୀ ଉଛୁଳି ଉଠୁଥିଲା । ମଧୁର ରସରେ ରସାପ୍ଲୁତ ହେଉଥିଲା, ଆହ୍ଲାଦିତ ହେଉଥିଲା ଗାଁ । ଘରର ଓରା, ଶେଣୀ, କାନ୍ଥ, କୀର୍ତ୍ତନ ମଣ୍ଡପ, ବିଦ୍ୟାଳୟ, ମନ୍ଦିର ଓ ଦେବସ୍ଥାନରେ ଭାଗବତ ବାଣୀ ଲେଖି ଦୈନନ୍ଦିନ ଜୀବନରେ ଚେତନା ସୃଷ୍ଟି କରୁଥିଲେ ଓଡ଼ିଆ ଲୋକ । ପ୍ରଣାମ କରୁଥିଲେ ଜଗନ୍ନାଥ ଦାସଙ୍କୁ, ଭାଗବତର ପ୍ରୟୋଗଶାଳା ଭାଗବତ ଟୁଙ୍ଗୀ ଓ ଗାଦି ଗୋସେଇଁଙ୍କୁ । ପ୍ରତ୍ୟେକ ଗାଁର ଆଧାତ୍ମିକ ସ୍ପନ୍ଦନ ଥିଲା ଭାଗବତ ଟୁଙ୍ଗୀ । ଗାଁ ପାଇଁ ଏହା ଥିଲା ଏକ ଆଶ୍ୱାସନା ପୀଠ, ସାମାଜିକ ବିଶ୍ୱାସ ଓ ନୈତିକ ଆଦର୍ଶ ପ୍ରଚାରର ନାଭିକେନ୍ଦ୍ର । କାଳେକାଳେ ବ୍ୟକ୍ତି ଓ ସମାଜ ଜୀବନକୁ ଶୃଙ୍ଖଳିତ, ସମନ୍ୱିତ, ସୁସଂହତ, ସମୁନ୍ନତ କରୁଥିବା ଗ୍ରନ୍ଥ ହିଁ ଭାଗବତ ।

+ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ,
ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ

# ଟିକସ ଦେବା ଆମେ, ହିସାବ ?

ଗୋପାଳ ମହାପାତ୍ର



ସକାଳୁ ଘରୁ ବାହାରିଲେ ପେଟ୍ରୋଲ-ଡିଜେଲ ମହଙ୍ଗା ଲାଗେ, ବଜାରକୁ ଗଲେ ପନିପରିବା, ଫଳ, ଖୀର, ଡାଲି, ତେଲ ଆଦି ଦୈନିକ ଖାଦ୍ୟ ଜିନିଷ ବଜେଟକୁ ବିଗାଡିଦିଏ । ପିଲାଙ୍କ ପାଠପଢ଼ା ଫିସ୍,ଘରର ବିଜୁଳୀ ବିଲ୍, ମୋବାଇଲର ରିଚାର୍ଜ ବାବଦ ଖର୍ଚ୍ଚ, ବୀମା, ଔଷଧପତ୍ର ସବୁ ମାସିକ ରୋଜଗାରରୁ ହିଁ ଖର୍ଚ୍ଚ କରିବାକୁ ପଡିଥାଏ ଏବଂ ଜଣା ପଡ଼େ ନାହିଁ ଯେ ରୋଜଗାରର ଅର୍ଥ କୁଆଡେ ଯାଉଛି । ପୁଣି ମାସ ଶେଷରେ ସେଇ ଗୋଟିଏ ପ୍ରଶ୍ନ ଯେ ଏତେ ରୋଜଗାର କରିବା ପରେ କିଛି ବି ବଳକା ରହୁନାହିଁ କାହିଁକି ? ଏହି ପ୍ରଶ୍ନର ଉତ୍ତର କେବଳ ଦରଦାମ୍ ବୃଦ୍ଧି ନୁହେଁ ଆମ ରୋଜଗାର ଉପରେ ଟିକସ ଅଟେ । ଆମ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଉପରେ ଟିକସ ଲାଗିଥାଏ ଯାହା ଆମକୁ ଜଣାପଡ଼େ ନାହିଁ । ଆମ ଦୈନନ୍ଦିନର ବ୍ୟବହାର୍ଯ୍ୟ ଜିନିଷ ଉପରେ ଅନେକ ପ୍ରକାରର ଟିକସ ଲାଗିଥାଏ ଯାହା ଆମ ମାନଙ୍କ ପକେଟକୁ ଲୁଟ କରିବାରେ ଲାଗିଥାଏ । ଜିଏସ୍‌ଟି ଆସିବାପରେ ଟିକସ ବ୍ୟବସ୍ଥା ନିଶ୍ଚିତ ଭାବରେ ପୂର୍ବ ତୁଳନାରେ ବ୍ୟବସ୍ଥିତ ହୋଇଛି ଓ ଡିଜିଟାଲ ହୋଇଛି । ବ୍ୟବସାୟର ବଡ଼ ଅଂଶ ଫର୍ମାଲ ଇକୋନୋମି (ନିୟମିତ ଅର୍ଥନୀତି)ରୁ ଆସିଥାଏ ଏବଂ ସରକାରଙ୍କ ପାଇଁ ଟିକସ ସଂଗ୍ରହ ଅଧିକ ପାରଦର୍ଶୀ ହୋଇଛି । କିନ୍ତୁ ସାଧାରଣ ଲୋକଙ୍କ ନଜର ଟିକେ ଭିନ୍ନ । ସାଧାରଣ ଲୋକେ ଟିକସ ଢାଞ୍ଚାର ଟେକନିକ୍ ବୁଝନ୍ତି ନାହିଁ । ସେମାନେ କେବଳ ନିଜର ପକେଟ କଥା ହିଁ ବୁଝିଥାନ୍ତି । ସାଧାରଣ ଲୋକେ କେଉଁ ଜିନିଷ ଉପରେ କେଉଁ ପ୍ରକାରର ଟିକସ ଲାଗିଛି ସେ କଥା ବୁଝନ୍ତି ନାହିଁ । ଲୋକେ କେବଳ ଏକଥା ଦେଖନ୍ତି ଯେ ଗତବର୍ଷ ଯେଉଁ ଜିନିଷର ଦାମ ଧରାଯାଉ ୧୦୦ ଟଙ୍କା ଥିଲା ଏବେ ସେହି ଜିନିଷ ପାଇଁ ୧୧୦ରୁ ୧୨୦ ଟଙ୍କା ଦେବାକୁ ପଡୁଛି । ଏହିଠାରେ ହିଁ ଟିକସ ପ୍ରଣାଳୀକୁ ନେଇ ସବୁଠାରୁ ବଡ଼ ପ୍ରଶ୍ନ ଉଠୁଛି ଯେ 'କଣ ସରକାରଙ୍କ କାମ ଖାଲି ଟିକସ ନେବା ? କ'ଣ ସରକାରଙ୍କ କାମ ନୁହେଁ କି ଟିକସ ଦେଉଥିବା ଲୋକଙ୍କୁ ସେମାନଙ୍କ ଟିକସ ବାବଦ ଅର୍ଥ କିଭଳି ବ୍ୟୟ କରାଯାଉଛି ସେ ବାବଦରେ ସୂଚନା ଦେବା ? ଏକଥା ସତ୍ୟ ଯେ ଟିକସ ଦେବା ନାଗରିକଙ୍କ ଦାୟିତ୍ୱ ଏହା ବାଧ୍ୟବାଧକତା ନୁହେଁ । କିନ୍ତୁ ସରକାରଙ୍କର ମଧ୍ୟ ଦାୟିତ୍ୱ ହେଉଛି ଟିକସ ପ୍ରଣାଳି ସରଳ, ପାରଦର୍ଶୀ ଏବଂ ନ୍ୟାୟ ସଙ୍ଗତ ହେଉଛି କି ନାହିଁ ସେ କଥା ଦେଖିବା ଓ କାର୍ଯ୍ୟକାରୀ କରିବା ।

ବଡ ବଡ କମ୍ପାନୀ ମାନଙ୍କ ପାଖରେ ଟିକସ ବିଶେଷଜ୍ଞ ଅଛନ୍ତି, ଆକାଉଣ୍ଟାଣ୍ଟ ଅଛନ୍ତି, ପରାମର୍ଶଦାତା ମଧ୍ୟ ଅଛନ୍ତି । କିନ୍ତୁ ଛୋଟ ଛୋଟ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ/ଦୋକାନ ଚଳାଇଥାନ୍ତି ଗ୍ରାହକଙ୍କୁ ସମ୍ଭାଳିଥାନ୍ତି, ନିଜେ ରଖିଥିବା କର୍ମଚାରୀଙ୍କ ଚିନ୍ତା ବି କରିଥାନ୍ତି ଏବଂ ଟିକସ ଦେବା କଥା ମଧ୍ୟ ଦେଖିଥାନ୍ତି । ଯଦି ନିୟମ ଜଟିଳ ହୋଇଯାଏ ଓ ଛୋଟ ଛୋଟ ବ୍ୟବସାୟୀଙ୍କୁ ସବୁ ମାସରେ କୌଣସି ପ୍ରଫେସନାଲ (ଟିକସ ବିଶେଷଜ୍ଞ)ଙ୍କ ପାଖକୁ ବାଧ ହୋଇ ଯିବାକୁ ପଡେ ତେବେ ଚିନ୍ତା କରାଯିବା ଆବଶ୍ୟକ ଯେ ବ୍ୟବସ୍ଥା କାହାପାଇଁ ସରଳ ହୋଇଛି ? ଟିକସ ଚୋରୀକୁ ପ୍ରଶ୍ରୟ ଦିଆଯିବା ଉଚିତ୍ ନୁହେଁ କିନ୍ତୁ ଟିକସ ଅନୁପାଳନ ବା ବ୍ୟବସ୍ଥା ସହଜ ହେବା ଉଚିତ । ଅନ୍ୟ ପକ୍ଷରେ ସାଧାରଣ ନାଗରିକଙ୍କ ଦାୟିତ୍ୱ ରହିଛି । ବିନା ବିଲ୍‌ରେ ଜିନିଷପତ୍ର କିଣିବା ଓ ଟିକସ ବାବଦ ଅର୍ଥ ବଞ୍ଚାଇବା ପାଇଁ ଭିନ୍ନ ବ୍ୟବସ୍ଥା ଆପଣେଇବା ପରେ ବିଭିନ୍ନ ସୁବିଧା ସୁଯୋଗ ପାଇଁ ସରକାରଙ୍କ ନିକଟରେ ଦାବି କରିବା ଭଳି ଦୋହରା ମାପଦଣ୍ଡ ଲୋକମାନେ ଆପଣେଇବା ଅନୁଚିତ୍ । ଆମକୁ ସବୁ ସୁବିଧା (ସଡ଼କ, ଚିକିତ୍ସାଳୟ, ଶିକ୍ଷାଭଳି ବ୍ୟବସ୍ଥା) ମିଳିବା ପାଇଁ ସରକାରଙ୍କ ପାଖରେ ଅର୍ଥ ଆସିବ କେଉଁଠୁ ? ଲୋକଙ୍କ ସୁବିଧା ଯୋଗାଇ ଦେବାପାଇଁ ସରକାରଙ୍କୁ ରାଜସ୍ୱ ଆବଶ୍ୟକ ।

କିନ୍ତୁ ପ୍ରଶ୍ନ ରାଜସ୍ୱର ନୁହେଁ ପ୍ରଶ୍ନ ଉତ୍ତରଦାୟୀତ୍ୱର ଅଟେ । ଲୋକେ ତାଙ୍କ ରୋଜଗାରରୁ ଟିକସ ଦେଇଥାନ୍ତି, ତାଙ୍କର ଅଧିକାର ରହିଛି ଯେ ସେମାନେ ପଚାରି ପାରିବେ ତାଙ୍କ ଟିକସ ବାବଦ ଅର୍ଥ କେଉଁ ବାବଦରେ ଖର୍ଚ୍ଚ ହେଉଛି । କେଉଁ ସାର୍ବଜନୀକ ସୁବିଧାକୁ ଅଧିକ ଉତ୍ତମ ମାନର କରିବାପାଇଁ ଖର୍ଚ୍ଚ ହେଉଛି ? ଗଣତନ୍ତ୍ରରେ ଲୋକଙ୍କର ପ୍ରଶ୍ନ ପଚାରିବାର, ଜାଣିବାର ଅଧିକାର ରହିଛି, ଏହାହେଉଛି ଟିକସ ଏବଂ ବିଶ୍ୱାସ ମଝିରେ ସମ୍ପର୍କ । ସରକାର ଚାହାଁନ୍ତି ଟିକସ ଦାତାଙ୍କ ସଂଖ୍ୟା ବଢୁ କିନ୍ତୁ ଏହାର ଅର୍ଥ ବା ପ୍ରକ୍ରିୟା ଡ଼ର ନୁହେଁ ବିଶ୍ୱାସ ହେବା ଆବଶ୍ୟକ । ଲୋକେ ମଧ୍ୟ ଏକଥା ଜାଣିବା ଉଚିତ୍ ଯେ ଦେଶର ଅର୍ଥ ବ୍ୟବସ୍ଥା କେବଳ ଯେ ସରକାର ଗଠନ ହେଲେ ଚାଲିପାରିବ ନାହିଁ । ଆମେ ଯାହା କିଣୁଛେ, ଯାହା ବିକ୍ରୀ କରୁଛେ, ଯାହା ରୋଜଗାର କରୁଛେ ଏବଂ ଦାୟୀତ୍ୱବାନ ଭାବେ ଯେଉଁ ଟିକସ ଦେଉଛେ ଏ ସବୁମିଶି ଅର୍ଥବ୍ୟବସ୍ଥା ଗତିଶୀଳ ହୋଇଥାଏ । ଏଣୁ ଟିକସ କାହିଁକି ଦେବା ପ୍ରଶ୍ନ କରାଯିବା ଉଚିତ୍ ନୁହେଁ ବରଂ ଟିକସ ଦେବା ପରେ ଆମକୁ ମୂଳଭୂତ ସୁବିଧା ମିଳୁଛି କ'ଣ ସେକଥା ପ୍ରଶ୍ନ ହେବା ଉଚିତ୍ । କାରଣ ନାଗରିକ ଏବଂ ସରକାରଙ୍କ ମଧ୍ୟରେ ଏହି ସମ୍ପର୍କ ଏକତରଫା ହୋଇନପାରେ । ଆମେ/ଲୋକେ ଟିକସ ଦେଇଥାଏ । ସରକାର ସୁବିଧା ଯୋଗାଇ ଦେଇଥାନ୍ତି, ନାଗରିକ ନିୟମ ମାନିଥାନ୍ତି । ସରକାର ବ୍ୟବସ୍ଥାକୁ ସହଜ କରିଥାନ୍ତି ଲୋକେ ହିସାବ ଦେଇଥାନ୍ତି ତେଣୁ ସରକାର ମଧ୍ୟ ହିସାବ ଦେବା ଆବଶ୍ୟକ । ଏହା ହେଉଛି ଏକ ମଜଭୁତ ଅର୍ଥବ୍ୟବସ୍ଥାର ପରିଚୟ ।

+ରାମଚନ୍ଦ୍ରପୁର,ରଣପୁର
ମୋ:୯୪୩୮୪୮୫୦୯୪

## କବିତା କୋଣାର୍କ

## ନୀରବ ଆଖି

ପର୍ଶୁରାମ ଦାସ

ବିଚିତ୍ରପୁର ଜଙ୍ଗଲରେ
ପାଞ୍ଚ ଓରାଙ୍ଗଓଟାନ—
ପାଞ୍ଚ ଯୋଡ଼ି ନୀରବ ଆଖି,
ନୀରବ... ନିରୀହ...
ତଥାପି ପ୍ରଶ୍ନରେ ଭରା ।
ଦୂର ଇଣ୍ଡୋନେସିଆର
ସବୁଜ ଅରଣ୍ୟ ଥିଲା ଘର,
ମା'ର କୋଳ ଥିଲା
ସେମାନଙ୍କ ସାରା ସଂସାର ।
ମଣିଷର ଲୋଭ
ଛଡ଼ାଇ ଦେଲା ସେହି କୋଳ;
ଚୋରା ରାସ୍ତାରେ
ହଜିଗଲା ଶୈଶବ,
ହଜିଗଲା ମା' ।
ଅଜଣା ଜଙ୍ଗଲରେ
ଭୟଭରା ଦିନ, ଅସହାୟ ରାତି—
ଶେଷରେ ନନ୍ଦନକାନନରେ
ମିଳିଲା ନିରାପଦ ଆଶ୍ରୟ ।
ତଥାପି ସେହି ନୀରବ ଆଖି
ଖୋଜୁଛି ସେହି ମୁହଁ,
ଯାହାର କୋଳରେ
ଥିଲା ସାରା ଦୁନିଆ ।
ଆମେ ଚନ୍ଦ୍ରକୁ ଛୁଇଁଲୁ,
ବିଜ୍ଞାନରେ ଆଗେଇଲୁ;
ତଥାପି ଏକ ମା'ର ମମତା
ବୁଝିବାରେ କାହିଁକି ବିଫଳ ?
ଜଙ୍ଗଲ କେବଳ କାଠ ନୁହେଁ,
ଓରାଙ୍ଗଓଟାନ କେବଳ ପ୍ରଦର୍ଶନୀ ନୁହେଁ—
ସେମାନଙ୍କର ବି ଅଛି
ଘର, ପରିବାର ଓ ଭଲପାଇବା ।
ଆଜି ସେହି ପାଞ୍ଚ ଯୋଡ଼ି ଆଖି
ନୀରବରେ ପଚାରୁଛି—
"ମଣିଷ,
ତୁମେ ଯଦି ସତରେ ସଭ୍ୟ,
ତେବେ ମୋତେ
ମୋ ମା'ଠାରୁ
କାହିଁକି ଛଡ଼ାଇଲ ?"
ହୁଏତ ଦୂର ଅରଣ୍ୟରେ
ଏକ ମା' ଆଜି ବି ଅପେକ୍ଷାରେ
"ମୋ ସନ୍ତାନ ଫେରିବ କେବେ ?"
ଉତ୍ତର ନାହିଁ...
କେବଳ ନୀରବ ଆଖିରୁ
ଝରିପଡୁଛି ଗୋଟିଏ ପ୍ରାର୍ଥନା
"ମଣିଷ,
ମୋତେ ନୁହେଁ...
ମୋ ମା'କୁ ଫେରାଇ ଦିଅ ।"

+ବରିଷ୍ଠ ଶିକ୍ଷକ, ତାରାପୁର ସରକାରୀ ଉଚ୍ଚ ବିଦ୍ୟାଳୟ
ଭୋଗରାଇ, ବାଲେଶ୍ୱର

## ପରଦେଶୀ ବନ୍ଧୁ

ନିରଞ୍ଜନ ସାହୁ

ପରଦେଶୀ ବନ୍ଧୁ ସାଥେ ଭାବ ବାନ୍ଧି
ହୁଅନାହିଁ ବାଟବଣା
ବନ୍ଧୁତାର ଅର୍ଥ ସିଏ ନ ବୁଝିଲେ
ମନ ନିଶ୍ଚେ ହେବ ଊଣା ।

ନିଃସ୍ୱାର୍ଥପରର କଥା କହି ବନ୍ଧୁ
ସିଏ ହୁଏ ସ୍ୱାର୍ଥପର
ଯଦି ସ୍ୱାର୍ଥପର ନ ହେଉଛି ସିଏ
ବନ୍ଧୁତା ତା ସାଥେ କର
କେତେବେଳେ ସିଏ କାମକୁ ପାଇବ
ସେକଥା ତାହାକୁ ଜଣା ।

ବନ୍ଧୁତା ପଣରେ ଦରକାର ବେଳେ
ସାହାଯ୍ୟ ସେ କରିପାରେ
ବେଳେବେଳେ ପୁଣି ସେହି ମଣିଷଟା
କଥା ଦେଇ କଥା ସାରେ
ଠିକଣା ବେଳକୁ ଠକିଦେବ ଯଦି
କେଉଁ ବନ୍ଧୁରେ ସେ ଗଣା ?

ତା ଅପେକ୍ଷା ଯିଏ ନିକଟରେ ଅଛି
ତା ସାଥେ ବନ୍ଧୁତା କର
ଆପଦେ ବିପଦେ ଠିଆ ନ ହୋଇଲେ
ଭେଟ ହେବ ନିରନ୍ତର
ମନୋମାଳିନ୍ୟକୁ ଦୂରେଇ ଦେଇକି
କରିହେବ ବୁଝାମଣା ।

ପରଦେଶୀ ବନ୍ଧୁ ବିଦେଶେ ରହିବ
ଖୋଲିବନି ଯଦି ପାଟି
ଆପେଆପେ ତୁମେ ବାଧ ହୋଇକରି
ସମ୍ପର୍କଟା ଦେବ କାଟି
ତା ଅପେକ୍ଷା ପାଖ ବନ୍ଧୁଟି ଲିଭାଏ
ଲକ୍ଷ୍ମଣର ଗାର ଟଣା ।

+ନିହଲ ପ୍ରସାଦ, ଗଁଡିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

# ଜୀବିକାର ଅନ୍ୟ ନାମ ରେଶମ ପୋକ ପାଳନ


ଇନ୍ଦୁମତୀ ପାତ୍ର






ବର୍ଷା ଧୁଆ ଅପରାହ୍ନ । ସେଦିନ ଆମେ ବାହାରିଥିଲୁ ଭଗାମୁଣ୍ଡା ଟସର ପାର୍କ । ଉଦେଶ୍ୟ ଥିଲା ରେଶମ ଶିଳ୍ପ ସମ୍ପର୍କରେ କିଛି ଜାଣିବା ଆଉ ତା ସହିତ ସୁଲଭ ମୂଲ୍ୟରେ କିଛି ମଠା ବସ୍ତ୍ର କିଣିବା। ଭଗାମୁଣ୍ଡା କେନ୍ଦୁଝର ସହରଠାରୁ ପ୍ରାୟ ପଚାଶ କିଲୋମିଟର ଦୂର । ହରିଚନ୍ଦନ ପୁର ବ୍ଲକ ରେ । ହରିଚନ୍ଦନ ପୁରରୁ ଦଶ କିଲୋମିଟର ହେବ। ଆମେ ପହଁଚିଲା ବେଳକୁ ସାଢେ ଚାରିଟା। କେନ୍ଦୁଝରରୁ ହରିଚନ୍ଦନ ପୁର ଦେଇ ଗଲେ ବ୍ରାହ୍ମଣୀପାଳ ଡୁବୁରି, ଚଣ୍ଡିଖୋଲକୁ ସଂଯୁକ୍ତ କରୁଥିବା ରାସ୍ତାରେ

ପଡେ ଭଗାମୁଣ୍ଡା। ରାସ୍ତା କଡରେ ଟସର ସିଲ୍କ ପାର୍କ । ଆମେ ଗାଡି ପାର୍କିଂ କଲା ପରେ ଭିତରକୁ ପଶିଲୁ । ପ୍ରାକୃତିକ ପରିବେଶ ଭିତରେ ଗୋଟେ ଶିଳ୍ପ ର ପ୍ରତିଷ୍ଠା ହେଇଛି କିଛି ଲୋକଙ୍କର ଜୀବନ ଜୀବିକା ପାଇଁ । ଆମେ ସେଠାରୁ କିଛି ମଠା ଶାଢ଼ୀ ଓ ଶାଲ କିଣିଲୁ। କିନ୍ତୁ ଅସଲ ଉଦେଶ୍ୟ ଥିଲା ରେଶମ ଶିଳ୍ପ ସମ୍ପର୍କରେ କିଛି ଜାଣିବା ପାଇଁ।

ବିଭିନ୍ନ ବିଭାଗ ବୁଲି ଦେଖିଲା ବେଳକୁ ଅଫିସ ଭିତରେ ଦେଖା ହେଲେ ଟେକ୍ନିକାଲ ଇନସ୍ପେକଟର ଦେବସ୍ମିତା ମହାନ୍ତ ମାଡାମ। ବେଶ ନମ୍ର, ମାର୍ଜିତ ଭଦ୍ର ସ୍ୱଭାବର ଝିଅଟିଏ। ରେଶମ ଶିଳ୍ପ ସମ୍ପର୍କ ରେ ସେ ଆମକୁ ବିସ୍ତୃତ ଭାବେ ବୁଝାଇଲେ। ବିଭିର୍ନ୍ନ ବିଭାଗ ବୁଲାଇ ଦେଖାଇଲେ । ସେ କହିଲେ କେନ୍ଦୁଝର ଓ ମୟୁରଭଞ୍ଜ ହେଉଛି ଟସର ଜୋନ। ଏହାର ଜଳବାୟୁ ଟସର ଚାଷ ପାଇଁ ବେଶ ଉପଯୋଗୀ। ଆମର ସିଲକ ସାଧାରଣତଃ ୪ ପ୍ରକାରର । ସେଗୁଡିକ ହେଲା ଟସର, ମୁଗା, ଏରି ଓ ମଲବରୀ । ଆମେ ଦୁଇ ପ୍ରକାର ପଦ୍ଧତିରେ ଚାଷ କରୁଛୁ। ଗୋଟେ ହେଲା **outdoor** ବା ବାହ୍ୟ ଚାଷ ଓ ଅନ୍ୟଟି ହେଲା ଇଣ୍ଡୋର ବା ଅନ୍ତରୀଣ ଚାଷ। କିଛି ବାହାରେ ଅର୍ଥାତ ଜଙ୍ଗଲ ଭିତରେ ହେଉଛି, ଯାହାକୁ ଆମେ ବାହ୍ୟ ଚାଷ କହିବା। ସେଥିରେ ଟସର, ମୁଗା ଏବଂ ମଲବରୀ ଚାଷ ହେଉଛି। ଆଉ ଅନ୍ତରୀଣ ଚାଷ ଭାବରେ ଆମେ ଯଉଟା ଗ୍ରହଣ କରିଛୁ, ସେଇଟା ହେଉଛି ଏରି ବା ଏରିସିନ । ମଲବରୀ ଓ ଏରି ଓଡିଶାର କିଛି କିଛି ଜାଗା ଦରେ ହେଉଛି। ମଲବରୀ ଦରୁ ପାଟ ସୁତା ବାହାରୁଛି, ଏଣ୍ଡି ପୋକ ଦରୁ ଏରି ସୂତା, ଟସରରୁ ମଠା ସୂତା ଏବଂ ମୁଗାରୁ ମୁଗା ସିଲ୍କ ପ୍ରସ୍ତୁତ ହେଉଛି । ମୁଗା ସିଲ୍କର ଔଜଲ୍ୟତା ସୁନା ରଙ୍ଗର । ସେଇଟା କେବଳ ଆସାମ ଅଞ୍ଚଳରେ ଚାଷ ହେଉଛି। କାରଣ ତାର ଜଳବାୟୁ ଥଣ୍ଡା । ଆମ ଓଡିଶାର କୋରାପୁଟ ଅଞ୍ଚଳ ରେ ପରୀକ୍ଷା ମୂଳକ ଭାବରେ ତାକୁ ଚାଷ କରା ଯାଉଛି। ଟସର ପାଇଁ କେନ୍ଦୁଝର ଓ ମୟୁରଭଞ୍ଜ ସର୍ବୋତ୍କୃଷ୍ଟ ସ୍ଥାନ।

କେନ୍ଦୁଝରରେ ଦୁଇ ପ୍ରକାର ଚାଷ ହେଉଛି। ଗୋଟିଏ ଜଙ୍ଗଲରେ ପ୍ରାକୃତିକ ଉପାୟରେ ଓ ଆଉ ଗୋଟିଏ ବ୍ୟବସାୟ ଭିତ୍ତିରେ। ପ୍ରାକୃତିକ ଉପାୟରେ ଯେଉଁଟା ହେଉଛି, ତାହା ଶାଳ ଗଛରେ ଚାଷ ହେଉଛି। ସେଇଠି ନିଜେ ନିଜେ ରେଶମ ପୋକ ତାର କୋଷା ପ୍ରସ୍ତୁତ କରେ ଶାଳ ଗଛର ପତ୍ର ଖାଇ ବଞ୍ଚେ, ଏବଂ ସେଇଟା ହିଁ ସବୁଠାରୁ ଉତ୍କୃଷ୍ଟ ଧରଣର ଟସର। ତାକୁ ମୁଦଲ ଟସର କୁହାଯାଉଛି। ଅଶନ ଓ ଅର୍ଜୁନ ଗଛ ରେ ଯେଉଁଟା ଚାଷ ହେଉଛି,ତାହା ବ୍ୟବସାୟ ଭିତ୍ତିରେ। ଏହା ଅଧିକ ଅମଳକ୍ଷମ ଏବଂ ଏଥିରେ ଅଧିକରୁ ଅଧିକ ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦିଆଯାଇ ପାରୁଛି।ପ୍ରାକୃତିକ ଓ ବ୍ୟବସାୟ ଭିତ୍ତିରେ ହେଉଥିବା ଚାଷ ଭିତରେ ଫରକ ଏୟା ଯେ ଶାଳ ଗଛ ଡେଙ୍ଗା ଓ ବୃହତ। ତେଣୁ ଚାଷୀମାନେ ଉପଯୁକ୍ତ ସମୟରେ ଏତେବଡ ଗଛ ଚଢି ପ୍ରଜ ନନ ପାଇଁ ବ୍ୟବସ୍ଥା କରି ପାରିବେ ନାହିଁ । ଏହା ମଧ୍ୟ ସୁଗମ ନୁହେଁ । ତେଣୁ ଅଶନ ଓ ଅର୍ଜୁନ ଗଛରେ ବ୍ୟବସାୟ ଭିତ୍ତିରେ ଚାଷ କରାଯାଉଛି। ଶାଳ ଗଛରେ ଯେଉଁଟା ଚାଷ ହେଉଛି, ସେଥିରୁ ବର୍ଷରେ ଥରେ ମାତ୍ର ଅମଳ ହେଇ ପାରିବ କିନ୍ତୁ ତାର କ୍ୱାଲିଟି ବେଷ୍ଟ ରହିବ। କିନ୍ତୁ ଅଶନ ଓ ଅର୍ଜୁନ ଗଛ ରେ ଯଉଟା ବ୍ୟବସାୟ ଭିତ୍ତିରେ ହେଉଛି ସେଥିରୁ ବର୍ଷକରେ ୨/୩ ଥର ଅମଳ ହେଇ ପାରୁଛି। ତାର ମଧ୍ୟ ୨ଟି ଭେରାଇଟି ଅଛି । ଗୋଟିଏ ହେଲା ବାଇ - ଭୋଲଟାଇମ ୨ ଥର ଅମଳ ଓ ଅନ୍ୟଟି ହେଲା ଟ୍ରାଇ ଭୋଲଟାଇମ, ଯୋଉଥିରେ ବର୍ଷକରେ ୩ ଥର ଅମଳ ହେଇପାରୁଛି ।

କେନ୍ଦୁଝର ଟସର ଶିଳ୍ପର ୧୩ ଟି ଜୋନ ବା ସୋସାଇଟି ଅଛି। ସେଥିରେ ୪୨୭୭ ଚାଷୀ ଏବେ ନିଯୁକ୍ତ ଅଛନ୍ତି । କେନ୍ଦୁଝର ସଦର ବ୍ଲକରେ କେନ୍ଦୁଝର ଟିଆରସି ଏସ, ଝୁମ୍ପୁରା ଟିଆରସିଏସ ତେଲକୋଇରେ ତେଲକୋଇ ଟି ଆର ସି ଏସ, ବେଣାମୁଣ୍ଡା ଟି ଆର ସି ଏସ, ବାଂଶପାଳ ଟି ଆର ସି ଏସ, ପାଟଣାରେ କୁଲଡିହା ଏବଂ ଡୁମୁରିଆ ଟି ଆର ସି ଏସ ଅଛି। ପାଟଣା ଏମ ଆରସି ଏସରେ ତାରିଣୀ ଏମ ଆର ସି ଏସ ଆସୁଛି, ଯେଉଁଠି ପୂର୍ବରୁ ମଲବରୀ ଚାଷ ହେଉଥିଲା, ମାତ୍ର ଚାଷୀଙ୍କ ସଂଖ୍ୟା କମିବାରୁ ତାହା ଏବେ ବନ୍ଦ ଅଛି। ହରିଚନ୍ଦନ ପୁରରେ ଆସୁଛି ଭଗାମୁଣ୍ଡା ଟି ଆର ସି ଏସ ଏବଂ ହରିଚନ୍ଦନ ପୁର ଏମ ଆର ସି ଏସ,ପଣ୍ଡା ପଡା ଟି ଆର ସି ଏସ, ଢେଂକିକୋଟ ଟି ଆର ସି ଏସ ଓ ଟାଙ୍ଗିରିଆପାଳ । ପାଟଣା ଅଞ୍ଚଳରେ ଏରି ଚାଷ ହେଉଛି । ସେଇଠି ୩୫୦ ଚାଷୀ ଅଛନ୍ତି।

ଭଗାମୁଣ୍ଡାଠାରେ ପ୍ରତିଷ୍ଠିତ ହେଇଛି ଟସର ସିଲ୍କ ପାର୍କ। ଯେଉଁଠି କି pre sericulture activityଠାରୁ ଆରମ୍ଭ କରି post sericulture activity ପର୍ଯ୍ୟନ୍ତ ସବୁ ରହିଛି। ଯେମିତି କି ଅଶନ ଅର୍ଜୁନ ଗଛ plantationଠାରୁ ଆରମ୍ଭ କରି ୪ ବର୍ଷ ପର୍ଯ୍ୟନ୍ତ ତାର ଯତ୍ନ, ରକ୍ଷଣା ବେକ୍ଷଣ କରାଯାଏ। ତା ପରେ ଚାଷୀମାନଙ୍କୁ ହସ୍ତାନ୍ତର କରାଯାଏ।

ଫିଲଡ୍‌ରେ ଯଉ ଚାଷୀ ମାନେ କାମ କରୁଛନ୍ତି ତାଙ୍କୁ ସରକାର ଚୂନ, ବ୍ଲିଚିଂ ଯୋଗାଇ ଦେଉଛନ୍ତି। ପ୍ରଥମେ ଚାଷୀମାନେ ଅଶନ ଓ ଅର୍ଜୁନ ଗଛ ଯେଉଁଠି ଲଗାଉ ଛନ୍ତି, ସେ ଜମି ଚାରିପାଖ ସଫା କରିବେ। ଚୂନ ବ୍ଲିଚିଂ ସିଞ୍ଚନ କରିବେ। ଯେମିତି କି ଗଛ ଚାରି ପାଖରେ ଥିବା କ୍ଷୟ କରି ପୋକ ଜୀବାଣୁ ସବୁ ନଷ୍ଟ ହୋଇ ଯିବେ । କାରଣ ସେତେବେଳେ ରେଶମ ପୋକ ଛୋଟ ଥାଆନ୍ତି । ତେଣୁ ତାଙ୍କୁ ସୁରକ୍ଷିତ ରଖିବା ଚାଷୀର ପ୍ରଥମ କାମ । ରେଶମ ପୋକର ମୁଖ୍ୟ ରୋଗ ହେଉଛି ପେବିନ ଓ ଓଲମା । ତେଣୁ ତାଙ୍କୁ ଜୀବନ ସୁଧା ଦିଆ ଯାଉଛି, ଯାହା ଦ୍ୱାରା ପୋକ ଗୁଡିକ ରୋଗ ଦାଉରୁ ରକ୍ଷା ପାଇବେ। ବର୍ଷା ଦିନରେ ଝଡି ବର୍ଷାରେ ପୋକ ଗୁଡିକ ମରି ଯାଆନ୍ତି, ଝଡିପଡନ୍ତି । ତେଣୁ ତାଙ୍କୁ ସୁରକ୍ଷିତ ରଖିବା ପାଇଁ ଜାଲି ବା ଘରଟ୍ଟ ଦିଆଯାଏ । ଯାହା ଫଳରେ ତାଙ୍କ ଦେହରେ ବର୍ଷା ପାଣି ପଡେ ନାହିଁ କି ପୋକ ମରନ୍ତିନି।

ଚାଷୀ ମାନଙ୍କୁ ପ୍ରୋତ୍ସହିତ କରିବା ପାଇଁ ସରକାର ସେମାନଙ୍କୁଛତା, ଜୋତା, ଗମ ବୁଟ, ଏବଂ ସିକେଜର ଦେଉଛନ୍ତି।

ଯେତେବେଳେ ଚାଷୀ ମାନଙ୍କୁ ରେଶମ ପୋକର ଅଣ୍ଡା ଦିଆ ଯାଉଛି, ସେ ତାକୁ ଯତ୍ନରେ ରଖୁଛି। ରେଶମ ପୋକ ୫ଟି ସ୍ତର ଦେଇ ପୋକରେ ପରିଣତ ହୁଏ। ପ୍ରଥମେ ଅଣ୍ଡା ଫୁଟି ଲାର୍ଭାରେ ପରିଣତ ହୁଏ । ତା ପରେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସୋପାନ ଦେଇ ବଡ଼ ହୁଏ। ତା ପରେ ସେ ଖାଇବା ପିଇବା ବନ୍ଦ କରିଦିଏ ଇବି କୋଷା ତିଆରି ରେ ଲାଗି ପଡେ। କୁକୁନ ବା କୋଷା ତିଆରି ସାରିବା ପରେ ସେ ପ୍ରଜାପତିରେ ପରିଣତ ହୁଏ।

ମାତ୍ର ସେ ପ୍ରଜାପତି ହେବା ଆଗରୁ ଚାଷୀ ତାକୁ ଅମଳ କରି ଆଣି ଖରା ରେ ଶୁଖାଏ ଏବଂ ଶୁଖିଲା ଟସରକୁ ଆଣି ସୋସାଇଟି ରେ ଦିଏ। ସେଇଠି ତାର ଅମଳର ପରିମାଣ ଅନୁଯାୟୀ ତାର ପ୍ରାପ୍ୟ ତାକୁ ଦିଆଯାଏ ।ଯିଏ ଯେତିକି ଅଣ୍ଡା ନେଇଥିବ ତା ବାବଦ ରେ ମୂଲ୍ୟ କାଟି ବାକି ପଇସା ତାକୁ ଦିଆଯାଏ ।

ତାର ହିସାବ ଏଇ ଭଳି ହୁଏ। ଶହେ ଡିଏଫ ଏଲ ବା ଅଣ୍ଡାର ମୂଲ୍ୟ ୨୪୦୦ ଟଙ୍କା ।

ଜଣେ ଚାଷୀ ଦୁଇରୁ ତିନି କାହାଣ ପର୍ଯ୍ୟନ୍ତ ଅମଳ କରିଥାନ୍ତି। ଗୋଟେ କାହଣ ହେଉଛି ୧୬୦୦ କୁକୁନ । ଜଣେ ଯଦି ଦୁଇ କାହଣ ରେଶମ ଦେଲା ୧୬୦୦ରେ ଦୁଇ ଗୁଣ ୩୨୦୦ କୁକୁନ ସେ ଦେଲା। ଗୋଟେ କାହଣର ମୂଲ୍ୟ ସାଢେ ଆଠରୁ ନ ହଜାର ଟଙ୍କା । ଯଦି ତାର ଟସର ଭଲ କୋଷା କରିଥିବ,ସେ ଭଲ ଦି' ପଇସା ପାଇବ। ଯଦି ପ୍ରତିକୂଳ ପାଗ ହେଲା, ଯେମିତିକି ଝଡି ବର୍ଷା । ଏଥିରେ ପୋକ ସବୁ ମରି ଯାନ୍ତି। ଆଉ ଯେତିକି ରହନ୍ତି, ସେଥିରୁ ଜଣେ ଚାଷୀ ଯଦି ଗୋଟେ କାହାଣ ବି ପାଏ, ତେବେ ସେ ଆଠରୁ ନଅ ହଜାର ପାଉଛି ୩ ମାସରେ। ସୋସାଇଟି ତାର ବିହନ ବାବଦରେ ଟଙ୍କା କାଟି ରଖି ବାକି ଚାଷୀକୁ ଦେଇ ଦେଉଛି। ଏହା ବ୍ୟତୀତ ସରକାର ଏବେ ଚାଷୀ ମାନଙ୍କୁ ପ୍ରୋତ୍ସା ହନ ରାଶି ହିସାବରେ ୪୦୦୦ ଟଙ୍କା ଦେଉଛନ୍ତି। ଚାଷୀମାନେ ଏହା ଦ୍ୱାରା ରେଶମ ପୋକ ପାଳନରେ ଆଗ୍ରହୀ ହେବେ।

ଚାଷୀ ମାନେ ଟସର କୋଷା ବା କୁକୁନକୁ ସୋସାଇଟିରେ ଦେବା ପରେ ତାର ପ୍ରୋସେସିଂ ଆରମ୍ଭ ହୁଏ। ଆମେ ଦେଖିଲୁ ଗୋଟିଏ ବଖରା ରେ ଟସର କୋଷାକୁ ମାଳ ମାଳ କରି ଟଙ୍ଗା ଯାଇଛି। ମାଡାମଙ୍କୁ ପଚାରିଲାରୁ ସେ କହିଲେ --- ଚାଷୀମାନେ ଟସର ଦେବା ପରେ କିଛି ଟସରକୁ ମାଳ କରି ଟଙ୍ଗେଇ ଦିଆଯାଏ ସେଥିରୁ ଅଣ୍ଡା ପ୍ରସ୍ତୁତି ପାଇଁ । ସେଥିରୁ ପ୍ରଜାପତି ବାହାରି ସଙ୍ଗମ ପରେ ଅଣ୍ଡା ଦାନ କରନ୍ତି । ବାକି ସବୁ ଟସରକୁ ଗରମ ପାଣି ରେ ଫୁଟାଇ ସୂତା ପାଇଁ ପ୍ରୋସେସିଂ ହୁଏ । ଯଦି ଟସର ପୋକକୁ ମାରି ନ ଦିଆ ଯାଏ ସେ ଭିତରେ ସୂତାକୁ କାଟିଦେବ ଏବଂ ସୂତା ଖଣ୍ଡ ଖଣ୍ଡ ହୋଇ ବାହାରିବ, ତାର ଅଛିଣ୍ଡା ଗୁଣଟି ନଷ୍ଟ ହୋଇଯିବ । ଭଲ ସୂତା ବାହାରିବ ନାହିଁ।

ଏଇ ଅଣ୍ଡା ଉତ୍ପାଦ ପାଇଁ ହରିଚନ୍ଦନ ପୁର, ପାଣ୍ଡପଡା, ଏବଂ ଜଗମୋହନ ପୁରରେ ପି ପି ସି ରହିଛି, ଯେଉଁଠି ଅଣ୍ଡା ଉତ୍ପାଦ ହୁଏ। ଯେଉଁଗୁଡିକ ସୁସ୍ଥ କୋଷା ତାହା ହାତକୁ ଧରିଲେ ଟାଣ ଲାଗେ, ଏବଂ ସେଥିରୁ ଭଲ ସୂତା ବାହାରେ। ଯେଉଁ କୋଷା ନରମ ସେଇଟା ନିମ୍ନ ଧରଣର କୁକୁନ, ତାର ଦାମ ଟିକିଏ କମ, ଏବଂ ସେଥିରୁ କମ ସୂତା ବାହାରେ । ଭଗାମୁଣ୍ଡା ଟସର ଶିଳ୍ପ ପାର୍କ ରେ ସୂତା ପାଇଁ ପ୍ରୋସେସିଂ କାର୍ଯ୍ୟ ହୁଏ। ମନେ କରନ୍ତୁ ୧୦ ଲିଟର ପାଣି ନିଆ ଗଲା । ସେଥିରେ ୧୦ ମି.ଲି ହାଇଡ୍ରୋଜେନ ଫିରକ୍ସାଇଡ ଏବଂ ୧୦ ଗ୍ରାମ ସନ ଲାଇଟ ସର୍ଫ ଦେଇ ଫୁଟାଯାଏ । ସେଥିରେ ଟସର କୁକୁନ ସବୁ ପକାଇ ଫୁଟାଇ ଦିଆଯାଏ । ହାଇଡ୍ରୋଜେନ ଫିରକ୍ସାଇଡ ଦେବା ଦ୍ୱାରା ସୂତାର ଓଜଲ୍ୟ ପ୍ରକାଶ ପାଏ ଏବଂ ସନ ଲାଇଟ ସର୍ଫ ଦେବା ଦ୍ୱାରା ତାର ଅଛିଣ୍ଡା ଗୁଣ ବଢା ରହେ। ପାଣିରେ ଫୁଟିବା ଦ୍ୱାରା ଟସରଟି ନରମ ହୋଇଯାଏ। ତା ପରେ ତାକୁ ପୁଣି ୪୫ ମିନିଟ ବାମ୍ଫ ଦିଆଯାଏ। ସେଥିରେ କୁକୁନ ଟି ପୁରା ନରମ ହୋଇଯାଏ। ତାପରେ ସୂତା ବାହାର କରାଯାଏ ।

ପ୍ରଥମେ ରିଲର ବା ସୂତା କଟାଳି ମାନେ ଟସରର ଖୋଳପାଟିକୁ ବାହାର କରି ଦିଅନ୍ତି, ତାପରେ ସେଥିରୁ ସୂତାର ଖିଅଟିକୁ ଧରନ୍ତି, ଯେମିତି ସୂତା ଟି ଧାରାବାହିକ ଭାବେ ବାହାରିବ ଓ ଛିଣ୍ଡି ନ ଯିବ । ଏଥିପାଇଁ ମଧ୍ୟ ସେମାନଙ୍କୁ ତାଲିମ ଦିଆ ଯାଇଛି । ଏଇଠି ଜଣା ପଡ଼ିଯାଏ ସୂତାର ଗୁଣବତ୍ତା । ଗୋଟିଏ ଟସର କୋଷାରୁ ବାହାରୁ ଥିବା ସୂତାର ଲମ୍ୱ ୨ କିଲୋମିଟର। ସେଇଟା ହିଁ ଗୋଟେ ମା' ଟସରର ଉତ୍କୃଷ୍ଟ ଗୁଣ ବତ୍ତା । ତାର ମୂଲ୍ୟ ଅଧିକ । ବ୍ୟବସାୟ ଭିତ୍ତିରେ ଯେଉଁଟା କରା ଯାଉଛି, ବାଇ ଭୋଲଟାଇମର ଡାବା । ଏହାର ମଧ୍ୟ ୩ ଟି ବିଭାଗ ରହିଛି । ଡାବା ଗୁଟି, ଯାହା ଉର୍ନତ କିସମର, ବାଛ, ଯାହା ଟିକେ କମ ଉର୍ନତ ମାନର ଏବଂ ସବୁଠାରୁ ନିମ୍ନ ମାନର ଟସର ହେଉଛି ଚୁପି । ଯାହାକୁ ଧରିଦେଲେ ଚେପା ହୋଇଯାଏ । ତେଣୁ ତାର ନାମ ଚୁପି ।

ସେହିଭଳି ଟସର ପାର୍କରେ ଗଣନ ପ୍ରକ୍ରିୟା ଟିକେ ପାରମ୍ପରିକ । ଯେଉଁଥିରେ ଚାଷୀଙ୍କୁ ସହଜରେ ବୁଝେଇ ହେବ । ୪ ଟି କୁକୁନ ରେ ଏକ ଗଣ୍ଡା । କୋଡିଏ ଗଣ୍ଡାରେ ଗୋଟେ ପଣ । କୋଡିଏ ପଣରେ ଗୋଟେ କାହାଣ। ଅର୍ଥାତ ୧୬୦୦ କୁକୁନରେ ଗୋଟେ କାହାଣ ହିସାବ କରାଯାଏ। ସେଇ ଅନୁଯାୟୀ ଚାଷୀ ତାର ମୂଲ୍ୟ ପାଏ।

ଗୋଟିଏ ଲୁଗା ବୁଣିବା ପାଇଁ ୩୦୦ରୁ ୪୦୦ ଗ୍ରାମ ସୂତା ଲାଗେ। ଯେଉଁ ସୂତାଟି ମେସିନରେ ବାହାର କରାଯାଇପାରେନି, ଛିଣ୍ଡି ଛିଣ୍ଡି ଯାଏ, ତାକୁ ହାତରେ ପ୍ରସ୍ତୁତ କରା ଯାଏ। ତାକୁ ଘିଚା ସୂତା କୁହାଯାଏ ଏବଂ ସେଇଥିରୁ ଚାଦର ତିଆରି ହୁଏ। ଟସରର ଯେହେତୁ ଉତ୍ତାପ ସଂରକ୍ଷଣ କ୍ଷମତା ରହିଛି, ତାକୁ ଶୀତ ଦିନେ ପିନ୍ଧାଯାଏ । ମୁଗା ଶିଳ୍କ ଗରମ ଦିନରେ ପିନ୍ଧିଲେ ଶରୀରକୁ ଶୀତଳତା ପ୍ରଦାନ କରେ । ଆଉ ଏରି ଶିଲ୍କକୁ ସବୁଦିନ ପିନ୍ଧି ପାରିବେ। ଭଗାମୁଣ୍ଡାରେ କେବଳ ଟସର ମଠା ପ୍ରସ୍ତୁତ ହେଉଛି ।

ଟସର ବସ୍ତ୍ରର ବଜାରୀକରଣ ସମ୍ପର୍କ ରେ ପଚାରିବାରୁ ସେ କହିଲେ --- ବାହାରକୁ ଯାଉଛି ବିକ୍ରିବଟା ପାଇଁ। ଯିଏ ଅର୍ଡର କରୁଛନ୍ତି, ତାକୁ ମଧ୍ୟ ବୁଣି ଦିଆ ଯାଉଛି । ଆଗେ ହସ୍ତ ତନ୍ତରେ ବୁଣା ଯାଉଥିଲା, ଏବେ ମେସିନ ସାହାଯ୍ୟରେ ବୁଣା ଯାଉଛି। ଯେହେତୁ ଟସର ସୂତା ପାଇବା ଯାଏ ପ୍ରୋସେସିଂରେ ଅଧିକ ଖର୍ଚ୍ଚ ହେଇଯାଉଛି, ତେଣୁ ଶାଢ଼ୀ, ଶାଲର ଦାମ ଟିକିଏ ଅଧିକ ପଡୁଛି।

ପାଞ୍ଚ ହଜାର ଟଙ୍କାରୁ ପଚାଶ ହଜାର ଟଙ୍କା ଯାଏ ରହିଛି ଶାଢ଼ୀର ମୂଲ୍ୟ ।

ଆମର ଉତ୍କୃଷ୍ଟ ମାନର ଟସର କହିଲେ ୬.୬ ବା ୬.୫। ଯଉଟା ବାଂଶପାଳ, ତେଲକୋଇ, ଓ ବେଣାମୁଣ୍ଡା ଅଂଚଳରୁ ଅମଳ ହେଉଛି । ସେଇଟା ଉତ୍କୃଷ୍ଟ ମାନର । କାରଣ ସେଠାକାର ଜଳବାୟୁ ଓ ଜଙ୍ଗଲ ଟସର ଚାଷ ପାଇଁ ବେଶ ଅନୁକୂଳ । ବାକି ସବୁ ସ୍ଥାନରୁ ୫.୫ ଏବଂ ଟାଙ୍ଗିରିଆପାଳରୁ ୫. ୩ ମାନର ଅମଳ ହେଉଛି। ଏଥିରେ ଚାଷୀ ମାନଙ୍କ ସହ ମହିଳା ମାନଙ୍କ ର ସମ୍ପୃକ୍ତି ସମ୍ପର୍କରେ ପଚାରିବାରୁ ତାର ଉତ୍ତର ରେ ସେ କହିଲେ ହଁ, ମହିଳା ମାନଙ୍କର ଏଥିରେ ବଡ଼ ଯୋଗ ଦାନ ରହିଛି। କିଛି ମହିଳା ଅଣ୍ଡା ପ୍ରସ୍ତୁତି ରେ ସହଯୋଗ କରୁଛନ୍ତି । ଆଉକିଛି ସୂତା କାଟୁଛନ୍ତି ।

ଭଗାମୁଣ୍ଡା ଠାରୁ ସାତ ଆଠ କିଲୋମିଟର ଦୂରରେ ଦୁଇଟି ଗାଁ ଅଛି ବିଲା ଏବଂ କରଡ଼ାପାଳ । ସେଇଠି ଫେସିଲିଟି ସେଣ୍ଟର ଖୋଲା ଯାଇଛି। ସେଠାରେ ଟସର ଚାଷୀଙ୍କ ପିଲାମାନେ ଆସି ରିଲିଂ ବା ସୂତା କାଟିବା କାମ କରୁଛନ୍ତି । ସେମାନଙ୍କ ରହିବା ଓ ଖାଇବା ସବୁ ମାଗଣା । ରିଲିଂ ଅନୁସାରେ ତାଙ୍କୁ ପାରିଶ୍ରମିକ ଦିଆ ଯାଉଛି । ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ ଟସର ଯୋଗାଇ ଦିଆ ଯାଉଛି । ସେମାନେ ଘରେ ବସି ସୂତା କାଟୁଛନ୍ତି । ସରକାର ତାଙ୍କୁ ଉର୍ନତି ଏବଂ ବୁନିୟାଦୀ ନାମରେ ଦୁଇ ପ୍ରକାର ମେସିନ ଯୋଗାଇ ଦେଉଛନ୍ତି । ପରିଶ୍ରମ ଅନୁଯାୟୀ ସେମାନେ ମଧ୍ୟ ତାଙ୍କର ପ୍ରାପ୍ୟ ପାଉଛନ୍ତି। ମୋଟା ମୋଟି କହିବାକୁ ଗଲେ ସେ ଅଞ୍ଚଳରେ ମହିଳା, ଶିଶୁ, ପୁରୁଷ ସମସ୍ତେ କର୍ମ ସଂସ୍ଥାନ ପାଇଛନ୍ତି । ଆନୁସାଙ୍ଗିକ ଧନ୍ଦା ସହ ଟସର ଉତ୍ପାଦନରେ ସହଯୋଗ କରି ବେଶ ଦୁଇ ପଇସା ରୋଜଗାର କରି ପାରୁଛନ୍ତି।

ଟସର ଶିଳ୍ପ ଉପରେ ଏତେ ଗୁଡିଏ ତଥ୍ୟ ପାଇଲା ପରେ ମନରେପ୍ରସନ୍ନତା ଆସି ଯାଇଥିଲା। ସନ୍ଧ୍ୟା ହେଇ ଆସୁଥାଏ। ପରିଚାରକ ଜଣକ ଦୁଇ କପ ଚା ଆଣି ଥୋଇଲେ ଟେବୁଲ ଉପରେ । ଚା ପିଇ ସାରି ସମସ୍ତ କର୍ମ ଚାରି, କାରିଗର ଏବଂ ଦେବସ୍ମିତା ମାଡାମଙ୍କଠାରୁ ବିଦାୟ ନେଇ ଆମେ ଫେରିଲୁ କେନ୍ଦୁଝରେ । ସାଥୀରେ ନେଇ ଆସିଲୁ ମନ ପସନ୍ଦର ଟସର ମଠା ଶାଢ଼ୀ ଆଉ କିଛି ଶାଲ।


+ ଗୌର ତୋଟା ସାହି
କେନ୍ଦୁଝରଗଡ଼
ମୋ: ୯୮୬୧୬୪୯୦୨୯




# ଭୁଲ୍ ହୋଇଗଲା


ସସ୍ମିତା ସ୍ୱାଇଁ




ରାମହରି ବାବୁ ଓ ମୋ ବାପା ଦୁହେଁ ବନ୍ଧୁ ଥିଲେ। ରାମହରି ବାବୁ ଖୁବ୍ ବିତ୍ତଶାଳୀ ଥିଲେ । ମୋ ବାପା ଯଦିଓ ଗରିବ ଥିଲେ, ତଥାପି ତାଙ୍କର ସଚ୍ଚୋଟପଣିଆ ଓ ଉତ୍ତମ ବ୍ୟବହାର ପାଇଁ ରାମହରି ବାବୁ ତାଙ୍କୁ ଖୁବ୍ ଭଲ ପାଉଥିଲେ। ସେତେବେଳେ ମୁଁ ବାପାଙ୍କ ସହିତ ତାଙ୍କ ଘରକୁ ଯାଉଥିଲି । ସେ ମୋତେ ବହୁତ ଆଦର କରୁଥିଲେ।

ମୁଁ ଯେଉଁ ବର୍ଷ ମ୍ୟାଟ୍ରିକ୍ ପାସ୍ କଲି, ସେହି ବର୍ଷ ବାପା-ବୋଉ ଦୁହେଁ ମରିଗଲେ। ମୁଁ ଅନାଥ ହୋଇଗଲି । ରାମହରି ବାବୁ ଦୟା କରି ମୋତେ ତାଙ୍କ ଘରକୁ ନେଇଗଲେ। ତାଙ୍କ ଘରେ ଦୁଇ ଓଳି ଖାଇ ବସି ଦିନ କାଟୁଥିଲି ।

ପିଲାଦିନରୁ ମୁଁ ପରିଶ୍ରମକାତର ଥିଲି। ଯେକୌଣସି କାମ କରିବାକୁ ମୁଁ କୁଣ୍ଠାବୋଧ କରୁଥିଲି, କିନ୍ତୁ ମୋର ଆଶା ଅନେକ ଥିଲା। ସବୁବେଳେ ଭାବୁଥିଲି, ମୋତେ ଏମିତି କିଛି ସୁଯୋଗ ମିଳିଯାଉ ଯେ ମୁଁ ରାତାରାତି ବଡ଼ଲୋକ ହୋଇଯିବି। ଏଇଥିଲା ମୋ ମନ ଭିତର ଇଚ୍ଛା।

ଏମିତି ଖୋଲା ଆକାଶକୁ ଅନାଇ ଜହ୍ନ ଖୋଜୁ ଖୋଜୁ କିଛି ଦିନ ବିତିଗଲା। ଦୈବଯୋଗରୁ ସେମିତି ଦିନ ଆସିଲା। ଦିନେ ଜହ୍ନ ଖୋଜୁ ଖୋଜୁ ମୋତେ ଯେମିତି ପୂରା ଆକାଶଟା ମିଳିଗଲା ପରି ଅନୁଭବ ହେଲା। ସେତେବେଳେ ମୋ ମନର ଅବସ୍ଥା ଯାହା ଥିଲା, ତାହା ବର୍ଣ୍ଣନା କରିବାର ଭାଷା ନଥିଲା।

ମୁଁ ଭାବିଲି, 'ହେ ମୋର ପ୍ରିୟତମ ପ୍ରଭୁ, ଏବେ ମୋ ପାଇଁ ଆପଣଙ୍କର ବରଦାନର ସମୟ



ଉପସ୍ଥିତ ।'

କିନ୍ତୁ ଯେଉଁ ଧନ ଉପାର୍ଜନରେ ମୁଁ ଲାଗିଥିଲି, ତାହା କଳାଧନ ଥିଲା ଓ ମୋର ସର୍ବନାଶର କାରଣ ହେବ ବୋଲି ମୋତେ ଜଣା ନଥିଲା ।

ମୋ ମନରେ ସବୁବେଳେ ଅନ୍ୟମାନଙ୍କୁ ବିଭିନ୍ନ ବାଟରେ ପ୍ରଲୋଭିତ କରି ଠକିବାର ପ୍ରୟାସ ଚାଲୁଥିଲା । ଏହି ବାଟରେ ମୁଁ ଖୁବ୍ କମ୍ ଦିନ ମଧ୍ୟରେ ଆଶାତୀତ ଧନ ରୋଜଗାର କରିଚାଲିଲି ।

ପାଟିକୁ ଭଲ ଲାଗେ ବୋଲି ଅତ୍ୟଧିକ ଶର୍କରା ଖାଇଲେ ଯେମିତି ମଧୁମେହ ରୋଗ ହୁଏ, ସେମିତି ମୁଁ ଭୁଲିଗଲି । ମୋ ମନ ଗର୍ବରେ ଫୁଲି ଉଠିଲା । ନିଜକୁ ସ୍ୱର୍ଗରୁ ଦୁଇ ଆଙ୍ଗୁଳି ଉପରେ ମନେ ହେଲା ।

ଏହା ଭିତରେ ରାମହରି ବାବୁ ଆରପାରିକୁ ଚାଲିଗଲେ । ଅନ୍ୟାୟ ଭାବେ ମୁଁ ମୋର ଅପୂର୍ଣ୍ଣ ଓ ଅନୁର୍ବର ଇଚ୍ଛାମାନଙ୍କୁ ପୂରଣ କରିବାରେ ଲାଗିପଡ଼ିଲି । ମୋ ମନର ଦ୍ୱନ୍ଦ ଓ ବିଚାର ସେ ମୁହୂର୍ତ୍ତରେ ନିର୍ବେଦ ହୋଇଗଲା ।

କେବଳ ଅର୍ଥ ସଞ୍ଚୟ ଓ ଦରପୂରଣ, ବିଳାସ ଓ ସୁଖ ସମ୍ଭୋଗ — ଏହି କାର୍ଯ୍ୟରେ ଲାଗିପଡ଼ିଲି। ମାନବ ଜୀବନର ଗୁରୁତର କର୍ତ୍ତବ୍ୟ ସମ୍ପାଦନ କରିବାର ଦାୟିତ୍ୱ ଅଛି, ଏହା ମୋତେ ଜଣା ନଥିଲା । ମୁଁ ମୁଦ୍ରା ରାକ୍ଷସ ପଛରେ ଧାଇଁ ଧାଇଁ ଲକ୍ଷ୍ୟଭ୍ରଷ୍ଟ ହୋଇଯାଇଥିଲି । ଜାଣିଶୁଣି ମୂର୍ଖ ଓ ପାମରମାନଙ୍କ ପରି ମୁଁ ଇତର ଚେଷ୍ଟାରେ ମୋର ଜୀବନକୁ ବେକାର କରିଦେଲି।

ସୁଖ ଆଶାରେ ସିନା ଏପରି କରିଥିଲି, କିନ୍ତୁ ଫଳସ୍ୱରୂପ ଏବେ ମୁଁ ପ୍ରତି ମୁହୂର୍ତ୍ତରେ ଦଗ୍ଧ ହେଉଛି । ମୁଁ ଅଧର୍ମ ଓ ଅନ୍ୟାୟ ବାଟରେ ଏତେ ଅର୍ଥ ଉପାର୍ଜନ କରି ସାଇତି ରଖିଛି, ହେଲେ ଜୀବନ ଦୁର୍ବିସହ । ସବୁ କଥା ସମାଜ ଆଗରେ କହି ହୁଏ ନାହିଁ ।

ଏବେ ମୁଁ ଭାବୁଛି, ମୁଁ କ'ଣ ମୋ ବିଦ୍ୟା-ବୁଦ୍ଧିର ସଦ୍‌ବ୍ୟବହାରେ ମୋର ଗୁଜୁରାଣ ମେଣ୍ଟାଇ ପାରିନଥାନ୍ତି ?

ଏବେ ମୋ ପାଖରେ ସବୁ ଅଛି । ଜୀବନ ସନ୍ଧ୍ୟାରେ ନିରୋଳାରେ ବସି ବସି ଜୀବନର ସମସ୍ତ ଏପାଖ-ସେପାଖ ଲେଉଟାଇ ଦେଲା ପରେ ମୋର ବିବେକ ମୋତେ ବାରମ୍ବାର କହୁଛି — 'ମୁଁ

ପ୍ରକୃତରେ ମୁଁ ବଡ଼ ଭୁଲ୍ କରିଦେଲି । ଯାହାକୁ ସଂଶୋଧନ କରିବା ଏବେ ମୋ ପକ୍ଷରେ ଅସମ୍ଭବ ।


+ ବୋଧଖଣ୍ଡି ଜାଗିରି
ଶିଶିଲୋ


## କାଶତଣ୍ଡୀ


ଦୀପିକା ହୋତା




ବିଲବଣ ନଈଁ କୂଳେ
ଲହଡ଼ି ମାରୁଛି କାଶତଣ୍ଡୀ
ଭୋଦୁଅଁ ଆକାଶକୁ ଦେଖି
ଦେଉଛି ପରାଣେ ହସି ।
ସୁଧିର ସମୀରେ
ଅଧିର ହୁଏ ମନ
କୁମୁଦିନୀ ଉଷା ପ୍ରେମେ
ପ୍ରକୃତି ପାଏ ନବ ଜୀବନ
ଏଇ ଶରତ ଆଗମନେ ।
ଶୁଭ୍ର କାଶତଣ୍ଡୀ
ଝୁମି ଝୁମି ନାଚେ
ମାଁଙ୍କ ଚରଣେ ସମର୍ପି
ପାର୍ବଣ ଆସିବ
ମେଦିନୀ କମ୍ପିବ
ଘଣ୍ଟ ଶଙ୍ଖ ହୁଳହୁଳି
ବାଜା ବାଜିବ, ଛତ୍ର ବୁଲିବ
ଗାଁ ଗଣ୍ଡା
ମାଁ ଆସିବେ ହଳିଝୁଳି ।
ଧବଳ ବର୍ଣ୍ଣର
ଦୃଶ୍ୟ ଅତି ମନଲୋଭା
ବିଭୋର କରୁଛି ପ୍ରାଣ
ସପନେ ଝୁମୁଛି କାଶତଣ୍ଡୀ ବଣ

ପବନ ଖେଳୁଛି ଦୋଳି
ମାଁ ଆସିବେ ବୋଲି
ମାଁ ଆସିବେ ବୋଲି ।
ଦଶହରା ଜହ୍ନ ଲୁଚିଲୁଚି
ମେଘ ଉହାଡେ ଦେଖୁଛି
ପ୍ରକୃତିର ରୂପ
ଗାଁ ତୂଠ, ବିଲବଣ , ନଈଁକୂଳ
ସୁଲୁସୁଲିଆ ପବନରେ
ସଭିଁଏ ହଜି ଯାଇଛନ୍ତି
କାଶତଣ୍ଡୀ ପ୍ରେମରେ ,
କେଇ ଦିନପରେ ଚାଲିଯିବ ପୁଣି
ସାଇତି କିଛି ସ୍ମୃତି,
ସେଇ ସ୍ମୃତି ଭାବି
ଢାଲୁଅଛି ଆଜି
କାଶତଣ୍ଡୀ ପ୍ରେମର ପ୍ରିତୀ ।


+ ନୂଆପଡ଼ା

## ପାନୀୟଜଳର ସମସ୍ୟା ଓ ଅନ୍ୟାନ୍ୟ ଗଠନମୂଳକ କାମ ନେଇ ଉନ୍ନୟନ ଓ ସୁରକ୍ଷା ମଞ୍ଚ ସୁଗୋ ଶାଖା ତରଫରୁ ବିକ୍ଷୋଭ ଓ ସୁଗୋ ସରପଞ୍ଚଙ୍କୁ ଦାବିପତ୍ର ପ୍ରଦାନ

ବାଲିଆପାଳ ,୨୩/୦୯ (ନି.ପ୍ର): ଜଳେଶ୍ୱର ବ୍ଲକ ସୁଗୋ ଗ୍ରାମ ପଂଚାୟତ ଗାଁ ମାନଙ୍କରେ ପାନୀୟ ଜଳଯୋଗାଣରେ ଅନେକ ସମୟରେ ଅଚଳାଅବସ୍ଥାର ସମସ୍ୟା ଓ ଗଠନ ମୂଳକ କାମ ବିଷୟ ନେଇ ଆଜି ସରପଞ୍ଚଙ୍କ କାର୍ଯ୍ୟାଳୟରେ ଉନ୍ନୟନ ଓ ସୁରକ୍ଷା ମଞ୍ଚ ସୁଗୋ ଶାଖା ତରଫରୁ ନେତୃତ୍ୱମାନେ ସରପଞ୍ଚଙ୍କୁ ଜଣାଇବା ସହିତ ବିଭାଗୀୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରକୁ ଗ୍ରହଣ କରି ସରପଞ୍ଚ ଶ୍ରୀମତୀ ଜୟନ୍ତୀ ପରିଡ଼ା ପ୍ରତିକ୍ରିୟା ରଖିଛନ୍ତି କି ପଞ୍ଚାୟତକୁ ଆସୁଥିବା ମୋଟ ପାଣ୍ଠିର ୩୦% ଅର୍ଥ ପାଣିପାଇଁ, ବିଦ୍ୟୁତ୍ ବିଲ ଦେବାର ସରକାରୀ ନିର୍ଦ୍ଦେଶନାମା ରହୁଛି, ମାତ୍ର ପଞ୍ଚାୟତରେ ପାଣିପାଇଁ ବିଦ୍ୟୁତ୍ ବାବଦରେ ଦେୟ ୩୦% ରୁ ଅଧିକ ହେଉଥିବାରୁ ଅତିରିକ୍ତ ଦେୟର ବ୍ୟବସ୍ଥାଗତ ଅସୁବିଧା ସୃଷ୍ଟି ହେବ। ରେ ସମସ୍ୟା ହେବା ସ୍ୱରୋପ ରାସ୍ତା, ଘାଟ, ପୋଲ, ଆଦି ଉନ୍ନୟନମୂଳକ କାମକୁ କରିବାରେ ପ୍ରଭାବିତ କରିବା ହେବ। ପଞ୍ଚାୟତକୁ ଆସିଥିବା ଅର୍ଥ ସହ ସ୍ୱତନ୍ତ୍ର ଏମ୍.ଏଲ୍.ଏ. ଓ ଚିୟାରମ୍ୟାନ୍‌ଙ୍କ ପାଣ୍ଠିରୁ ଆଣିଥିବା ଅର୍ଥକୁ ବିଭିନ୍ନ କ୍ଷେତ୍ରରେ କରିଥିବା ଖର୍ଚ୍ଚକୁ ଉପସ୍ଥାପନା କରିଥିଲେ। ପ୍ରକାଶ ଥାଉକି, ଡ଼ବଲ ଇଞ୍ଜିନ୍ ବି.ଜେ.ପି. ସରକାର ସବୁ ଲୋକଙ୍କ ଘରକୁ ମାଗଣା ପାନୀୟଜଳ ଯୋଗାଇବା, ମାଗଣା ବିଜୁଳି ଆଦି ଦେବାର ପ୍ରତିଶୃତି ଓ ପ୍ରଚ଼ାର କରି ସାଧାରଣ ଲୋକଙ୍କୁ ଭ୍ରମିତ କରୁଛି ଯାହାର ବାସ୍ତବତା କୁ ସରପଞ୍ଚ ଦର୍ଶାଇଥିବା ସହିତ ସୁଗୋ କାମାନପଦା ଆଦିବାସୀ ସାହି ଓ କାଶୀଡ଼ିହା ଠାରେ ୨ଟି ନୂଆ ବସୁଧା ପ୍ରକଳ୍ପ ଯଥାଶୀଘ୍ର ଆରମ୍ଭ ହେବାରବୋଲି ପ୍ରକାଶ କରିଥିଲେ। ସମସ୍ତ ଘରକୁ ପାଣି ଯୋଗାଇଦେବା ସହ ବାକିଥିବା ଧାନସିମୁଳିଆ, ଭୁରୁକୁଣ୍ଡା, କାଶିଡିହା ଓ ବାଣିଦା ସ୍କୁଲ ସାମ୍ନା ଆଦିବାସୀ ପଡ଼ାକୁ ଯଥାଶୀଘ୍ର ପାଇପ୍ ବିଛାଣି ପାଇଁ ନେତୃତ୍ୱ ମାନେ ଦାବି ରଖିବା ଉପରେ ସରପଞ୍ଚ ଏହି କାମକୁ ଗୁରୁତ୍ୱ ଦେଇ ସର୍ବୋଚ୍ଚ ଚେଷ୍ଟା କରିବା କରିବା ସ୍ୱରୋପ ଉଚ୍ଚ ପଦାଧିକାରୀଙ୍କ ଯୋଗାଯୋଗ ଓ ଆଲୋଚ଼ନାରେ ଅଛନ୍ତି ବୋଲି ଉତ୍ତର ରଖିଥିଲେ। ଅନ୍ୟପକ୍ଷରେ ସରକାରଙ୍କର ୩୦୦ ୟୁନିଟ୍ ବିଜୁଳି ବିଲ୍ ଛାଡ଼, ଚାଷୀଙ୍କ ଠାରୁ ସମସ୍ତ ଧାନ କ୍ୱିଣ୍ଟାଲ ପ୍ରତି ୩୧ଶହ ଟଙ୍କାରେ କିଣିବା, ସମସ୍ତଙ୍କୁ ୩ ହଜାର ଟଙ୍କା ଭତ୍ତା (ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ) ଦେବା, ନିଯୁକ୍ତି ଆଦି ପୋଳା ପୋଳା ପ୍ରତିଶୃତି ର କାର୍ଯ୍ୟକାରିତା ଓ ବ୍ୟବସ୍ଥା ଗତ ସମସ୍ୟାର ସୁଧାର ହେବା ପୂର୍ବକ ସମାଧାନ ନ ହେଲେ ଜନ ଆନ୍ଦୋଳନ ହେବ ବୋଲି ନେତୃତ୍ୱମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନରେ ମଞ୍ଚର ନେତୃତ୍ୱ ପ୍ରତିନିଧି ଭାବେ ପଲ୍ଲୁ ଦାସ, ସମାଜସେବୀ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧିର କୁମାର ଜେନା,ବିନୟ ମହାନ୍ତି, ସୁରଞ୍ଜନ ଆଚ଼ାର ?ୟ, ଶ୍ରୀକାନ୍ତ ଦାସ, ମଦନ ମାହାଲି, ପରମେଶ୍ୱର ପୋଲାଇ, ଅଜିତ୍ ଦାସ, କୁନା ଟୁଡୁ, ରୁହ୍ୟା ଟୁଡୁ, ଗଣେଶ ଜେନା, କରୁଣାକର ଦାସ, ସବିତା ଭୂୟାଁ ଆଦି ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ ସ୍ୱାଭିମାନ ଟ୍ରଷ୍ଟର ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୨୩/୦୯ (ନି.ପ୍ର): ସାମାଜିକ ସଂଗଠନ ଯୁବ ସ୍ୱାଭିମାନ ଟ୍ରଷ୍ଟର ପ୍ରତିଷ୍ଠା ଦିବସ ଉପଲକ୍ଷେ ଆଗାମୀ ଅକ୍ଟୋବର ଦୁଇ ତାରିଖ ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯିବ। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ଟ୍ରଷ୍ଟ ସଭାପତି ଇଂ. ସ୍ମୃତି ରଞ୍ଜନ ଜେନାଙ୍କ ଅଧକ୍ଷତାରେ ଗୋପସ୍ଥିତ ନିର୍ମାଲ୍ୟ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତଥର ପ୍ରତିଷ୍ଠା ଦିବସରେ ତୁଣୁପୁର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇ ଅନ୍ୟୁନ ୩୦୦ ୟୁନିଟ୍ ରକ୍ତ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କଟକ ଏସ୍‌ସିବି ବ୍ଲଡ଼ ବ୍ୟାଙ୍କ ଓ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ ବ୍ଲଡ଼ ବ୍ୟାଙ୍କର ମିଳିତ ସହଯୋଗରେ ଶିବିର ପରିଚାଳିତ ହେବ ବୋଲି ସୂଚନା ଦିଆଯାଇଛି। ଏଥିସହିତ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଓ ଗାନ୍ଧୀଜୀ ତଥା ଶାସ୍ତ୍ରୀଜୀଙ୍କ ଜୟନ୍ତୀ ମଧ୍ୟ ପାଳନ କରାଯିବ ବୋଲି ସଭାପତି ଶ୍ରୀ ଜେନା କହିଛନ୍ତି। କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବାକୁ କମିଟି ଗଠନ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଛି। ସମ୍ପାଦକ ମନୋଜ ଓଝା ସାଂଗଠନିକ ବିବରଣୀ ଉପସ୍ଥାପନ କରିଥିଲେ। ଟ୍ରଷ୍ଟ ପକ୍ଷରୁ ନିଆଯାଇଥିବା ବହୁବିଧ ସମାଜକଲ୍ୟାଣ ମୂଳକ କାର୍ଯ୍ୟକ୍ରମ ତଥା ଦୁଃସ୍ଥ ଓ ଅସହାୟ ଲୋକଙ୍କୁ ସହାୟତା ସମ୍ପର୍କରେ ଉପଦେଷ୍ଟା ଇଂ ଅକ୍ଷୟ କୁମାର ପାଣି ତଥ୍ୟ ପ୍ରଦାନ କରିଥିଲେ। ଜିଲ୍ଲାସ୍ତରରେ ସଂଗଠନକୁ ଅଧିକ କ୍ରିୟାଶୀଳ କରିବାର ବିଭିନ୍ନ ଦିଗ ଉପରେ ଉପଦେଷ୍ଟା ପ୍ରତାପ କୁମାର ନାୟକ, ରମଣୀ ରଞ୍ଜନ ରାଉତରାୟ, ସନ୍ତୋଷ ବରାଳଙ୍କ ସମେତ ସୁରେନ୍ଦ୍ର ଜେନା, ମାନସ ପ୍ରଧାନ, ସୁରେଶ ପୃଷ୍ଟି, ସନ୍ଦୀପ ବେହେରା, ଅମରେନ୍ଦ୍ର ଦାସ, ଜୟପ୍ରକାଶ ସ୍ୱାଇଁ, ବାପୁନି ବେହେରା, ଗିତିରଞ୍ଜନ ସାହୁ ପ୍ରମୁଖ ମତବ୍ୟକ୍ତ କରିଥିଲେ।

## ଛାତ ଉପରେ ଫଳୁଛି ଆତ: ଅବସରପ୍ରାପ୍ତ ଶିକ୍ଷକ ଆରତ ପରିଡ଼ାଙ୍କ ଅଭିନବ ପ୍ରୟାସ

ଉଦଳା ,୨୩/୦୯ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ୱାର୍ଡ଼ ନଂ-୧୨ (ଜ୍ୟୋତି ନଗର)ର ବାସିନ୍ଦା ଅବସରପ୍ରାପ୍ତ ଶିକ୍ଷକ ଆରତ କୁମାର ପରିଡ଼ା ନିଜ ବାସଭବନର ଛାତ ଉପରେ ଏକ ଫଳ ଉଦ୍ୟାନ ତିଆରି କରିଛନ୍ତି । ଏହି ଉଦ୍ୟାନଟି ବର୍ତ୍ତମାନ ଏଠାରେ ଏକ ଦର୍ଶନୀୟସ୍ଥାନ ପାଲଟି ଯାଇଛି । ଉଦ୍ୟାନରେ ବିଭିନ୍ନ ପ୍ରକାର ଫଳ ଗଛ ଯଥା- (ଆମ୍ବ, ଡ଼ାଳିମ୍ବ, ଆତ, ପିଜୁଳି) ପ୍ରଭୃତି



ଫଳୁଥିବାର ଦେଖିବାକୁ ମିଳୁଛି । ପରିଶ୍ରମ କରି ଏହିଭଳି ଏକ ଉଦ୍ୟାନ କରିପାରିଥିବାରୁ ବିଭିନ୍ନ ମହଲରେ ଆରତ ପରିଡ଼ାଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି । ଛାତ ଉପରେ କୁଣ୍ଡ ବସାଇ ଫଳଗଛ ଗୁଡ଼ିକ କିପରି ବଂଚାଇ ରଖିଛନ୍ତି ଦେଖିବା ପାଇଁ ନିୟମିତ ଲୋକଙ୍କ ଭିଡ଼ ଜମୁଛି ।

## ଆକ୍ରମଣ ଭୟରେ ଘର ଛାଡିଲେ ପରିବାର: ମା' ଗୁରୁତର, କଟକରେ ଚାଲିଛି ଚିକିତ୍ସା; ପରିବାରକୁ ମିଳୁନି ସୁରକ୍ଷା, କଠୋର କାର୍ଯ୍ୟାନୁଷ୍ଠାନ ଦାବି

ଭଦ୍ରକ,୨୩/୦୯ (ନି.ପ୍ର): ପାରିବାରିକ ବିବାଦକୁ କେନ୍ଦ୍ର କରି ଏକ ପରିବାର ଉପରେ ବାରମ୍ବାର ଆକ୍ରମଣ ଓ ଧମକ ଦିଆଯାଉଥିବା ନେଇ ଗୁରୁତର ଅଭିଯୋଗ ଆସିଛି। ଗତ ୮ ତାରିଖ ଦିନ ଖଡ଼ିମାହାରା ଡେଉଳ ଡିହି ଅଂଚଳରେ ପରମେଶ୍ୱର ରାଉଳ ଓ ତାଙ୍କ ବଡ଼ ପୁଅ କାଠିୟା ରାଉଳଙ୍କ ସମେତ ବଡ ବହୁ ପାଗିଳି ରାଉଳ ତାହା ନାତୀ ବବୁଲ ରାଉଳ ବଡ ଝିଅର ସାନ ନାତୁଣୀ ଜଇ ପ୍ରଶାନ୍ତ ପୃଷ୍ଟି ତା ସ୍ତ୍ରୀ ଲକ୍ଷ୍ମୀ ପାଗଳ ଝୁନା ପାଗଳ ତାଙ୍କ ସହିତ ମିଶି ବ୍ୟକ୍ତି କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ପୀଡ଼ିତ ପରିବାର ଅଭିଯୋଗ କରିଛି। ଆକ୍ରମଣରେ ପରିବାରର ବାପା ଓ ମା' ଆହତ ହୋଇଥିବା ବେଳେ ମା'ଙ୍କ ଅବସ୍ଥା ଗୁରୁତର ଥିବା ଦାବି କରାଯାଇଛି। ପୀଡ଼ିତା ପରିବାରର କହିବା ଅନୁଯାୟୀ, ଏହା ପୂର୍ବରୁ ପ୍ରାୟ ଏକ ମାସ ତଳେ ମଧ୍ୟ ସେମାନଙ୍କ ପରିବାର ଉପରେ ଆକ୍ରମଣ ହୋଇଥିଲା। ସେହି ଘଟଣାରେ ମା'ଙ୍କ ହାତ ଭାଙ୍ଗିଥିବା ସହ ପରିବାରର ଅନ୍ୟ ଜଣେ ସଦସ୍ୟ ମଧ୍ୟ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ମାମଲା ଚାଲିଥିବା ସତ୍ତ୍ୱେ ପୁଣିଥରେ ଆକ୍ରମଣ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଗତ ୮ ତାରିଖର ଘଟଣା ସମ୍ପର୍କରେ ପୀଡ଼ି ତାଙ୍କ ଅଭିଯୋଗ , ଅଭିଯୁକ୍ତମାନେ ପୂର୍ବ ଯୋଜନା କରି ଆସିଥିଲେ। ପ୍ରଥମେ କାଠିୟା ରାଉଳ ଖଗଶ୍ୱର ରାଉଳ କୁ ଧାରୁଆ ଅସ୍ତ୍ର ଧରି ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି। ଏଥିରେ ତାଙ୍କ ଘଗଶ୍ୱର ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ଏବଂ ଡାହାଣ ହାତ ଆଙ୍ଗୁଠି କଟିଯାଇଛି ଛାତି ହାତରେ ଚିହ୍ନଟ ଅଛି ସେ ଭୟରେ ଅନ୍ୟତ୍ର ଆଶ୍ରୟ ନେଇଥିବା କୁହାଯାଇଛି। ପରେ ମା'ଙ୍କୁ ମଧ୍ୟ ଛାଡ଼ି ନଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମେନକା ରାଉଳ ଙ୍କୁ ପରମେଶ୍ୱର ରାଉଳ ଖଣ୍ଡା ରେ ଏବଂ କାଠିଆ ରାଉଳ ଭିଡିକି ଧରିଥିବାର ଜଣାପଡିଛି. ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ଦାବି କରାଯାଇଛି। ଏବଂ ଖପୁରି ସମ୍ପୂର୍ଣ ନଷ୍ଟ ହୋ ଯାଇଛି ଏହି ଆଘାତ ଯୋଗୁଁ ତାଙ୍କ ମୁଣ୍ଡରେ ଗୁରୁତର କ୍ଷତ ସୃଷ୍ଟି ହୋଇଥିବା ଏବଂ ସେ ବର୍ତମାନ କଟକର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ପରିବାର ପକ୍ଷରୁ କୁହାଯାଇଛି। ଭୟରେ ଘର ଛାଡ଼ିଲେ ପରିବାର ଆକ୍ରମଣ ପରେ ପରିବାରର ଅବସ୍ଥା ଏପରି ହୋଇଛି ଯେ ବାପା, ମା' ଓ ଝିଅ ସମେତ ପରିବାରର ସଦସ୍ୟମାନେ ନିଜ ଘରେ ରହିବାକୁ ଭୟ କରୁଥିବା ଅଭିଯୋଗ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଘର ଛାଡ଼ି ସେମାନେ ବର୍ତ୍ତମାନ ଅନ୍ୟ ଏକ ସ୍ଥାନରେ ରହୁଥିବା ପରିବାର ପକ୍ଷରୁ କୁହାଯାଇଛି। ପରିବାରର ଅଭିଯୋଗ ଅନୁଯାୟୀ, ଆକ୍ରମଣ ପରେ ମଧ୍ୟ ସେମାନଙ୍କୁ ଧମକ ଦିଆଯାଉଛି। ପରିବାରରେ ଯେଉଁମାନେ ବର୍ତମାନ ବଂଚିଛନ୍ତି, ସେମାନଙ୍କୁ ମଧ୍ୟ ଜୀବନରୁ ହଟାଇଦେବା ନେଇ ଧମକ ମିଳୁଥିବା ପରିବାର ଅଭିଯୋଗ କରିଛି। ଏହି ଧମକ ଯୋଗୁଁ ଦୁଇଟି ନିରିହ ଝିଅ ସୁରକ୍ଷାକୁ ନେଇ ମଧ୍ୟ ପରିବାର ଚିନ୍ତିତ ଥିବା କୁହାଯାଇଛି। ଘଟଣା ପରେ କିଛି ଅଭିଯୁକ୍ତ ଫେରାର ଥିବା ଏବଂ ସେମାନଙ୍କୁ କେହି ସହଯୋଗ କରୁଥିବା ନେଇ ପୀଡ଼ିତ ପରିବାର ସନ୍ଦେହ ପ୍ରକାଶ କରିଛି। ଘଟଣାରେ ସମ୍ପୃକ୍ତ ସମସ୍ତଙ୍କ ଭୂମିକାର ତଦନ୍ତ କରି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ପରିବାର ଦାବି କରିଛି। ପରିବାର ପକ୍ଷରୁ ଆହୁରି ଅଭିଯୋଗ କରାଯାଇଛି ଯେ, ଜେଲରୁ ବାହାରିବା ପରେ ପୁଣି ଆକ୍ରମଣ କରାଯିବ ବୋଲି ଧମକ ଦିଆଯାଇଥିବାରୁ ସେମାନଙ୍କ ମନରେ ଭୟ ଆହୁରି ବଢ଼ିଛି। ଏହି ପରିସ୍ଥିତିରେ ପରିବାରର ସୁରକ୍ଷା ନେଇ ପୋଲିସ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଗୁରୁତର ଆହତ ମା'ଙ୍କ ଚିକିତ୍ସା ଚାଲିଥିବା ବେଳେ ପରିବାରର ଅନ୍ୟ ସଦସ୍ୟମାନେ ଘର ଛାଡ଼ି ଅନ୍ୟତ୍ର ରହୁଥିବା ଘଟଣାକୁ ଆହୁରି ଗମ୍ଭୀର କରିଛି। ତେଣୁ ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା, ଅଭିଯୋଗରେ ନାମ ଥିବା ବ୍ୟକ୍ତିଙ୍କ ଭୂମିକା ଯାଂଚ କରିବା ଏବଂ ଦୋଷ ପ୍ରମାଣିତ ହେଲେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନେବାକୁ ପୀଡ଼ିତ ପରିବାର ଦାବି କରିଛି। ଏଥିସହ ପରିବାରର ସଦସ୍ୟମାନଙ୍କୁ ତୁରନ୍ତ ସୁରକ୍ଷା ଯୋଗାଇବା ଏବଂ ଗୁରୁତର ଆହତ ମହିଳାଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ମଧ୍ୟ ପରିବାର ପକ୍ଷରୁ ପ୍ରଶାସନ ନିକଟରେ ଦାବି ହୋଇଛି।

## ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ଇ-ସ୍କୁଟି ପ୍ରଦାନ

ଧର୍ମଶାଳା,୨୩/୦୯ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଓ ଅନ୍ୟ ନିର୍ବାଚନ ମଣ୍ଡଳୀର ଅସୁବିଧାରେ ଥିବା ଲୋକମାନଙ୍କୁ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା ପରିଚାଳିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନିରନ୍ତର ଭାବେ ସହାୟତା ଯୋଗାଇ ଦେଇ ଆସୁଛି ।
ଏହି ପରିପ୍ରେକ୍ଷୀରେ ବିଧାୟକ ଶ୍ରୀ ସାହୁଙ୍କ ପରାମର୍ଶ କ୍ରମେ ଗଡମଧୁପୁର ପଂଚାୟତ ମଧୁପୁରଗଡର ଗ୍ରାମର ଦିବ୍ୟାଙ୍ଗ ଇନ୍ଦ୍ରଜିତ ବେହେରା ଓ ଜେନାପୁର ପଂଚାୟତ ଅରିମୁଳ ଗ୍ରାମର ମନୋଜ କୁମାର ଡୋରାଙ୍କୁ ଟ୍ରଷ୍ଟ ପକ୍ଷରୁ ଇ-ସ୍କୁଟି ପ୍ରଦାନ କରାଯାଇଛି । ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ବିଧାୟକ ଶ୍ରୀ ସାହୁଙ୍କ ପରାମର୍ଶ କ୍ରମେ ଟ୍ରଷ୍ଟ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ଇ-ସ୍କୁଟି ପ୍ରଦାନ କରାଯାଇଛି । ଦିବ୍ୟାଙ୍ଗମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଇଲେକଟ୍ରିକ ଚାଳିତ ସ୍କୁଟିମାନ ପ୍ରଦାନ କରାଯାଉଛି ବୋଲି ବିଧାୟକ ଶ୍ରୀ ସାହୁ ମତବ୍ୟକ୍ତ କରିଛନ୍ତି । ଇ-ସ୍କୁଟି ପାଇବାରୁ ବାଦ ପଡିଯାଇଥିବା ଦିବ୍ୟାଙ୍ଗମାନଙ୍କୁ ଆଗକୁ ପର୍ଯ୍ୟାୟ କ୍ରମେ ଏଭଳି ଇ-ସ୍କୁଟି ପ୍ରଦାନ କରାଯିବ ବାଲି ବିଧାୟକ ଶ୍ରୀ ସାହୁ କହିଛନ୍ତି । ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ବିଧାୟକ ଶ୍ରୀ ସାହୁଙ୍କ ପରାମର୍ଶ କ୍ରମେ ଟ୍ରଷ୍ଟ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ଇ-ସ୍କୁଟି ପ୍ରଦାନ କରାଯାଇଛି । ଦିବ୍ୟାଙ୍ଗମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଇଲେକଟ୍ରିକ ଚାଳିତ ସ୍କୁଟିମାନ ପ୍ରଦାନ କରାଯାଉଛି ବୋଲି ବିଧାୟକ ଶ୍ରୀ ସାହୁ ମତବ୍ୟକ୍ତ କରିଛନ୍ତି । ଇ-ସ୍କୁଟି ପାଇବାରୁ ବାଦ ପଡିଯାଇଥିବା ଦିବ୍ୟାଙ୍ଗମାନଙ୍କୁ ଆଗକୁ ପର୍ଯ୍ୟାୟ କ୍ରମେ ଏଭଳି ଇ-ସ୍କୁଟି ପ୍ରଦାନ କରାଯିବ ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି ।

## କଲରାପତରିଆ ବାଘ ଛାଲ ଜବତ: ଜଣେ ଗିରଫ

ନୂଆପଡ଼ା,୨୩/୦୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବନଖଣ୍ଡ ଅନ୍ତର୍ଗତ ଉଦ୍ୟାନବନ୍ଧ ରେଞ୍ଜର କୁମୁଟିମୁଣ୍ଡା ଗ୍ରାମ ନିକଟରୁ ଏକ କଲରାପତରିଆ ବାଘର ଛାଲ ଜବତ ହୋଇଥିବା ବେଳେ ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ବନ ବିଭାଗ ଗିରଫ କରିଛି। ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ସୂଚନା ଆଧାରରେ ଓଡ଼ିଶା ବନ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇ କୁମୁଟିମୁଣ୍ଡା ଗ୍ରାମ ନିକଟରୁ ଇନାୟତ ଅଲ୍ଲୀଙ୍କୁ ଘଟଣାସ୍ଥଳରୁ ଧରାଯାଇଥିବା ସୂଚନା ମିଳିଛି। ଚଢ଼ଉ ସମୟରେ ତାଙ୍କ ନିକଟରୁ ଗୋଟିଏ କଲରାପତରିଆ ବାଘର ଛାଲ ଜବତ କରାଯାଇଛି। ଏହି ଘଟଣାରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ, ୧୯୭୨ର ଧାରା ୫୧ ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି। ଜବତ ବାଘ ଛାଲର ବୈଜ୍ଞାନିକ ପରୀକ୍ଷା ସହ ଏହାର ବୟସ, ଉତ୍ସ ଏବଂ ଅନ୍ୟାନ୍ୟ ତଥ୍ୟ ଯାଂଚ୍ କରାଯାଉଥିବା ଜଣାପଡ଼ିଛି।
ଏହି ଘଟଣା ପଛରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ବନ୍ୟପ୍ରାଣୀ ଛାଲ କାରବାରର କୌଣସି ଚକ୍ର ସହ ଏହାର ସମ୍ପର୍କ ରହିଛି କି ନାହିଁ, ସେ ଦିଗରେ ମଧ୍ୟ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି।

## ଚମ୍ପୁଆ ଏନ୍‌ଏସିରେ ବିକାଶର ନଗ୍ନ ଚିତ୍ର: ଡ୍ରେନ୍ ନଥିବାରୁ ଘରେ ପଶୁଛି ବର୍ଷା ପାଣି, ସ୍ଥାନୀୟ ବାସିନ୍ଦା ଅତିଷ୍ଠ

ଚମ୍ପୁଆ,୨୩/୦୯ (ନି.ପ୍ର): ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ୨ ନମ୍ବର ୱାର୍ଡ଼ ବନ୍ଧସାହିରେ ଡ୍ରେନେଜ ବ୍ୟବସ୍ଥାର ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି। ୨୦୧୪ ମସିହାରେ ଚମ୍ପୁଆ ପଂଚାୟତରୁ ଏନ୍‌ଏସିରେ ରୂପାନ୍ତରିତ ହେବାପରେ, ସହରୀ ବିକାଶର ସ୍ୱପ୍ନ ଦେଖିଥିବା ଚମ୍ପୁଆବାସୀଙ୍କ ଆଶା ୧୨ ବର୍ଷ ପରେ ମଧ୍ୟ ସ୍ୱପ୍ନରେ ହିଁ ରହିଯାଇଛି। ସହରୀ ବିକାଶ ନାଁରେ ବର୍ଷସାରା କୋଟି କୋଟି ଟଙ୍କାର ଅନୁଦାନ ଖର୍ଚ୍ଚ କରାଯାଉଥିବାବେଳେ ପ୍ରକୃତ ପକ୍ଷେ ସାହି ବସ୍ତିଗୁଡ଼ିକର ଅବସ୍ଥା 'ଯଥା ପୂର୍ବଂ ତଥା ପରଂ' ସ୍ଥିତିରେ ରହିଛି। ଏବେ ମଧ୍ୟ ଏଠାରେ ବହୁ ସାହିରେ ଭଲ ରାସ୍ତା ଖଣ୍ଡେ ନଥିବା ବେଳେ ଏକାଧିକ ୱାର୍ଡ଼ରେ ଡ୍ରେନେଜ ବ୍ୟବସ୍ଥାର ନାଁ ଗନ୍ଧ ନାହିଁ। ବିଶେଷ କରି ବନ୍ଧସାହିରେ ଡ୍ରେନ୍ ବ୍ୟବସ୍ଥା ନଥିବାରୁ ସାମାନ୍ୟ ବର୍ଷା ହେଲେ ବର୍ଷା ପାଣି ଲୋକଙ୍କ ଘର ଭିତରେ ପଶିଯାଉଛି। ଏହାସହିତ ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଥିବାରୁ ସାଧାରଣ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସାହିବାସୀ ବହୁବାର ଏନ୍‌ଏସି କର୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇ ଗୁହାରି କରିଥିଲେ ସୁଦ୍ଧା କେହି ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ପ୍ରଶାସନର ଏହି ଉଦାସୀନତାକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ଚମ୍ପୁଆ ଏନ୍‌ଏସି ସହକାରୀ ନିର୍ବାହୀ ଯନ୍ତ୍ରୀ ଦାୟିତ୍ୱରେ ଥିବା ବିଶ୍ୱରଂଜନ ନାଏକଙ୍କୁ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ଏଭଳି ଏକ ସମ୍ବେଦନଶୀଳ ସମସ୍ୟାରୁ ନିଜକୁ ଦୂରେଇ ରଖିବା ଭଳି ଢଙ୍ଗରେ 'ଏନେଇ ଆମ ପାଖରେ କୌଣସି ସୂଚନା ନାହିଁ, ମୁଁ ଘଟଣା ସଂପର୍କରେ ବୁଝୁଛି' ବୋଲି ସଫେଇ ଦେଇଛନ୍ତି। ପ୍ରଶାସନର ଏଭଳି ମନୋଭାବ ପରେ ବନ୍ଧସାହିବାସୀଙ୍କୁ କେବେ ଏହି ଜଳବନ୍ଦୀ ସମସ୍ୟାରୁ ମୁକ୍ତି ମିଳୁଛି, ତାହା ଦେଖିବାକୁ ବାକି ରହିଲା।

## ମାତିଛନ୍ତି ମାଫିଆ: ପଶ୍ଚିମବଙ୍ଗକୁ ବେଆଇନ ବାଲି ଚାଲାଣ



ବାଲିଆପାଳ ,୨୩/୦୯ (ନି.ପ୍ର): ବାଲିଆପାଳ ତହସିଲ ଅଞ୍ଚଳରେ ଦିନକୁ ଦିନ ଚୋରା ବାଲିଚାଲାଣ ବଢ଼ିବାରେ ଲାଗିଛି। ଟ୍ରାକ୍ଟର, ଡମ୍ଫର,ଇଞ୍ଜିନଚାଳିତ ଡଙ୍ଗାରେ ଦିନ ରାତି ବାଲି ବୋଝେଇ କରି ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଅସ୍ତି ପଞ୍ଚାୟତରେ ବଢାପାଳ ନିକଟରେ ପ୍ରତ୍ୟେକ ଦିନ ପ୍ରାୟ ସୁବର୍ଣ୍ଣରେଖା ନଦୀ ତଟରୁ ତିନି ଚାରିଟି ସ୍ଥାନରୁ ୫୦ ରୁ ଅଧିକ ଟ୍ରାକ୍ଟର ସାହାଯ୍ୟରେ ବେଧଡକ ଭାବେ ବାଲି ଉତ୍ତୋଳନ କରି ଅବାଧରେ ଚାଲାଣ କରାଯାଉଛି। ସୁବର୍ଣ୍ଣରେଖା ଗର୍ଭରୁ ଯନ୍ତ୍ର ଚାଳିତ ଡଙ୍ଗାରେ ବେଲଚା ସାହାଯ୍ୟରେ ବାଲି ଉତ୍ତୋଳନ କରି କୂଳରେ ରଖାଯାଉଛି। ତତ୍କ୍ଷଣାତ ଟ୍ରାକ୍ଟରରେ ଲୁଡ କରିଯାଇ ଚାଲାଣ କରାଯାଉଛି। ଏହା ବ୍ୟତୀତ ଆଖପାଖ ଅଞ୍ଚଳରେ ବାଲିକୁ ଠୁଳ କରି ରଖାଯାଉଛି। ରାତିରେ ବଡ ବଡ ଡମ୍ଫରରେ ବୋଝେଇ କରି ପଶ୍ଚିମବଙ୍ଗକୁ ପଠାଯାଉଛି। ବାଲି ଟ୍ରାକ୍ଟର ଗୁଡିକ ସହଜରେ ଯିବା ଆସିବା ପାଇଁ ନଦୀ ବନ୍ଧକୁ ଅଧାରୁ କାଟି ତଳକୁ ଗଡାଣିଆ କରାଯାଇଛି। ଫଳରେ ନଦୀ ବନ୍ଧ ବିପଦ ସଙ୍କୁଳ ହୋଇଛି। ଅନ୍ୟ ପକ୍ଷରେ ନଦୀ ବନ୍ଧ ଉପରେ ହୋଇଥିବା ଗ୍ରାମ୍ୟ ରାସ୍ତାରେ ଦିନ ରାତି ଭାରି ଯାନ ଚଳାଚଳ ପାଇଁ ଖାଲଖମାରରେ ଭର୍ତ୍ତି ହୋଇଗଲାଣି। ସ୍କୁଲପିଲା, ବୟସ୍କ ଲୋକ ଏବଂ ସାଧାରଣ ଯାତାୟାତକାରୀ ରାସ୍ତାରେ ଯିବା ଆସିବା କରିବାକୁ ଭୟ ପ୍ରକାଶ କରିଛନ୍ତି।ଏନେଇ ଅସ୍ତି ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ଜେନାଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଛି। ମାତ୍ର ବାଲିଆପାଳ ପ୍ରଶାସନ ପକ୍ଷରୁ କୈାଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଚଳିତ ବର୍ଷ ବାଲିଆପାଳ ବ୍ଲକରେ ତିନି ଥର ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ହୋଇଛି। ପୁଣି ମଙ୍ଗଳବାର ଠାରୁ ଲଘୁଚାପ ଜନିତ ବର୍ଷା ନଦୀ କୂଳିଆ ଲୋକଙ୍କୁ ଭୟଭୀତ କରାଉଛି। ବର୍ଷାସତ୍ତ୍ୱେ ମଧ୍ୟ ମାଫିଆ କିଛି ମାନୁନାହାନ୍ତି। ଯଦି ଆଗକୁ ଏମିତି ନଦୀ ବନ୍ଧ ପାଖରୁ ବାଲି ଉତ୍ତୋଳନ କରାଯିବ ତାହେଲେ ଅସ୍ତି ପଞ୍ଚାୟତର ଥିବା ଗାଁ ଗୁଡିକ ଉପରେ ବିପଦ ହେବ ବୋଲି ସ୍ଥାନୀୟ ବାସିନ୍ଦା କମଳାକାନ୍ତ ପାତ୍ର,ଶରତ ଚନ୍ଦ୍ର ପ୍ରଧାନ,ବଟକୃଷ୍ଣ ଜେନା,ନିର୍ମଳ ବାରିକ,ତ୍ରୀଲଚନ ଦାସ ,ସୁଜିତ ବେହେରା ପ୍ରମୁଖ କହିଛନ୍ତି। ତେବେ ବାଲିଆପାଳ ତହସିଲ ଅଞ୍ଚଳରେ ଚାଲିଥିବା ବାଲି ଉତ୍ତୋଳନ ଓ ଚାଲାଣ ଉପରେ ପ୍ରଶାସନ କେବେ କଡା ଲଗାମ୍ ଦେଉଛି ତାହାକୁ ଅଞ୍ଚଳବାସୀଙ୍କ ନଜର ରହିଛି।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ତରଫରୁ କଫି ଉତ୍ପାଦନ, ପ୍ରକ୍ରିୟାକରଣ ଓ ବିପଣନ ଉପରେ କର୍ମଶାଳା

ଜୟପୁର,୨୩/୦୯ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ତରଫରୁ କୋରାପୁଟ ସ୍ଥିତ ବ୍ରାଉନ୍ ଭ୍ୟାଲି ଇଷ୍ଟେଟ୍ସ ସହଯୋଗରେ ଆଜି ସୁନାବେଡ଼ା ପରିସରରେ "ଦି କଫି ଜର୍ଣ୍ଣି" ଶୀର୍ଷକ ଏକ ଦିବସୀୟ କର୍ମଶାଳା ଆୟୋଜିତ ହୋଇଥିଲା। କଫି ଚାଷ, ପ୍ରକ୍ରିୟାକରଣ, ରୋଷ୍ଟିଂ, ବ୍ରୁଇଂ, ମୂଲ୍ୟବର୍ଦ୍ଧନ, ବିପଣନ ଏବଂ କଫି ଉତ୍ପାଦନ ସହ ଜଡ଼ିତ ଉଦୀୟମାନ ବଜାର ସୁଯୋଗ ଆଦି ବିଷୟ ଉପରେ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଥିଲା।
ଏହି ଅବସରରେ କୃଷି ବିଭାଗର ମୁଖ୍ୟ ଡ. ମଞ୍ଜୁଶ୍ରୀ ସିଂହ କହିଥିଲେ ଯେ, କୃଷି, ଫରେଷ୍ଟ୍ରୀ ଏବଂ ବିଜନେସ ମ୍ୟାନେଜମେଂଟ ବିଭାଗର ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ଭାବେ ପ୍ରାସଙ୍ଗିକ। ବିହନଠାରୁ କପ୍ ପର୍ଯ୍ୟନ୍ତ କଫି ଅନେକ ପର୍ଯ୍ୟାୟ ଦେଇ ଗତି କରେ। ଏହି ପ୍ରକ୍ରିୟାରେ ଉତ୍ପାଦନ, ପ୍ରକ୍ରିୟାକରଣ, ଅର୍ଥନୀତି, ବିପଣନ ଓ ବ୍ରାଣ୍ଡିଂ ଭଳି ବିଭିନ୍ନ ଦିଗ ସାମିଲ ରହିଛି। ଛାତ୍ରଛାତ୍ରୀମାନେ କଫିର ସମ୍ପୂର୍ଣ୍ଣ ମୂଲ୍ୟ ଶୃଙ୍ଖଳା ଏବଂ ଏହାର ଅର୍ଥନୈତିକ ସ୍ଥାୟିତ୍ୱକୁ ବୁଝିବା ଆବଶ୍ୟକ ।
କର୍ମଶାଳାରେ ନିକ୍ ରିଡ୍ ମେଂଟର୍ ଭାବେ ଯୋଗଦେଇ କଫିର ଇତିହାସ, କଫି ଚାଷ ଓ ଉତ୍ପାଦନ, ବିଭିନ୍ନ ପ୍ରକ୍ରିୟାକରଣ ପଦ୍ଧତି, ରୋଷ୍ଟିଂ କୌଶଳ ଏବଂ ବ୍ରୁଇଂ ସମ୍ପର୍କରେ ବିସ୍ତୃତ ଧାରଣା ପ୍ରଦାନ କରିଥିଲେ।
ଅଂଶଗ୍ରହଣକାରୀ ମାନେ କଫିର ମୂଲ୍ୟ ଶୃଙ୍ଖଳା ଏବଂ ବିକାଶଶୀଳ କଫି କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ ସୁଯୋଗ ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲେ। ସେ ନିଜର ଅଭିଭାଷଣରେ କହିଥିଲେ ଯେ, ଭାରତରେ, ବିଶେଷକରି ଓଡ଼ିଶାରେ, କଫି ବଜାରର ଅନୁସନ୍ଧାନ ଓ ବିକାଶ ପାଇଁ ବ୍ୟାପକ ସୁଯୋଗ ରହିଛି।
ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଅଜିତ କୁମାର ଶାସନୀ କୋରାପୁଟକୁ ଏକ କଫି ଉତ୍ପାଦନ ଅଂଚଳ ଭାବେ ବିକଶିତ କରିବାର ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, "କୋରାପୁଟରେ ଉଚ୍ଚମାନର କଫି ଉତ୍ପାଦିତ ହେଉଛି ଏବଂ କଫି ଚାଷ ପାଇଁ ଏଠାକାର ଜଳବାୟୁ ଅନୁକୂଳ।"
ଏହି କର୍ମଶାଳାରେ ଏସ୍ସିଏ ପ୍ରମାଣିତ ପ୍ରଫେସନାଲ୍ ବାରିଷ୍ଟା ଓ କଫି ଟେକ୍ନିସିଆନ୍ ତଥା ରୋଷ୍ଟର୍ ନିକ୍ ରିଡ୍ ଏବଂ ବ୍ରାଉନ୍ ଭ୍ୟାଲି କଫି ଇଷ୍ଟେଟ୍, କୋରାପୁଟର ପ୍ରତିଷ୍ଠାତା ସୁଜୟ କୁମାର ପ୍ରଧାନଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଗବେଷଣାର୍ଥୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

## ଶିଶୁ କାଠ ଜବତ: ୩ କାଠ ମାଫିଆ ଗିରଫ

ମାଲକାନଗିରି,୨୩/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ମୋଟୁ ବନ ବିଭାଗ ଅନ୍ତର୍ଗତ ବିନାୟକପୁର ଜଙ୍ଗଲରେ ବନ ବିଭାଗ ଚଢ଼ଉ କରି ଗତକାଲି ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଶିଶୁ କାଠ ଗଣ୍ଡି ଜବତ କରିଛି । ବେଆଇନ ଭାବେ ଶିଶୁ କାଠ ଚାଲାଣ କରୁଥିବା ଏକ ଟ୍ରାକ୍ଟର ଓ ଏକ ବାଇକକୁ ମଧ୍ୟ ଜବତ କରାଯାଇଛି । ଏହି ଘଟଣାରେ ୩ ଜଣ କାଠ ମାଫିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବନ ବିଭାଗ । ମୋଟୁ ବନ ବିଭାଗ ଫରେଷ୍ଟର ସରୋଜ ଘଡାଇ, ଫରେଷ୍ଟ ଗାର୍ଡ ଏବଂ ପାରା ସ୍କ୍ୱାଡ କର୍ମଚାରୀମାନେ ଏହି ଚଢ଼ଉ ଓ ଜବତ ପ୍ରକ୍ରିୟାରେ ସାମିଲ ଥିଲେ । ବେଆଇନ ବନଜାତ ଦ୍ରବ୍ୟ ଚାଲାଣ ଓ ଜଙ୍ଗଲ ସମ୍ପଦ ଚୋରା ଚାଲାଣ ବିରୋଧରେ ଆଗାମୀ ଦିନରେ ମଧ୍ୟ ଅଭିଯାନ ଜାରି ରହିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ସରକାରୀ ରାସ୍ତା ଜବରଦଖଲ ଅଭିଯୋଗ: ଘରୁ ବାହାରିବା ରାସ୍ତା ବନ୍ଦ, ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି

## ୨୫ରେ ଜମି ମାପଚୁପ ପାଇଁ ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ




ଖୋର୍ଦ୍ଧା, ୨୩/୯ (ନି.ପ୍ର): ସରକାରୀ ରାସ୍ତା ଜବରଦଖଲ କରି ନିର୍ମାଣ କାର୍ଯ୍ୟ କରାଯାଇଥିବାରୁ ଘରୁ ବାହାରିବା ପାଇଁ ରାସ୍ତା ବନ୍ଦ ହୋଇଯାଇଥିବା ଅଭିଯୋଗ କରି ଧଳାପଥର ଗ୍ରାମର କେତେକ ପରିବାର ଖୋର୍ଦ୍ଧା ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ଅଭିଯୋଗର ତୁରନ୍ତ ସମାଧାନ ଦାବି କରି ମଙ୍ଗଳବାର ଅଭିଯୋଗକାରୀ ପରିବାରଗୁଡ଼ିକ ଛୋଟ ପିଲାମାନଙ୍କ ସହ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ପରେ ଖୋର୍ଦ୍ଧା ଉପଜିଲ୍ଲାପାଳ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ସହ ଆସନ୍ତା ୨୫ ତାରିଖରେ ଜମିର ମାପଚୁପ କରାଯାଇ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିବାରଗୁଡ଼ିକ ଅନଶନ ପ୍ରତ୍ୟାହାର କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଧଳାପଥର ଗ୍ରାମର ଗୋବିନ୍ଦ ଚନ୍ଦ୍ର ପୃଷ୍ଟି ଓ ଜିତେନ୍ଦ୍ର କୁମାର ପୃଷ୍ଟିଙ୍କ ପରିବାର ଦୀର୍ଘ ଦଶନ୍ଧି ଧରି ନିଜ ପୈତୃକ ଘରେ ବସବାସ କରିଆସୁଛନ୍ତି। ସେମାନଙ୍କ ଘର ସମ୍ମୁଖରେ ଥିବା ସରକାରୀ ଜମିର କିଛି ଅଂଶ ଲିଜ ମାଧ୍ୟମରେ ହସ୍ତାନ୍ତର ହେବା ପରେ ସେଠାରେ ନିର୍ମାଣ କାର୍ଯ୍ୟ ହୋଇଥିବାରୁ ଦୀର୍ଘଦିନ ଧରି ବ୍ୟବହୃତ ହୋଇଆସୁଥିବା ଯାତାୟାତ ରାସ୍ତା ପ୍ରଭାବିତ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀମାନେ ଦର୍ଶାଇଛନ୍ତି ଯେ, ଖାତା ନମ୍ବର ୨୭୧ ଅନ୍ତର୍ଗତ ପ୍ଲଟ୍ ନମ୍ବର ୨୫୪ରେ ଥିବା ପ୍ରାୟ ୧୬ ଡିସିମିଲ ଜମି ଦୀର୍ଘଦିନ ଧରି ସରକାରୀ ରାସ୍ତା ଭାବେ ବ୍ୟବହୃତ ହୋଇଆସୁଥିଲା। ୨୦୧୫ ମସିହାରେ ସନ୍ତୋଷ ପାଣିଗ୍ରାହୀ ନାମକ ଜଣେ ବ୍ୟକ୍ତି କେତେକ ବ୍ୟକ୍ତିଙ୍କ ସହାୟତାରେ ଉକ୍ତ ରାସ୍ତା ଉପରେ ପଥର କାନ୍ଥ ନିର୍ମାଣ କରି ରାସ୍ତା ଅବରୋଧ କରିଥିବା ନେଇ ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ ଆଦେଶକ୍ରମେ ବୋଲଗଡ଼ ତହସିଲ ପକ୍ଷରୁ ଉକ୍ତ ଜବରଦଖଲ ହଟାଯାଇଥିବା ଅଭିଯୋଗକାରୀ ମାନେ କହିଛନ୍ତି। ତେବେ ଚଳିତ ବର୍ଷ ଅଗଷ୍ଟ ୨୧ ତାରିଖରେ ପୁନର୍ବାର ଉକ୍ତ ସରକାରୀ ରାସ୍ତା ଉପରେ ନିର୍ମାଣ କାର୍ଯ୍ୟ କରାଯାଇ ଘର ତିଆରି କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହା ଫଳରେ ନିଜ ଘରୁ ବାହାରିବା ସହ ଦୈନନ୍ଦିନ ଯାତାୟାତ କରିବାର ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ସେମାନଙ୍କ ଅଭିଯୋଗ। ଘଟଣା ସମ୍ପର୍କରେ ସ୍ଥାନୀୟ ପ୍ରଶାସନର ବିଭିନ୍ନ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଦୀର୍ଘଦିନ ଧରି କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବା ଅଭିଯୋଗକାରୀ ମାନେ କହିଛନ୍ତି। ରାସ୍ତା ଅବରୋଧ ହେବା ଯୋଗୁଁ ପରିବାରଗୁଡ଼ିକ ନିଜ ଘର ମଧ୍ୟରେ ଅବରୁଦ୍ଧ ଭଳି ଅବସ୍ଥାରେ ରହୁଥିବା ସେମାନେ ଦର୍ଶାଇଛନ୍ତି। ଗତ ସେପ୍ଟେମ୍ବର ୮ ତାରିଖରେ ଏନେଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା। ଅଭିଯୋଗପତ୍ର ସହ ସରକାରୀ ରାସ୍ତା ସମ୍ପର୍କିତ ପଟ୍ଟା ଓ ରେକର୍ଡର ଦସ୍ତାବିଜ, ପୁରୁଣା ଓ ନୂଆ ପଟ୍ଟାର ନକଲ, ୨୦୧୫ ମସିହାରେ ରାସ୍ତା ଅବରୋଧ ସମୟର ଫଟୋ, ଜିଲ୍ଲାପାଳଙ୍କ ଚିଠିର ନକଲ ଏବଂ ବର୍ତ୍ତମାନ ରାସ୍ତା ଉପରେ ନିର୍ମିତ ଘରର ଫଟୋ ଦାଖଲ କରାଯାଇଥିବା ସେମାନେ କହିଛନ୍ତି। ସରକାରୀ ରାସ୍ତାର ରେକର୍ଡ ଯାଞ୍ଚ ସହ ଘଟଣାର ତୁରନ୍ତ ସରଜମିନ ତଦନ୍ତ କରାଯାଇ ଯଦି ଜବରଦଖଲ ହୋଇଥାଏ, ତେବେ ତାହା ହଟାଇ ପୂର୍ବପରି ଯାତାୟାତ ସୁବିଧା ଯୋଗାଇଦେବାକୁ ଅଭିଯୋଗକାରୀ ମାନେ ଦାବି କରିଥିଲେ। ତେବେ ଆଶାନୁରୂପ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରି ସେମାନେ ପରିବାର ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ଅନଶନର ଖବର ପାଇ ଖୋର୍ଦ୍ଧା ଉପଜିଲ୍ଲାପାଳ ସେଠାରେ ପହଞ୍ଚି ଅଭିଯୋଗକାରୀ ପରିବାରଗୁଡ଼ିକ ସହ ଆଲୋଚନା କରିଥିଲେ। ସରକାରୀ ରେକର୍ଡ ଯାଞ୍ଚ କରାଯିବା ସହ ଆସନ୍ତା ୨୫ ତାରିଖରେ ଘଟଣାସ୍ଥଳରେ ଜମିର ମାପଚୁପ କରାଯାଇ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅଭିଯୋଗକାରୀ ପରିବାରଗୁଡ଼ିକ ଅନଶନରୁ ଉଠିଥିଲେ ।

# ଭଦ୍ରକ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ




ଭଦ୍ରକ , ୨୩/୯ (ନି.ପ୍ର): ଆଜି ଭଦ୍ରକ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ଶ୍ରୀ ରଂଜିତ ପାତ୍ର ମୁଖ୍ୟଅତିଥି, ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ରିୟାନା ରାଜୁ, ବରେଣ୍ୟ ଅତିଥି ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି, ସମ୍ମାନିତ ଅତିଥିଭାବେ ସର୍ବଶ୍ରୀ ଦେବେନ୍ଦ୍ର ମହାନ୍ତି, ଦେବରୂପ ମହାନ୍ତି, ରାଜ୍ୟ ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା, ପ୍ରଦ୍ୟୁମ୍ନ ଦାସ, ରାଜେନ୍ଦ୍ର ପଣ୍ଡା, ପୀତବାସ ଧଳ, ଶର୍ମିଷ୍ଠା ପଣ୍ଡା, ଅବଦୁଲ ମୋକିତ ଖାଁ,ହରିହର ମଣ୍ଡଳ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ମୁଖ୍ୟ ଅତିଥି ରାଜ୍ୟ ଯୁବ ସଭାପତି ରଂଜିତ ପାତ୍ର ଓ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ରାଉତ ତାଙ୍କ ବକ୍ତବ୍ୟରେ ଭଦ୍ରକ ଜିଲ୍ଲାର ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ଓ ଭଦ୍ରକ ବିଶ୍ୱବିଦ୍ୟାଳୟ ଓ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ନିର୍ବାଚନୀ ସମୟରେ ପ୍ରତିଶୃତି ଦେଇଥିଲେ ତାହା ଆଜି ପାଣିର ଗାଠ ପାଲଟିଛି । ଏହା ବିରୁଦ୍ଧରେ ଆଗାମୀ ଦିନରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭଦ୍ରକ ଜିଲ୍ଲା ଗ୍ରସ୍ତ ସମୟରେ ଯୁବ କଂଗ୍ରେସ ତରଫରୁ ଘୋର ବିରୋଧ କରାଯିବ । ଦେଶର ଯୁବକମାନେ ଭବିଷ୍ୟତ, ଆଜି କେନ୍ଦ୍ର ଓ ରାଜ୍ୟ ସରକାର ଯୁବକ/ଛାତ୍ର ମାନଙ୍କ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲି ଦେଉଛି । ନିଟ୍ ପ୍ରଶ୍ନପତ୍ର ଲିକ ମାମଲାକୁ ନେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ଓଡିଶାର ପାଠ୍ୟ ପୁସ୍ତକର ତ୍ରୁଟିକୁ ନେଇ ରାଜ୍ୟ ସରକାରଙ୍କ ଅପାରଗତାକୁ ଭର୍ତ୍ସନା କରିଥିଲେ । ସେହିପରି ଆଗାମୀ ଦିନରେ ରାଜ୍ୟର ଯୁବକଂଗ୍ରେସ ଡବଲ ଇଞ୍ଜିନି ସରକାରକୁ ଉଚିତ ଜବାବ ଦେବ ବୋଲି ରାଜ୍ୟ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର ବକ୍ତବ୍ୟ ଦେବା ସହ ଜିଲ୍ଲାର ଯୁବ କଂଗ୍ରେସକୁ ତୃଣମୂଳ ସ୍ତରରେ ସୁଦୃଢ କରାଯିବାକୁ କାର୍ଯ୍ୟକାରିଣୀ ବୈଠକରେ ଆହ୍ୱାନ ଦେଇଥିଲେ । ଆୟୋଜିତ ଏହି ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ବିଦ୍ୟାଧର ଜେନା, ବିଜୟ ବାରିକ, ରଞ୍ଜନ ଜେନା, ମନୋଜ ମଲ୍ଲିକ, ଗୟାଧର ସେଠୀ, କାଉନସିଲର ସାହିଲ କାଦ୍ରି, ଗୋଲାମ ମଇଉଦିନ, ଏନ୍‌ମୁଲ ହକ ଭଦ୍ରକ ଯୁବକଂଗ୍ରେସ ନେତା ସୂର୍ଯ୍ୟପ୍ରକାଶ ମହାନ୍ତି, ଭଦ୍ରକ ବିଧାନସଭା ଯୁବ କଂଗ୍ରେସ ନେତା ଇଲିଆସ ଅଲ୍ଲୀ ଖାଁ, ରିଆଜ୍ ଖାଁ, ନଫିଜ୍ ଖାଁ, ବାସୁଦେବପୁର ଯୁବ କଂଗ୍ରେସ ସଭାପତି ସିଦ୍ଧାର୍ଥ ଦାସ ଓ ସୁଶାନ୍ତ ମହାକୁଡ଼, ଧାମନଗର ନିର୍ବାଚନୀ ମଣ୍ଡଳୀ ଯୁବକଂଗ୍ରେସ ନେତା ଆଲୋକ ସ୍ୱାଇଁ , ଚନ୍ଦ୍ରକାନ୍ତ ବାରିକ୍, ବନ୍ତ ବ୍ଲକ ଯୁବକଂଗ୍ରେସ ସନ୍ଦୀପ ଜେନା, ନିରଞ୍ଜନ ନାୟକ, ସମ୍ବିଦ୍ ଦାସ, ଚାନ୍ଦବାଲି ଯୁବ କଂଗ୍ରେସ ନେତା ପୃଥିରାଜ ନାୟକ, ଭଣ୍ଡାରୀ ପୋଖରୀ ବିଧାନସଭା ଯୁବ କଂଗ୍ରେସ ସଭାପତି ସାୟଦ ସିଦ୍ଧିକ୍ ବାସୁଦେବ ପୁର ନଗର ସଭାପତି ସୁଶାନ୍ତ ମହାକୁଡ଼ଙ୍କ ସମେତ ୫ ଗୋଟି ବିଧାନସଭା ଓ ୭ଗୋଟି ବ୍ଲକ , ଭଦ୍ରକ ମ୍ୟୁନିସ୍‌ପାଲିଟ୍, ବାସୁଦେବପୁର ମ୍ୟୁନିସ୍‌ପାଲିଟ୍ ହଜାର ରୁ ଉର୍ଦ୍ଧ ଯୁବ କଂଗ୍ରେସର କର୍ମୀ ମାନେ ଯୋଗ ଦେଇ ଓ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ସ୍ୱରଉତ୍ତୋଳନ କରିଥିଲେ ।

# ମୋଟର ପମ୍ପ ଚୋରି ଅଭିଯୋଗରେ ଜଣେ ଗିରଫ

ଭଦ୍ରକ, ୨୩/୯ (ନି.ପ୍ର): ମୋଟର ପମ୍ପ ଚୋରି ଅଭିଯୋଗରେ ବନ୍ତ ପୋଲିସ୍ ଆଗରପଡା ଥାନା ଅଧିନ ଧୋବାଗଡିଆ ଗ୍ରାମର ଗଣେଶ ସାହୁଙ୍କ ପୁଅ ରାଧାକାନ୍ତ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ୧୬ ତାରିଖ ରାତ୍ର ୧୦.୩୦ ମିନଟ ସମୟରେ ରାଧାକାନ୍ତ ଓଡଙ୍ଗରେ ଥିବା ପରିବା କ୍ଷେତରେ ଲାଗିଥିବା ମୋଟର ପମ୍ପକୁ ଚୋରି କରି ନେଇଯାଇଥିଲେ । ଯାହାକି ସିସିଟିଭିରେ କଏଦ୍ ହୋଇଛି । ଏନେଇ ଓଡଙ୍ଗ ଗ୍ରାମର ରମାକାନ୍ତ ପଡିଆରି ବନ୍ତ ଥାନାରେ ଅଭିଯୋଗ କରିବା ପରେ ବନ୍ତ ପୋଲିସ ତଦନ୍ତ କରି ଅଭିଯୁକ୍ତ ଗିରଫ କରିବା ସହ ଚୋରି ହୋଇଥିବା ମୋଟର ପମ୍ପକୁ ଜବଦ କରିଛି । ଅନ୍ୟପକ୍ଷରେ ଏହି ଚୋରିରେ ସଂପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତକୁ ଖୁବ୍‌ଶିଘ୍ର ଗିରଫ କରାଯିବ ବୋଲି ବନ୍ତ ପୋଲିସ କହିଛି ।

# ଜଳେଶ୍ୱରରେ ପୂର୍ତ୍ତ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଗସ୍ତ: ଡ୍ରେନେଜ୍ ସମସ୍ୟାର ସମାଧାନ ଓ ୪ ଥାକିଆ ରାସ୍ତା ନିର୍ମାଣ ପାଇଁ ବଡ଼ ପ୍ରସ୍ତାବ



ଜଳେଶ୍ୱର, ୨୩/୯ (ନି.ପ୍ର): ଜଳେଶ୍ୱର ପୌରପାଳିକା ଅଞ୍ଚଳର ଭିତ୍ତିଭୂମି ବିକାଶ ଓ ଦୀର୍ଘଦିନର ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ବୁଧବାର ମଧ୍ୟାହ୍ନ ୧୨ଟା ସମୟରେ ବାଲେଶ୍ୱର ଜିଲ୍ଲା ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମାନସ ରଞ୍ଜନ ସେଠୀ ଜଳେଶ୍ୱର ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଛନ୍ତି।ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସ୍ଥାନୀୟ ଜି.କେ. ଭଞ୍ଜର ଡାକ୍ତରଖାନା ପରିସରରେ ଉପୁଜୁଥିବା ଡ୍ରେନେଜ୍ ସମସ୍ୟାର ସମୀକ୍ଷା କରିବା ସହ ତୁରନ୍ତ ବର୍ଷାଜଳ ନିଷ୍କାସନ ଲାଗି ଏକ ସ୍ୱତନ୍ତ୍ର ଡ୍ରେନ୍ ନିର୍ମାଣର ଯୋଜନା ପ୍ରସ୍ତୁତ କରିଛନ୍ତି। ଏହାସହ ସହର ତଥା ଆଖପାଖ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ତିନୋଟି ପ୍ରମୁଖ ରାସ୍ତାକୁ ୪ ଥାକିଆ (ଫୋର୍ ଲେନ୍) କରିବା ନେଇ ପ୍ରସ୍ତାବ ରଖାଯାଇଛି ଗୋବରଘଟା ଅଗ୍ରୱାଲା ଛକରୁ ପଶ୍ଚିମବଙ୍ଗ ସୀମାନ୍ତ ପର୍ଯ୍ୟନ୍ତ ରାସ୍ତା ଜଳେଶ୍ୱର ବାରମୁହାଁ ପୋଲଠାରୁ ଚାଲନ୍ତି ପର୍ଯ୍ୟନ୍ତ ରାସ୍ତା କୋଡିଏ କୋଟି ଟଙ୍କା ର ଟେଣ୍ଡର ଶେଷ, ଆମ୍ବଳିଅଠା ଛକରୁ ଭୋଗରାଇ ବ୍ଲକ୍ ବେଣୁଦା ପର୍ଯ୍ୟନ୍ତ ରାସ୍ତା ଏହା ବ୍ୟତୀତ ଜଳେଶ୍ୱର ସହରରେ ଏକ ନୂତନ ଡାକ ବଙ୍ଗଳା ଏବଂ ତହସିଲ କାର୍ଯ୍ୟାଳୟ ନିକଟରେ କାର୍ଯ୍ୟରତ ମହୁରୀ (ଦସ୍ତାବିଜ ଲେଖକ) ମାନଙ୍କ ବସିବା ପାଇଁ ଏକ ନୂତନ କୋଠା ନିର୍ମାଣର ପ୍ରସ୍ତାବ ମଧ୍ୟ ଏହି ଗସ୍ତ କାଳରେ ଗ୍ରହଣ କରାଯାଇଛି। ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ମଲ୍ଲିକ, ଜଳେଶ୍ୱର ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ନୟନ ନାରାୟଣ ପାଢ଼ୀ, ପୌର ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ ଏବଂ ଜି.କେ. ଭଞ୍ଜର ହସ୍ପିଟାଲ ମୁଖ୍ୟ ଡା. ଦିଲ୍ଲୀପ କୁମାର ପାତ୍ର ଉପସ୍ଥିତ ରହି ବୈଷୟିକ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱରର ବରିଷ୍ଠ ନେତା ବ୍ରଜମୋହନ ପ୍ରଧାନ, ଉତ୍ତର ବାଲେଶ୍ୱର ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଫାଲଗୁନି ପାଣିଗ୍ରାହୀ, କାଳୀଚରଣ ଦାସ, ରାଜେଶ ଖଟୁଆ ଓ ପ୍ରବୀର ଦାସ ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ଅଞ୍ଚଳର ସମସ୍ୟା ସମ୍ପର୍କରେ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ତୁରନ୍ତ ଜୁଡ଼ିସିଆଲ୍ ହବ୍ ନିର୍ମାଣ ଦାବିରେ ଅକ୍ଟୋବର ୭ ସିଭିଲ୍ ସୋସାଇଟିର ଗଣଧାରଣା

ବାଲେଶ୍ୱର, ୨୩/୯ (ନି.ପ୍ର): ପ୍ରସ୍ତାବିତ ଜୁଡ଼ିସିଆଲ୍ ହବ୍ ପୂର୍ବ ନିର୍ଦ୍ଧାରିତ ଜଳସେଚନ ବିଭାଗ ସ୍ଥାନରେ ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଦାବିରେ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ବୁଧବାର ଦିନ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦୌରାଜଜ୍‌ଙ୍କୁ ଦାବିପତ୍ର ଦିଆଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୁଡ଼ିସିଆଲ୍ ହବ୍ ନିର୍ମାଣ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହଙ୍କୁ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସଂପାଦକ ମନୋଜ ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, କୋଷାଧକ୍ଷ ସନ୍ତୋଷ କୁମାର ସାହୁଙ୍କ ସମେତ ଜ୍ୟୋସ୍ନା ସେନାପତି ଓ ରଘୁନାଥ ନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ସିଭିଲ୍ ସୋସାଇଟିର ପ୍ରତିନିଧିମାନେ କହିଥିଲେ ଯେ, ମାନ୍ୟବର ଓଡ଼ିଶା ହାଇକୋର୍ଟ ଓ ରାଜ୍ୟ ସରକାର ଜୁଡ଼ିସିଆଲ୍ ହବ୍ ନିର୍ଦ୍ଧାରିତ ଜଳସେଚନ ବିଭାଗ ସ୍ଥାନରେ ନିର୍ମାଣ କରିବା ପାଇଁ ବିବାଦୀୟ ଜମିକୁ ବାଦ୍ ଦେଇ ଜମି ହସ୍ତାନ୍ତର ପ୍ରକ୍ରିୟା ସମାପ୍ତ ହୋଇଛି ଓ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ କୁହାଯାଇଛି। ତେଣୁ ଜିଲ୍ଲା ପ୍ରଶାସନ ପୂର୍ବ ନିଷ୍ପତ୍ତି ଓ ସରକାରଙ୍କ ନିର୍ଦ୍ଦେଶରେ କାର୍ଯ୍ୟ ତୁରନ୍ତ ଆରମ୍ଭ କରନ୍ତୁ ବୋଲି ପ୍ରତିନିଧିମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଆସନ୍ତା ଅକ୍ଟୋବର ମାସ ୭ ତାରିଖ ପୂର୍ବରୁ ନିର୍ଦ୍ଧାରିତ ସ୍ଥାନରେ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେଲେ ସିଭିଲ୍ ସୋସାଇଟି ଓ ବହୁ ସହଯୋଗୀ ସଂଗଠନ ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ୭ ତାରିଖ ଦିନ ଗଣଧାରଣାରେ ବସିବାକୁ ବାଧ ହେବେ ବୋଲି ସେମାନେ ଲିଖିତ ଭାବେ ଜଣାଇଛନ୍ତି। ଏହି ପ୍ରସ୍ତାବ ଉପରେ ଜିଲ୍ଲାପ୍ରଶାସନ ଅବଗତ ଥିବା ସଂପର୍କରେ ଶ୍ରୀ ସିଂହ ପ୍ରତିନିଧିମାନଙ୍କୁ କହିଥିବାର ଜଣାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଖବର ପ୍ରକାଶ ପାଇବା ପରେ...

ନେଇ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ୨୦୨୩ ଆଇନରେ ଥିବା ନିଯୁକ୍ତି ବ୍ୟବସ୍ଥା ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ଆବଶ୍ୟକ ସାମ୍ବିଧାନିକ ମାନଦଣ୍ଡ ପୂରଣ କରୁଛି କି ନାହିଁ, ସେ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ "ମୁକ୍ତ ଓ ନିରପେକ୍ଷ ନିର୍ବାଚନ ଗୋଟିଏ ସମ୍ପୂର୍ଣ୍ଣ ସ୍ୱାଧୀନ ନିର୍ବାଚନ କମିଶନଙ୍କ ଉପରେ ନିର୍ଭର କରେ। ନିର୍ବାଚନ କମିଶନ କେବଳ ସ୍ୱାଧୀନ ହେବା ଯଥେଷ୍ଟ ନୁହେଁ, ଏହା ସ୍ୱାଧୀନ ବୋଲି ପ୍ରତୀତ ହେବା ମଧ୍ୟ ଆବଶ୍ୟକ।" ତେବେ ସେ ୫ ଜଣିଆ ବେଞ୍ଚ ବଦଳରେ ଏହାର ବିଚାର ୩ ଜଣିଆ ଖଣ୍ଡପୀଠରେ କରିବାକୁ ମତ ରଖିଛନ୍ତି। ଦୁଇ ବିଚାରପତିଙ୍କ ମଧ୍ୟରେ ମତଭେଦ ଯୋଗୁ ଏହି ମାମଲାରେ କୌଣସି ସହମତି ହୋଇପାରିନାହିଁ। ସାଧାରଣତଃ ୨ ଜଣିଆ ବେଞ୍ଚର ବିଚାରପତିଙ୍କ ମଧ୍ୟରେ ମତଭେଦ ହେଲେ ମାମଲା ୩ ଜଣିଆ ବେଞ୍ଚକୁ ଯାଇଥାଏ। କିନ୍ତୁ ଏହି ମାମଲାରେ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପ୍ରଶ୍ନର ବିଚାର ଆହୁରି ବିଳମ୍ବିତ ହୋଇପାରେ ବୋଲି ଜଷ୍ଟିସ ଶର୍ମା କହିଛନ୍ତି। ତେଣୁ ଏହାକୁ ସମ୍ବିଧାନ ବେଞ୍ଚରେ ତାଲିକାଭୁକ୍ତ କରିବା ପାଇଁ ପ୍ରଧାନ ବିଚାରପତିଙ୍କ ନିକଟକୁ ପଠାଯିବ। ସେ ମାମଲାର ଶୁଣାଣି କେଉଁ ବେଞ୍ଚ କରିବେ, ତା'ର ନିଷ୍ପତ୍ତି ନେବେ।

## ଗଭୀର ଅବପାତ ଜନିତ...

ଏହି ଅବପାତ ଯୋଗୁ ଆଜି ଏବଂ ଆସନ୍ତା କାଲି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ଓ ୨୫ ତାରିଖ ପରେ ପରିସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଛି। ଏହି ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ ୩୩ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ଗଞ୍ଜାମରେ ୬, ଗଜପତିରେ ୩, କୋରାପୁଟରେ ୬, ମାଲକାନଗିରିରେ ୩, ରାୟଗଡ଼ାରେ ୩, କଳାହାଣ୍ଡିରେ ୨ ଏବଂ ବଲାଙ୍ଗିରରେ ୧ଟି ଟିମ୍ ମୁତୟନ ହୋଇଛି। ଏହା ବ୍ୟତୀତ ଗଞ୍ଜାମର ଛତ୍ରପୁରସ୍ଥିତ ଓଡ୍ରାଫ୍ ୟୁନିଟ୍‌ର ୯ଟି ଟିମ୍ ରିଜର୍ଭ ରଖାଯାଇଛି। ଉପକୂଳରେ ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ସମସ୍ତ ବନ୍ଦରରେ ସ୍ଥାନୀୟ ସତର୍କ ସଙ୍କେତ ସଂଖ୍ୟା-୩ ଉତ୍ତୋଳନ କରାଯାଇଛି ଏବଂ ସମୁଦ୍ରକୁ ମତ୍ସ୍ୟଜୀବୀଙ୍କ ପ୍ରବେଶ ଉପରେ ନିଷେଧ ଜାରି ରହିଛି। ଏହାର ଶତ ପ୍ରତିଶତ ଅନୁପାଳନ ନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି। ପ୍ରଭାବିତ ହେବାକୁ ଥିବା ଅଞ୍ଚଳ ଗୁଡିକ ଯଥା- ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ କଳାହାଣ୍ଡିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିବା ବେଳେ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ଜିଲ୍ଲା ପ୍ରଶାସନ ତଥା ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ପ୍ରସ୍ତୁତି କରାଯାଇଛି। ଜିଲ୍ଲା ଓ ବ୍ଲକ୍ ଆପାତକାଳୀନ କାର୍ଯ୍ୟ କେନ୍ଦ୍ରଗୁଡ଼ିକୁ ୨୪ଘଂଟ କାର୍ଯ୍ୟରତ ରଖିବା, ସମ୍ବେଦନଶୀଳ ବସତି ଚିହ୍ନଟ କରିବା, ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବା ଏବଂ ଶୁଖିଲା ଖାଦ୍ୟ, ଶିଶୁ ଖାଦ୍ୟ, ପାନୀୟ ଜଳ ଓ ପରିଷ୍କାରତା ସାମଗ୍ରୀ ମହଜୁଦ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ସେବା ଦଳକୁ ପୂର୍ବରୁ ମୁତୟନ ଓ ସଜ୍ଜ ରଖାଯାଇଥିବା ବେଳେ ଉଦ୍ଧାର ନୌକା, ଲାଇଫ୍ ଜାକେଟ୍ ଓ ପାୱାର ବୋଟ୍ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ନଦୀ ଓ ଜଳାଶୟର ଜଳସ୍ତର ନିରନ୍ତର ନିରୀକ୍ଷଣ, ସମ୍ବେଦନଶୀଳ ବନ୍ଧ ସ୍ଥାନଗୁଡ଼ିକର ପରୀକ୍ଷା ଏବଂ ଆବଶ୍ୟକସ୍ଥଳେ ନିୟନ୍ତ୍ରିତ ଜଳମୁକ୍ତି ପାଇଁ ସମନ୍ୱୟ କରାଯାଉଛି। ସହରାଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ନିରୀକ୍ଷଣ, ନିମ୍ନାଞ୍ଚଳ ଅଣ୍ଡରପାସ୍‌ରେ ଡି-ୱାଟରିଂ ପମ୍ପ ମୁତୟନ ଏବଂ ଆବଶ୍ୟକସ୍ଥଳେ ଟ୍ରାଫିକ୍ ଡାଇଭର୍ସନ୍ ପାଇଁ ମଧ୍ୟ ପ୍ରସ୍ତୁତି ରହିଛି। ସୂଚନା ଯୋଗ୍ୟ ଯେ, ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଗତ ୬ ଘଣ୍ଟା ମଧ୍ୟରେ ଘଣ୍ଟାପ୍ରତି ୧୨ କିଲୋମିଟର ବେଗରେ ପଶ୍ଚିମ ଦିଗକୁ ଗତି କରିଛି। ଆଜି ସକାଳ ୫:୩୦ ଘଣ୍ଟା ସୁଦ୍ଧା ଏହା ଗୋପାଳପୁରଠାରୁ ୧୫୦ କିଲୋମିଟର ଦକ୍ଷିଣ ଦିଗରେ ରହିଛି। ଏହି ଗଭୀର ଅବପାତ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ଆଜି ରାତି ସୁଦ୍ଧା ବିଶାଖାପାଟଣା ଓ ଗୋପାଳପୁର ମଧ୍ୟରେ, କଳିଙ୍ଗପଟ୍ଟଣମ ନିକଟରେ ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏଥିପାଇଁ ରାୟଗଡ଼ା, କୋରାପୁଟ, ଗଜପତି ଓ ଗଞ୍ଜାମ ପାଇଁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ଏହି ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘଣ୍ଟା ପ୍ରତି ୫୦-୬୦ କିମି ବେଗରେ ପବନ ଏବଂ ଝଟକା ପବନ ଘଣ୍ଟା ପ୍ରତି ୭୦ କିମି ପର୍ଯ୍ୟନ୍ତ ହୋଇପାରେ। ସେହିପରି, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ମାଲକାନଗିରି, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର ଓ ବୌଦ୍ଧ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

## ପୌର ନିର୍ବାଚନ ପ୍ରସ୍ତୁତି: ପୁଣି ...

ନିର୍ଦ୍ଦେଶକଙ୍କ ନିକଟରେ ପହଂଚିବା ପରେ ନଭେମ୍ବର ୧୮ରୁ ୨୫ ମଧ୍ୟରେ ସରକାରୀ ସ୍ତରରେ ଶୁଣାଣି ସରି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏହାପରେ ସମସ୍ତ ଆବଶ୍ୟକ ସଂଶୋଧନ କରି ଆସନ୍ତା ନଭେମ୍ବର ୩୦ତାରିଖରେ ଜିଲ୍ଲାପାଳମାନେ ଚୂଡ଼ାନ୍ତ ବିଜ୍ଞପ୍ତି ଜାରି କରିବେ। ଅନ୍ୟପକ୍ଷରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ଭଳି ୪ଟି ମହାନଗର ନିଗମ ପାଇଁ ମଧ୍ୟ ସ୍ୱତନ୍ତ୍ର ସମୟସୂଚୀ ନିର୍ଦ୍ଧାରଣ କରାଯାଇଛି। ସମ୍ପୃକ୍ତ ମହାନଗର ନିଗମ କମିଶନରମାନେ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ପର୍କିତ ତଥ୍ୟ ନିର୍ଦ୍ଧାରିତ ଫର୍ମ-୧ ଓ ଫର୍ମ-୨ ସହ ସ୍କେଚ୍ ମ୍ୟାପ୍ ଆକାରରେ ଅକ୍ଟୋବର ୮ ସୁଦ୍ଧା ବିଭାଗ ନିକଟରେ ଦାଖଲ କରିବେ। ଏହା ଆଧାରରେ ସରକାରଙ୍କ ପକ୍ଷରୁ ଅକ୍ଟୋବର ୨୨ରେ ଚିଠା ବିଜ୍ଞପ୍ତି ପ୍ରକାଶ କରାଯିବ ଓ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଜନସାଧାରଣ ନିଜର ଆପତ୍ତି ଓ ପ୍ରସ୍ତାବ ଜଣାଇପାରିବେ। ପୌର ନିର୍ବାଚନ ପ୍ରକ୍ରିୟାର ଏହି ପ୍ରାରମ୍ଭିକ ପର୍ଯ୍ୟାୟ କାର୍ଯ୍ୟକୁ ସମୟବଦ୍ଧ ଓ ତ୍ରୁଟିଶୂନ୍ୟ ଭାବେ ଶେଷ କରିବା ପାଇଁ ସମସ୍ତ ମହାନଗର ନିଗମ କମିଶନର, ଜିଲ୍ଲାପାଳ ତଥା ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ସଂଶୋଧିତ କାର୍ଯ୍ୟସୂଚୀ ଅନୁସାରେ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଓଡ଼ିଶା ଡିଜିପି ...

ପୁଲିସ ଡିଜିପି ଚୟନ ପ୍ରକ୍ରିୟାରେ ପ୍ରକାଶ ସିଂ ମାମଲାର ମାର୍ଗଦର୍ଶିକା ଉଲ୍ଲଂଘନ, ବରିଷ୍ଠ ଆଇପିଏସ ଅଧିକାରୀ ସୁଶାନ୍ତ କୁମାର ନାଥଙ୍କ ସଚ୍ଚୋଟତା ପ୍ରମାଣପତ୍ର ପ୍ରତ୍ୟାହାର ଓ ମାତ୍ର ୪୮ ଘଣ୍ଟା ମଧ୍ୟରେ ଅସ୍ଥାୟୀ ଏକ୍ସ-କ୍ୟାଡ଼ର ଡିଜି ପଦବୀ ସୃଷ୍ଟି ପ୍ରସଙ୍ଗରେ ଆବେଦନକାରୀ ଓ ବରିଷ୍ଠ ଆମିକସ୍ କ୍ୟୁରି ରାଜୁ ରାମଚନ୍ଦ୍ରନ ନିଜର ବଳିଷ୍ଠ ଯୁକ୍ତି ଉପସ୍ଥାପନ କରି ରାଜ୍ୟ ସରକାରଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଥିଲେ। ଶୁଣାଣିର ପ୍ରାରମ୍ଭରେ ଆବେଦନକାରୀ ଜୟନ୍ତ ଦାସଙ୍କ ଓକିଲ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍ ଯୁକ୍ତି ବାଢ଼ି କହିଥିଲେ ଯେ, ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ପ୍ରସ୍ତୁତ ସଂଶୋଧିତ ମାର୍ଗଦର୍ଶିକା ଅନୁଯାୟୀ ଯଦି ଲେଭଲ-୧୬ ରେ ଯୋଗ୍ୟ ଅଫିସର ଉପଲବ୍ଧ ଥାଆନ୍ତି, ତେବେ ଲେଭଲ-୧୫ ବା ଏଡିଜି ସ୍ତରର ଅଧିକାରୀଙ୍କୁ ଡିଜିପି ଚୟନ ପ୍ୟାନେଲରେ ସାମିଲ କରିବାର ପ୍ରଶ୍ନ ହିଁ ଉଠୁନାହିଁ। ଓଡ଼ିଶାରେ ଲେଭଲ-୧୬ ଡିଜି ପାହ୍ୟାରେ ତିନି ଜଣ ଯୋଗ୍ୟ ଅଫିସର ଉପସ୍ଥିତ ଅଛନ୍ତି ଓ ପ୍ରକାଶ ସିଂ ଗାଇଡଲାଇନ୍ ଅନୁସାରେ ରାଜ୍ୟ ସରକାର ପ୍ରଥମେ ଏହି ୩ଜଣଙ୍କ ନାଁ ଡିଜିପି ଚୟନ ପାଇଁ ୟୁପିଏସସିଙ୍କ ନିକଟକୁ ପଠାଇଥିଲେ।ମାତ୍ର ପରେ ସେହି ତାଲିକାକୁ ବଦଳାଇ ୮ଜଣ ଏଡିଜିସ୍ତରର ଅଫିସରଙ୍କ ନାଁ ଯୋଡ଼ି ୧୧ଜଣିଆ ନୂଆ ତାଲିକା ପଠାଇଥିଲେ। ଯାହାକି ସମ୍ପୂର୍ଣ୍ଣ ବେଆଇନ। ସେହିପରି ୨୦୨୬ ଫେବୃଆରୀ ୯ ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ରାଜ୍ୟର ଅତିରିକ୍ତ ଏକ୍ସ-କ୍ୟାଡ଼ର ଡିଜି ପଦବୀ ସୃଷ୍ଟି ପ୍ରସ୍ତାବକୁ ସ୍ପଷ୍ଟ ପ୍ରତ୍ୟାଖ୍ୟାନ କରି କହିଥିଲା ଯେ କ୍ୟାଡ଼ର ନିୟମ ଅନୁସାରେ ଓଡ଼ିଶାରେ ସର୍ବାଧିକ ୪ଟି ଡିଜି ପଦବୀ ରହିପାରିବ। କିନ୍ତୁ ରାଜ୍ୟରେ ୫ଟି ଡିଜି ପଦବୀ ଥିବାବେଳେ ଅଗଷ୍ଟ ୮ରୁ ୧୦ତାରିଖ ମଧ୍ୟରେ ରାଜ୍ୟ ପ୍ରସ୍ତାବ ଦେବା ଓ କେନ୍ଦ୍ର ସରକାର ଦୁଇଟି ଅସ୍ଥାୟୀ ଏକ୍ସକ୍ୟାଡ଼ର ପଦବୀ ସୃଷ୍ଟି ପାଇଁ ମଞ୍ଜୁରୀ ଦେବା ଏବଂ ତା'ପରଦିନ ହିଁ ଦୁଇଜଣ ଏଡିଜି ପାହ୍ୟା ଅଫିସରଙ୍କ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯିବା ଏକ ପୂର୍ବପ୍ରସ୍ତୁତ ଷଡ଼ଯନ୍ତ୍ର ଛଡ଼ା ଆଉ କିଛି ନୁହେଁ ବୋଲି ଚିଦାମ୍ବରମ୍ ଯୁକ୍ତି ବାଢ଼ିଥିଲେ। ନିଜଆଡ୍ରୁ ସିବିଆଇକୁ ଚିଠି ଲେଖି ରାଜ୍ୟ ସରକାର ବିନା କୌଣସି ବଳିଷ୍ଠ ପ୍ରମାଣ ନଥାଇ ବରିଷ୍ଠ ଆଇପିଏସ୍ ସୁଶାନ୍ତ ନାଥଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟକୁ ରୋକିବା ମଧ୍ୟ ବେଆଇନ ବୋଲି ସେ କହିଥିଲେ। ଏହି ମୂଳ ମାମଲାର ଆବେଦନକାରୀ ପ୍ରକାଶ ସିଂଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଥିଲେ ଯେ, ଡିଜିପି ଚୟନକୁ ରାଜନୈତିକ ହସ୍ତକ୍ଷେପରୁ ମୁକ୍ତ ରଖିବା ପାଇଁ ସୁପ୍ରିମକୋର୍ଟ ପୂର୍ବରୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇସାରିଛନ୍ତି। ସୁଶାନ୍ତ କୁମାର ନାଥଙ୍କ ସଚ୍ଚୋଟତା ପ୍ରମାଣପତ୍ର ପ୍ରତ୍ୟାହାର ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ୨୦୧୨ ନଭେମ୍ବର ୨ର ଅଫିସ ମେମୋରେଣ୍ଡମ୍ ଓ ଜାନକୀରମଣ ମାମଲାର ରାୟକୁ ଉଲ୍ଲେଖ କରି ସେ କହିଥିଲେ ଯେ ଜଣେ ଅଫିସର ନିଲମ୍ବିତ ହୋଇନଥିଲେ, ଅବା ତାଙ୍କ ବିରୋଧରେ କୌଣସି ଚାର୍ଜସିଟ୍ ଦାଖଲ ହୋଇନଥିଲେ କିମ୍ବା ଫୌଜଦାରୀ ମାମଲା ବିଚାରଧୀନ ନଥିଲେ ତାଙ୍କର ସଚ୍ଚୋଟତା ପ୍ରମାଣପତ୍ର ରୋକିବା ସମ୍ପୂର୍ଣ୍ଣ ବେଆଇନ। ରାଜ୍ୟ ସରକାର ଅଗଷ୍ଟ ୩ ରେ ସିବିଆଇକୁ ପତ୍ର ଲେଖିବା, ଅଗଷ୍ଟ ୪ରେ ସିବିଆଇ ଜବାବ ଦେବା ଓ ଅଗଷ୍ଟ ୫ରେ ୟୁପିଏସସିକୁ ଚିଠି ଲେଖି ପ୍ରମାଣପତ୍ର ପ୍ରତ୍ୟାହାର କରାଯିବା ଦର୍ଶାଉଛି ଯେ ପସନ୍ଦର ଅଫିସରଙ୍କୁ ତାଲିକାରେ ଭର୍ତ୍ତି କରିବା ପାଇଁ ଏହି ସବୁ କରାଯାଇଛି।

## ନିର୍ବାଚନ କମିଶନରେ...

ନିର୍ବାଚନର ମୋଟ ୯୭ କୋଟି ଭୋଟରଙ୍କର ପ୍ରାୟ ୧୨.୪ ପ୍ରତିଶତ। ୨୦୨୪ ନିର୍ବାଚନରେ ଏନଡିଏ ଓ ବିରୋଧୀ ମେଣ୍ଟ ମଧ୍ୟରେ ଭୋଟ୍ ପ୍ରତିଶତର ବ୍ୟବଧାନ ମାତ୍ର ୨ ପ୍ରତିଶତ ଥିବା ବେଳେ ଏତେ ପରିମାଣର ନାମ ବାଦ୍ ପଡ଼ିବା ସନ୍ଦେହଜନକ ବୋଲି ସେ ଅଭିଯୋଗ କରିଛନ୍ତି। ଇଣ୍ଡିଆନ୍ ଏକ୍ସପ୍ରେସର ତଦନ୍ତମୂଳକ ରିପୋର୍ଟ ଅନୁଯାୟୀ, ନିର୍ବାଚନ କମିଶନର ଦୁଇ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ଗତ ୧୦ ମାସ ମଧ୍ୟରେ କମିଶନର ନିଷ୍ପତ୍ତି ବିରୋଧରେ ଅତି କମରେ ୧୪ ଥର ଅନୁପଚାରିକ ଓ ଲିଖିତ ଆପତ୍ତି ଉଠାଇଛନ୍ତି। ଦେଶର ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଚାଲିଥିବା ଏସଆଇଆର୍ ପ୍ରକ୍ରିୟାରେ ପ୍ରାୟ ୧୩ କୋଟି ଭୋଟରଙ୍କ ନାମ ପ୍ରାରମ୍ଭିକ ତାଲିକାରୁ ବାଦ୍ ଦିଆଯିବା ସମୟରେ ଏହି ମତଭେଦ ସାମ୍ନାକୁ ଆସିଛି।

ଗୁରୁବାର, ସେପ୍ଟେମ୍ବର ୨୪, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଚୋରା ମଦ ବେପାରୀଙ୍କୁ ସାବାଡ଼ କଲେ ଗ୍ରାମବାସୀ



ବାଲିଆପାଳ , ୨୩/୯ (ନି.ପ୍ର): ଭୋଗରାଇ ଥାନା ଅଧୀନ ଆଉସା ଛକରେ ଚୋରା ମଦ ବେପାରକୁ ନେଇ ତେଜିଲା ଅସନ୍ତୋଷ। ଦୀର୍ଘଦିନ ଧରି ଚାଲିଥିବା ଚୋରା ମଦ ବେପାରକୁ ନେଇ ଗ୍ରାମବାସୀ ଏବଂ ୫ଶହ ମହିଳାମାନଙ୍କ ମଧ୍ୟରେ ଥିବା ପୁଞ୍ଜିଭୂତ ଅସନ୍ତୋଷ ଆଜି ପ୍ରତିଫଳିତ ହୋଇଛି। ଶତାଧିକ ମହିଳା ଏକତ୍ରିତ ହୋଇ ଚୋରା ମଦ ବିକ୍ରିକୁ ବିରୋଧ କରିବା ସହ ମଦ ବୋତଲ ଭାଙ୍ଗିଛନ୍ତି। ଏପରିକି ମଦ ବେପାରୀଙ୍କୁ ମଧ୍ୟ ଗ୍ରାମବାସୀ ବିରୋଧ କରିଥିବା ଜଣାପଡ଼ିଛି।ଭୋଗରାଇ ଥାନା ଅଧୀନ ଆଉସା ଛକ। ଦିନ ଦିନ ଧରି ଚାଲିଥିବା ଚୋରା ମଦ ବେପାରକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବଢୁଥିଲା ଅସନ୍ତୋଷ। ବିଶେଷ କରି ମଦ ବେପାର ଯୋଗୁଁ ଗାଁର ପରିବେଶ ଖରାପ ହେଉଥିବା ଅଭିଯୋଗ କରି ଗ୍ରାମବାସୀ ଏବଂ ୫ଶହ ମହିଳାମାନେ ପୂର୍ବରୁ ପୋଲିସ ଓ ଅବକାରୀ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଥିବା କହିଛନ୍ତି।ତେବେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଚୋରା ମଦ ବେପାର ଉପରେ ରୋକ୍ ଲାଗୁନଥିବା ଅଭିଯୋଗ କରି ଆଜି ତାତି ଉଠିଥିଲେ ଗ୍ରାମବାସୀ। ଶତାଧିକ ମହିଳା ଏକତ୍ରିତ ହୋଇ ଚୋରା ମଦ ବେପାର ବିରୋଧରେ ମୁହାଁ ଖୋଲିଥିଲେ। ମଦ ବୋତଲ ଭାଙ୍ଗିବା ସହ ବେପାରୀଙ୍କୁ ମଦ ବିକ୍ରି ବନ୍ଦ କରିବାକୁ ଚେତାବନୀ ଦେଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ଆଉସା ଛକରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ତେବେ ଏହି ଘଟଣା ସମୟରେ ଘଟଣାସ୍ଥଳରେ ପୋଲିସ ପହଞ୍ଚିନଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଚୋରା ମଦ ବେପାର ଉପରେ ପ୍ରଶାସନ କେବେ ରୋକ୍ ଲଗାଇବ ଏବଂ ଗ୍ରାମବାସୀଙ୍କ ଅଭିଯୋଗ ଉପରେ କେବେ କାର୍ଯ୍ୟାନୁଷ୍ଠାନ ହେବ, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି।

# ୪୭ତମ ଆଇଏସ୍‌ପିପିଡି ସମ୍ମିଳନୀରେ ସୂର୍ଯ୍ୟକାନ୍ତା ଜୀଉଙ୍କୁ ଶିକ୍ଷାଗତ ଉତ୍କର୍ଷ ସମ୍ମାନ



ନୂଆଦିଲ୍ଲୀ, ୨୩/୯ (ନି.ପ୍ର): ଶିଶୁ ଦନ୍ତ ଚିକିତ୍ସା ଓ ପ୍ରତିଷେଧମୂଳକ ଦନ୍ତ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଶିକ୍ଷାଗତ ସଫଳତା ପାଇଁ ଡା. ସୂର୍ଯ୍ୟକାନ୍ତା ଜୀଉଙ୍କୁ ଜାତୀୟ ଶିକ୍ଷାଗତ ଉତ୍କର୍ଷ ସମ୍ମାନ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ଦ ଲୀଲା ହୋଟେଲ ଆଣ୍ଡ କନଭେନସନ ସେଣ୍ଟରରେ ଆୟୋଜିତ ୪୭ତମ ଆଇଏସ୍‌ପିପିଡି ସମ୍ମିଳନୀ-୨୦୨୬ ଅବସରରେ ସେପ୍ଟେମ୍ବର ୨୨ ତାରିଖରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଡା. ସୂର୍ଯ୍ୟକାନ୍ତା ଜୀଉ ଙ୍କୁ ଶିକ୍ଷା 'ଓ' ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ଶିଶୁ ଦନ୍ତ ଚିକିତ୍ସା ଓ ପ୍ରତିଷେଧମୂଳକ ଦନ୍ତ ଚିକିତ୍ସାରେ ସର୍ବାଧିକ ନମ୍ବର ହାସଲ କରିଥିବାରୁ ତାଙ୍କୁ ଏହି ଶିକ୍ଷାଗତ ଉତ୍କର୍ଷ ସମ୍ମାନ ପାଇଁ ଚୟନ କରାଯାଇଥିଲା। ସମ୍ମିଳନୀରେ ଭାରତୀୟ ଶିଶୁ ଓ ପ୍ରତିଷେଧମୂଳକ ଦନ୍ତ ଚିକିତ୍ସା ସମିତିର ସଭାପତି ଡା. ବାଲିଗା ଏବଂ ସଭାପତି-ନିର୍ବାଚିତ ଡା. ସୁଶାନ୍ତ ମହାନ୍ତିଙ୍କ ଉପସ୍ଥିତିରେ ଡା. ଜୀଉଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ନୂଆଦିଲ୍ଲୀ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ଡା. ବିଜୟ ମାଥୁର ଏବଂ ଡା. ଜ୍ଞାନେନ୍ଦ୍ର ସମ୍ମିଳନୀର ଆୟୋଜନ କମିଟିରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଡା. ସୂର୍ଯ୍ୟକାନ୍ତା ଜୀଉଙ୍କ ଏହି ସଫଳତା ତାଙ୍କର ଶିକ୍ଷାଗତ ଓ ବୃତ୍ତିଗତ ଜୀବନରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି। ଜାତୀୟସ୍ତରର ଏହି ସମ୍ମାନ ପାଇବା ପରେ ତାଙ୍କୁ gbK, i j Kcǿ a§âMbl gàbzêǗu _l eé@ô¦ ^ l gàbzûRYǗ-ǗAǒ l Wǖǜ RùY \ « PǖǒK bǜa gǵê \ « Pǖǒû _Zǘh] ckK\ « Pǖǒǜe RZǘÉeùe G_eò i¹Ǘj ǜf KeàǜeǗRy_ǗAñ c¤ ùMeae abd ùaǘ ǜZ _Ǘǜ _ǗAǒ

# 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନା ପାଇଁ ଯୁବ ସମ୍ମିଳନି





ଉଦଳା , ୨୩/୯ (ନି.ପ୍ର): କପ୍ତିପଦା ଆଇସିଡ଼ିଏସ ପକ୍ଷରୁ 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନାର ସଫଳ ରୂପାୟନ ଉଦେଶ୍ୟରେ ଏକ ବ୍ଲକ ସ୍ତରୀୟ ଯୁବ ସମ୍ମିଳନି ଚଳିତ ସେପ୍ଟେମ୍ବର ୨୧ ତାରିଖ ସୋମବାର ଦିନ ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ସାଧାରଣ ସଭା ସହିତ ଛାତ୍ର ଛାତ୍ରୀଙ୍କ ମଧ୍ୟରେ କୁଇଜ, ପୋଷ୍ଟର ନିର୍ମାଣ ଓ ତର୍କ ପ୍ରତିଯୋଗିତାର ପର୍ବ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ରାଉତ ସାଧାରଣ ସଭାରେ ଅଧ୍ୟକ୍ଷତା କରି ସମାଜରେ ପ୍ରଚଳିତ ଥିବା ବିଧି ବିଧାନରେ କନ୍ୟା ସନ୍ତାନ ମାନଙ୍କ ପ୍ରତି ଆଜି ମଧ୍ୟ ଅବିଚାର କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି ବୋଲି ବ୍ୟକ୍ତ କରିଥିଲେ । ସିଡ଼ିପିଓ କିତିନି ଲେୟାଙ୍ଗି ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଏବେ ମଧ୍ୟ ବହୁ ସଂଖ୍ୟାରେ ଝିଅ ପିଲା ଅଧାରୁ ପାଠପଢ଼ା ଛାଡ଼ି ଦେଉଥିବା ବେଳେ, କିଛି ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବାର ଦୃଶ୍ୟ ଦେଖିବାକୁ ମିଳୁଛି, ଯାହାକି ଖୁବ୍ ଦୁଃଖଦାୟକ ବିଷୟ ବୋଲି ବକ୍ତବ୍ୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ଼. ନିରଂଜନ ପାଠୀ, ପ୍ରାଧ୍ୟାପକ ଡ଼. ଫନି ଭୂଷଣ ପୁଥାଳ, ପ୍ରାଧ୍ୟାପିକା ଡ଼. ଶୁଭଦର୍ଶନି ମହାନ୍ତି ପ୍ରମୁଖ କନ୍ୟା ସନ୍ତାନ ମାନଙ୍କ ପ୍ରତି ଅବିଚାର ଏକ ବିକୃତ ମାନସିକତାର ପରିଚୟ ବୋଲି ବକ୍ତବ୍ୟରେ କହିଥିଲେ । ପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଲବ ଟୁଡୁ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ଅଧ୍ୟାପକ ଲଳିତ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପିକା ଡ଼. କମଳିନି ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ ପୁର୍ବକ କାର୍ଯ୍ୟକ୍ରମରେ ଯବନିକା ପକାଇଥିଲେ ।

# କୋଲକାତା ଏବଂ ଦିଲ୍ଲୀ ସମେତ ୧୭ଟି ସ୍ଥାନରେ ଇଡି ଚଢ଼ାଉ

ନୂଆଦିଲ୍ଲୀ,୨୩/୯ : ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସାରା ଦେଶରେ ଏକ ବଡ଼ ଏକକାଳୀନ ଅଭିଯାନରେ ଦିଲ୍ଲୀ, ବେଙ୍ଗାଲୁରୁ ଏବଂ କୋଲକାତା ସମେତ ୧୭ଟି ସ୍ଥାନରେ ମାରାଥନ ଚଢ଼ାଉ କରିଛି। ଏହି ଉଚ୍ଚସ୍ତରୀୟ ତଦନ୍ତର ଅଂଶ ସ୍ୱରୂପ, ବୁଧବାର ସକାଳେ କୋଲକାତାର ଜଣେ ପ୍ରମୁଖ ବ୍ୟବସାୟୀଙ୍କ ଘରେ ଇଡି ଅଧିକାରୀମାନେ ଅଚାନକ ଚଢ଼ାଉ କରିଛନ୍ତି।ରିପୋର୍ଟ ଅନୁଯାୟୀ, ଇଡି ଦଳ ଆଲିପୁରର ଜଣେ ବ୍ୟବସାୟୀଙ୍କ ବାସଭବନରେ ଏକ ସମ୍ପୂର୍ଣ୍ଣ ସନ୍ଧାନ ଏବଂ ଡକ୍ୟୁମେଣ୍ଟ ଯାଞ୍ଚ କରୁଛି। ଏହି ମାମଲାରେ ଲିଙ୍କଗୁଡ଼ିକୁ ସଂଯୋଗ କରି କୋଲକାତାର ବାଲିଗଞ୍ଜ ଅଞ୍ଚଳର ଅନ୍ୟ ଏକ ସ୍ଥାନରେ ଏକ ସମାନ୍ତରାଳ ଚଢ଼ାଉ ଚାଲିଛି।

# ଅବକାରୀ ସାଟେଲାଇଟ ଟିମର ଧଳା ଜହର ଜବତ: ଜଣେ ଅଭିଯୁକ୍ତ ଗିରଫ



ବୈଶିଙ୍ଗା , ୨୩/୯ (ନି.ପ୍ର): ଅବକାରୀ ବିଭାଗର ଜଳେଶ୍ୱରସ୍ଥିତ ସାଟେଲାଇଟ୍ ୟୁନିଟ୍ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ବ୍ରାଉନସୁଗାର ଜବତ କରାଯିବା ସହ ଏହି ବେଆଇନ କାରବାରରେ ଜଡ଼ିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବେତନଟୀ ବ୍ଲକ ଆମ୍ବଗଡ଼ିଆ ପଞ୍ଚାୟତ ବାମଡ଼ା ଗ୍ରାମର ୩୦ ବର୍ଷିୟ ସନ ସିଂ ।ମିଳିଥିବା ସୂଚନା ଅନୁଯାୟୀ ସନ ସିଂ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ରୁପ୍ସା ଓ ବେତନଟୀ ବ୍ଲକ ଅଞ୍ଚଳରେ ଯୋଗାଣ କରୁଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା । ଏହି ସୂଚନା ଆଧାରରେ ଜଳେଶ୍ୱରସ୍ଥିତ ସାଟେଲାଇଟ୍ ୟୁନିଟ୍‌ର ଇନ୍ସପେକ୍ଟର ଲକ୍ଷସାଧବ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତଙ୍କ ଗତିବିଧି ଉପରେ ନଜର ରଖି ଚଢ଼ାଉ କରିଥିଲା ।ଚଢ଼ାଉ ସମୟରେ ସନ ସିଂଙ୍କ ନିକଟରୁ ୪୮ ଗ୍ରାମ ଓଜନର ବ୍ରାଉନସୁଗାର ଜବତ ହୋଇଥିଲା । ଜବତ ଧଳାଜହରର ଆନୁମାନିକ ମୂଲ୍ୟ ପ୍ରାୟ ୪ ଲକ୍ଷ ୮୦ ହଜାର ଟଙ୍କା ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟରେ ହାଜର କରାଯାଇଛି । ଏହି ଆନ୍ତଃଜିଲ୍ଲା ଧଳାଜହର କାରବାର ପଛରେ ଥିବା ଅନ୍ୟ ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରି ଗିରଫ କରିବାକୁ ଦାବି ହେଉଛି । ଚଢ଼ାଉରେ ଅବକାରୀ ବିଭାଗ ସାଟେଲାଇଟ୍ ୟୁନିଟ୍‌ର ଏଏସ୍‌ଆଇ ବଳରାମ ବେହେରାଙ୍କ ସମେତ ମଧୁସ୍ମିତା ମହାନ୍ତ, ଜଗବନ୍ଧୁ ବାରିକ, ବିଶ୍ୱନାଥ ଭୋଇ ଓ ବରୁଣ କୁମାର ନାହାକ ପ୍ରମୁଖ ସାମିଲ ଥିଲେ ।

# ଶ୍ରୀରାମପୁର ଷ୍ଟେଟ ବ୍ୟାଙ୍କରୁ ଝରକା କାଟି ଚୋରି ଉଦ୍ୟମ





ବସ୍ତା, ୨୩/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଶ୍ରୀରାମପୁର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରୁ ଚୋରି ଉଦ୍ୟମ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ବ୍ୟାଙ୍କର ଝରକା କାଟି ଚୋରି କରିବାକୁ ଉଦ୍ୟମ କରିଥିବା ଜଣାପଡିଛି। ତେବେ ସକାଳ ସମୟରେ କିଛି ଲୋକ ରାସ୍ତା ରେ ଯାଉଥିବା ବେଳେ ବ୍ୟାଙ୍କର ଝରକା ଖୋଲା ଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ସ୍ଥାନୀୟ ଲୋକେ ପହଂଚି ବ୍ୟାଙ୍କର ବିଲଡିଂ ପଛ ପାଖ ଝରକା ଭାଙ୍ଗି ଲୁଟ ହୋଇଥିବା ଦେଖି ପୁଲିସ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ସହ ବ୍ୟାଙ୍କ କର୍ତ୍ତୃପକ୍ଷ ପହଂଚି ତଦନ୍ତ ପରେ ବ୍ୟାଙ୍କରୁ ଚୋରି ହୋଇ ନ ଥିବା ଜଣାପଡିଥିଲା। ଦୁର୍ବୃର୍ତ୍ତ ମାନେ ଝରକା ଭାଙ୍ଗି ଭିତରେ ପ୍ରବେଶ କରିବା ପରେ ବ୍ୟାଙ୍କର ଏଲାରାମ ବାଜିବା ଯୋଗୁଁ ଦୁର୍ବୃର୍ତ୍ତ ମାନେ ପଳାଇ ଯାଇଥିବା ଅନୁମାନ କରାଯାଉଥିବା ପୁଲିସ କହିଛି। ପ୍ରକାଶ ଥାଉ କି ଏହି ବ୍ୟାଙ୍କରୁ ପୂର୍ବରୁ ଚୋରି ହୋଇଥିଲା। ତେବେ ପ୍ରାଥମିକ ପର୍ଯ୍ୟାୟରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଲଘୁଚାପ ଯୋଗୁଁ ଅଶାନ୍ତ ସମୁଦ୍ର: ପାରାଦୀପ ବନ୍ଦରରେ ଆଶ୍ରୟ ନେଲେ ଆନ୍ଧ୍ର ପ୍ରଦେଶର ୨୮ ମତ୍ସ୍ୟଜୀବୀ ବୋଟ୍



ପାରାଦୀପ, ୨୩/୯ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଛି । ସମୁଦ୍ରରେ ବହୁ ଉଚ୍ଚ ଜୁଆର ସୃଷ୍ଟି ହେବାରୁ ଏହାକୁ ସାମ୍ନା କରି ପାରି ନାହାଁନ୍ତି ସମୁଦ୍ରକୁ ମାଛ ଧରିବାକୁ ଆସିଥିବା ଆନ୍ଧ୍ର ପ୍ରଦେଶର ୨୮ ଗୋଟି ମାଛଧରା ବୋଟ୍ । ସମୁଦ୍ର ଅଶାନ୍ତ ହେବାରୁ ମାଛଧରିବା ବିପଦପୂର୍ଣ୍ଣ ହୋଇଥିଲା । ଅନ୍ୟ ଉପାୟ ନପାଇ ଏହି ବୋଟ୍ ଚାଳକମାନେ ପାରାଦୀପ ବନ୍ଦରକୁ ଆଶ୍ରୟ ନେବାକୁ ଅନୁରୋଧ କରିଥିଲେ । ମାନବିକତାକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସେମାନଙ୍କୁ ବନ୍ଦର ପୋତାଶ୍ରୟକୁ ଆସିବାକୁ ଅନୁମିତ ଦେଇଥିଲେ । ପାରାଦୀପ ବନ୍ଦରର ଇକ୍ୟୁ-୧ ବର୍ଥରେ ସେମାନଙ୍କୁ ବର୍ଥିଙ୍ଗ କରିବାକୁ ଅନୁମତି ଦେଇଥିଲେ । ଏହା ପରେ ୨୮ଗୋଟି ଆନ୍ଧ୍ର ପ୍ରଦେଶର ମାଛଧରା ବୋଟ୍ ଇକ୍ୟୁ-୧ରେ ବର୍ଥିଙ୍ଗ କରିଛନ୍ତି । ଏହି ବୋଟ୍ ଗୁଡିକରେ ୨୪୮ଜଣ ମତ୍ସ୍ୟଜୀବୀ ଥିବା ନେଇ ପାରାଦୀପ ବନ୍ଦର ସୂତ୍ରରୁ ଜଣାପଡିଛି ।





# ବିଧାୟକ ମାନସ ଦତ୍ତଙ୍କ ପ୍ରଚେଷ୍ଟାରେ ୧୫ କୋଟି ଟଙ୍କାରେ ବାଲେଶ୍ୱରରେ ନିର୍ମାଣ ହେବ ଅତ୍ୟାଧୁନିକ ସାଇନ୍ସ ପାର୍କ



ବାଲେଶ୍ୱର, ୨୩/୯ (ନି.ପ୍ର): ବାଲେଶ୍ୱରର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନମନସ୍କତା, ଗବେଷଣାମୁଖୀ ଚିନ୍ତାଧାରା ଓ ଆଧୁନିକ ବିଜ୍ଞାନ-ପ୍ରଯୁକ୍ତିର ପ୍ରସାର ପାଇଁ ବାଲେଶ୍ୱରରେ ଏକ ଅତ୍ୟାଧୁନିକ ସାଇନ୍ସ ପାର୍କ ନିର୍ମାଣ କରିବା ନେଇ ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ। ବିଧାୟକଙ୍କ ଏହି ଦାବି ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ସକାରାତ୍ମକ ପଦକ୍ଷେପ ନିଆଯାଇଥିବା ବେଳେ ପ୍ରସ୍ତାବିତ ସାଇନ୍ସ ପାର୍କ ପାଇଁ ପ୍ରାୟ ୧୫ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା ରହିଥିବା ଜଣାପଡ଼ିଛି । ବିଧାନସଭାରେ ବିଧାୟକ ଶ୍ରୀ ଦତ୍ତ ପ୍ରଶ୍ନ କରିଥିଲେ ଯେ, ବାଲେଶ୍ୱର ଜିଲ୍ଲାରେ ଏକ ସାଇନ୍ସ ପାର୍କ ନିର୍ମାଣ ପାଇଁ ସରକାରଙ୍କ ନିକଟରେ କୌଣସି ପ୍ରସ୍ତାବ ରହିଛି କି ନାହିଁ, ଏବଂ ପ୍ରସ୍ତାବ ଥିଲେ ଏହାର କାର୍ଯ୍ୟାନ୍ୱୟନ ପାଇଁ କ'ଣ ପଦକ୍ଷେପ ନିଆଯାଇଛି ଓ କେବେ ସୁଦ୍ଧା ଏହାର କାର୍ଯ୍ୟ ଆରମ୍ଭ ହେବ ।ଏହାର ଉତ୍ତରରେ ମାନ୍ୟବର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କ ପକ୍ଷରୁ କୁହାଯାଇଛି ଯେ, ବାଲେଶ୍ୱର ଜିଲ୍ଲାରେ ସାଇନ୍ସ ପାର୍କ ପ୍ରତିଷ୍ଠା କରିବା ନିମନ୍ତେ ଆବଶ୍ୟକ ସର୍ବେକ୍ଷଣ ଓ ଜମି ଚିହ୍ନଟ ପ୍ରକ୍ରିୟା ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ କୁହାଯାଇଛି। ଏନେଇ ଜିଲ୍ଲା ପ୍ରଶାସନଙ୍କୁ ପୂର୍ବରୁ ପତ୍ର ଏବଂ ପରବର୍ତ୍ତୀ ସମୟରେ ଜରଙ୍କସଭୟରକ୍ୱ ମଧ୍ୟ ପ୍ରଦାନ କରାଯାଇଛି। ପ୍ରସ୍ତାବିତ ପ୍ରକଳ୍ପ ପାଇଁ ପ୍ରାୟ ୧୫ କୋଟି ଟଙ୍କାର ବ୍ୟୟ ଅଟକଳ ରହିଥିବା ମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ ହୋଇଛି। ବିଧାୟକ ଶ୍ରୀ ମାନସ କୁମାର ଦତ୍ତ କହିଛନ୍ତି, ବାଲେଶ୍ୱରରେ ଏକ ଅତ୍ୟାଧୁନିକ ସାଇନ୍ସ ପାର୍କ ନିର୍ମାଣ ବାଲେଶ୍ୱର ବାସୀଙ୍କ ଦୀର୍ଘଦିନର ଏକ ପ୍ରମୁଖ ଦାବି। ଏହି ସାଇନ୍ସ ପାର୍କ ବାଲେଶ୍ୱରର ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିର ନୂତନ ଜ୍ଞାନ ସହ ଯୋଡ଼ିବା ସହିତ ସେମାନଙ୍କ ମଧ୍ୟରେ ଗବେଷଣା ଓ ନବସୃଜନର ମନୋଭାବକୁ ଆହୁରି ଦୃଢ଼ କରିବ। ଏହା ବାଲେଶ୍ୱରର ଶିକ୍ଷା ଓ ବିଜ୍ଞାନ ଭିତ୍ତିଭୂମିକୁ ଏକ ନୂଆ ଦିଗ ପ୍ରଦାନ କରିବ ବୋଲି ବିଧାୟକ ମତପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ବିଜ୍ଞାନ ଓ ପ୍ରଯୁକ୍ତି ଆଜିର ଯୁବପିଢ଼ିର ଭବିଷ୍ୟତ ଗଠନର ଏକ ପ୍ରମୁଖ ଆଧାର। ଅତ୍ୟାଧୁନିକ ବିଜ୍ଞାନ ଭିତ୍ତିଭୂମି ଓ ପ୍ରୟୋଗାତ୍ମକ ଶିକ୍ଷାର ସୁଯୋଗ ମିଳିଲେ ବାଲେଶ୍ୱରର ଛାତ୍ରଛାତ୍ରୀ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନ କରିପାରିବେ। ଓଡ଼ିଶା ସରକାର ମଧ୍ୟ ବିଜ୍ଞାନ ଓ ପ୍ରଯୁକ୍ତିକୁ ଯୁବପିଢ଼ିର ଜ୍ଞାନ ଓ ନବସୃଜନ ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦେଉଛନ୍ତି । ବାଲେଶ୍ୱରର ବିକାଶ ଯାତ୍ରାରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ନଗର ଭିତ୍ତିଭୂମି ସହିତ ବିଜ୍ଞାନ ଓ ପ୍ରଯୁକ୍ତି ଭିତ୍ତିଭୂମିର ବିକାଶ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ହେବ ବୋଲି ବିଧାୟକ ଶ୍ରୀ ଦତ୍ତ ପ୍ରକାଶ କରିଛନ୍ତି। ଏହି ଅବସରରେ ବାଲେଶ୍ୱରରେ ସାଇନ୍ସ ପାର୍କ ନିର୍ମାଣ ଦିଗରେ ପଦକ୍ଷେପ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ମାନ୍ୟବର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ବିଧାୟକ ଶ୍ରୀ ମାନସ କୁମାର ଦତ୍ତ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି।

# ନ୍ୟୁୟର୍କରେ ଏସ୍ ଜୟଶଙ୍କରଙ୍କୁ ଭେଟିଲେ ନେପାଳର ବୈଦେଶିକ ମନ୍ତ୍ରୀ ଖନଲ

ନୂଆଦିଲ୍ଲୀ,୨୩/୯ :ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖନଲ ଆମେରିକାର ନ୍ୟୁୟର୍କରେ ମିଳିତ ଜାତିସଂଘର ୮୧ତମ ସାଧାରଣ ସଭା ଅବସରରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କୁ ଭେଟିଥିଲେ। ଏହି ବୈଠକରେ ନେପାଳର ବୈଦେଶିକ ମନ୍ତ୍ରୀ ଖନଲ ନିକଟରେ ନେପାଳରେ ହୋଇଥିବା ଭୟଙ୍କର ଭୋଟକୋଶି ବନ୍ୟା ପରେ ଭାରତ ସରକାର ଏବଂ ଜନସାଧାରଣଙ୍କୁ ସେମାନଙ୍କର ଏକତା ଏବଂ ଜରୁରୀ ସହାୟତା ପାଇଁ ଧନ୍ୟବାଦ ଜଣାଇଥିଲେ। ନେପାଳର ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଦୁଇ ମନ୍ତ୍ରୀ ବୈଠକ ସମୟରେ ନେପାଳ-ଭାରତ ସମ୍ପର୍କର ବିଭିନ୍ନ ଦିଗ ଏବଂ ପାରସ୍ପରିକ ସ୍ୱାର୍ଥର ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ନେପାଳ ଏବଂ ଭାରତ ମଧ୍ୟରେ ଦୀର୍ଘକାଳୀନ ଘନିଷ୍ଠ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଏବଂ ଦ୍ୱିପାକ୍ଷିକ ସହଯୋଗକୁ ଆଗକୁ ବଢ଼ାଇବା ଉପରେ ମଧ୍ୟ ସେମାନେ ଆଲୋଚନା କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida